ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୮ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 08 AUGUST 2020
Vol.No. 30 ■ No. 200■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No:
9437294587, 9438232419, 9437443950,
9937557158,9438317887
S d- P.C Bindhani
Chairman

ମୁଖ୍ୟ ଶାସନ ସଚିବ କଲେ ଅନ୍‌ଲାଇନ୍ ସେବା ବ୍ୟବସ୍ଥା ସଂପର୍କରେ ସମୀକ୍ଷା

ଭୁବନେଶ୍ୱର,୭।୮ (ନି.ପ୍ର): ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ଡିଜିଟାଲ୍ ମୋଡ୍‌ରେ ଏକ ଉଚ୍ଚସ୍ତରୀୟ ବୈଠକରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ଅନ୍‌ଲାଇନ୍ ସେବା ବ୍ୟବସ୍ଥା ସଂପର୍କରେ ସମୀକ୍ଷା କରିଛନ୍ତି । ସରକାରଙ୍କ ଧାର୍ଯ୍ୟ ତାରିଖ ୨ ଅକ୍ଟୋବର ୨୦୨୦ ପୂର୍ବରୁ ୫'ଟି' ସୂତ୍ର ଆଧାରରେ ଅର୍ଥ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, କ୍ରୀଡ଼ା ଓ ଯୁବସେବା ବିଭାଗ, ବିଜ୍ଞାନ ଓ କାରିଗରୀ ବିଭାଗ ବିଭିନ୍ନ 'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ' ଅନ୍‌ଲାଇନ୍ ଲେ ।କ ସେବା ପ୍ରଦାନ ବ୍ୟବ ସ୍ଥାକୁ କାର୍ଯ୍ୟକାରୀ କରିଛି; । ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ବିଭିନ୍ନ ବିଭାଗକୁ ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା (ଆଇଏଫ୍‌ଏମ୍‌ଏସ୍)ର ଏକକାଳୀନ ଦେୟ ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି

ରାଜ୍ୟ ପୋଲିସରେ ୯୦୫ଟି ପଦବୀର ରେସନାଲାଇଜକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

୨୨୦ ଥାନା ଏବଂ ୬ଟି ଫାଣ୍ଡି ଶକ୍ତିଶାଳୀ ହେବ, ୬ ନୂଆ ଥାନା ମଧ ସୃଷ୍ଟି ହେବ

ଭୁବନେଶ୍ୱର,୭।୮ (ନି.ପ୍ର): ରାଜ୍ୟ ପୋଲିସରେ ୯୦୫ଟି ପଦବୀ ରେସନାଲାଇଜେସନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି । ଏହାଦ୍ୱାରା ୨୧ଟି ଜିଲ୍ଲାର ୨୨୦ ଥାନା ଓ ୬ଟି ଫାଣ୍ଡିରେ ପୋଲିସ କର୍ମଚାରୀ ଆବଶ୍ୟକତା ପୂରଣ କରାଯାଇପାରିବ । ଲୋକଙ୍କୁ ଉତମ ପୋଲିସ ସେବା ମିଳିବାରେ ମଧ ଏହା ସହାୟକ ହେବ । ରାଜ୍ୟ ସରକାରଙ୍କ ଦୃଢ଼ ପଦକ୍ଷେପ ଓ ବିକାଶ କାର୍ଯ୍ୟକ୍ରମ ଯୋଗୁ ରାଜ୍ୟରେ ବାମପନ୍ଥୀ ଉଗ୍ରବାଦ କାର୍ଯ୍ୟକଳାପରେ ଉଲ୍ଲେଖନୀୟ ହ୍ରାସ ଘଟିଛି । ତେଣୁ ପରିବର୍ତିତ ପରିସ୍ଥିତିରେ ଆବଶ୍ୟକତା ଭିତିରେ ପୋଲିସ ବିଭାଗର ରେସନାଲାଇଜେସନ କରି ଥାନା ଓ ଫାଣ୍ଡି ଗୁଡ଼ିକୁ ଶକ୍ତିଶାଳୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ଏକ ସମୀଡ଼ା ବୈଠକରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଆଦେଶ ଦେଇଥିଲେ । ସେହିପରି ରାଜ୍ୟର ବିଭିନ୍ନ ଜିଲ୍ଲାର ୬ଟି ଥାନାକୁ ଭାଗ କରି ୬ଟି ନୂଆ ଥାନା ସୃଷ୍ଟି କରିବା ପାଇଁ ମଧ୍ୟ ଏହି ରେସନାଲାଇଜେସନ ସହାୟକ ହେବ । ଏହାଦ୍ୱାରା ସେହି ଅଂଚଳର ଲୋକଙ୍କୁ ପୋଲିସ ଅଧିକ ଦକ୍ଷତାର ସହ ସେବା ଯୋଗାଇବା ସହିତ ଅପରାଧ ନିୟନ୍ତ୍ରଣ ଦିଗରେ ମଧ ସଫଳତାର ସହ ଦାୟିତ୍ୱ ନିର୍ବାହ କରିପାରିବ । ଦୁଇଭାଗ ହୋଇଥିବା ଥାନା ଗୁଡ଼ିକ ହେଲା - ଭୁବନେଶ୍ୱର-ଖଣ୍ଡଗିରି ଥାନା, ଭଦ୍ରକ - ତିହିଡ଼ି ଥାନା, ଭଦ୍ରକ - ଭଦ୍ରକ ଗ୍ରାମାଂଚଳ ଥାନା, ଗଂଜାମ - ଭଂଜନଗର ଥାନା, ଝାରସୁଗୁଡ଼ା - ଝାରସୁଗୁଡ଼ା ଥାନା, ଅନୁଗୁଳ - ଅନୁଗୁଳ ଥାନା । ନୂତନ ପଦବୀକୁ ଅନୁମୋଦନ ପରେ କୃତଜ୍ଞତା ଜଣାଇଲେ ପୋଲିସ ଡିଜି କଟକ, ୦୭ ଅଗଷ୍ଟ - ରାଜ୍ୟ ପୁଲିସରେ ୯୦୫ଟି ନୂଆ ପଦବୀକୁ ଅନୁମୋଦନ ମିଳିବା ପରେ ପୁଲିସ ମହାନିର୍ଦ୍ଦେଶକ ଅଭୟ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ 'ଓଡ଼ିଶାର ୨୨୦ ପୁଲିସ୍ ଷ୍ଟେସନ୍ ପାଇଁ ୯୦୫ ପଦବୀ ମଞ୍ଜୁର ପାଇଁ ଆମେ ଗଭୀର ଭାବେ କୃତଜ୍ଞ । ଏହା ଆମକୁ ଅପରାଧ ନିୟନ୍ତ୍ରଣ କରିବାରେ ଏବଂ ଓଡ଼ିଶାର ଅଧିବାସୀଙ୍କୁ ସେବା ପ୍ରଦାନରେ ଉନ୍ନତି ଆଣିବାରେ ସାହାଯ୍ୟ କରିବ ।'

ରାଜ୍ୟରେ ଆଜି ସୁସ୍ଥ ହେଲେ ୧୮୧୦ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୭।୮ (ନି.ପ୍ର): ରାଜ୍ୟରେ ଶୁକ୍ରବାରା ଦିନ ରେକର୍ଡ଼ ସଂଖ୍ୟକ ୧୮୧୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହା ସହିତ ରାଜ୍ୟରେ ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୨୮,୬୯୭ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଗଂଜାମରୁ ସର୍ବାଧିକ ୭୦୦, ଖୋର୍ଦ୍ଧାରୁ ୨୦୨ ଓ କଟକ ଜିଲ୍ଲାରୁ ୧୪୭ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ଗଜପତି ଜିଲ୍ଲାରୁ ୧୩୬, ଢ଼େଙ୍କାନାଳ ଜିଲ୍ଲାରୁ ୧୧୬ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୦୬ ଜଣ ସୁସ୍ଥ ହୋଇଛନ୍ତି । ଅନୁରୂପ ଭାବେ ସମ୍ବଲପୁର ଜିଲ୍ଲାରୁ ୬୨, ରାୟଗଡ଼ା ଜିଲ୍ଲାରୁ ୫୫, କେନ୍ଦୁଝର ଜିଲ୍ଲାରୁ ୩୭ ଓ ଅନୁଗୋଳ ଜିଲ୍ଲାରୁ ୩୪ ଜଣ ସୁସ୍ଥ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି । କଳାହାଣ୍ଡି ଜିଲ୍ଲାରୁ ୨୪, କୋରାପୁଟ ଜିଲ୍ଲାରୁ ୨୨, ଯାଜପୁର ଜିଲ୍ଲାରୁ ୨୦, ବରଗଡ଼ ଜିଲ୍ଲାରୁ ୧୯ ଓ ବାଲେଶ୍ୱର ଜିଲ୍ଲାରୁ ୧୭ ଜଣ ସୁସ୍ଥ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧୫, ମୟୁରଭଂଜ ଜିଲ୍ଲାରୁ ୧୫, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୪, ଦେବଗଡ଼ ଓ ନବରଙ୍ଗପୁରରୁ ୧୧-୧୧ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ଭାବେ ଜଗତସିଂହପୁର ଓ ଝାରସୁଗୁଡ଼ାରୁ ୮-୮ ଜଣ, ପୁରୀରୁ ୬ ଜଣ, ବୌଦ୍ଧରୁ ୫, ସୋନପୁରରୁ ୪ ଓ ମାଲକାନଗିରିରୁ ୩ ଜଣ ସୁସ୍ଥ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି ।

ସ୍କିମ ଶ୍ରମିକ ମାନଙ୍କର ଦେଶବ୍ୟାପୀ ଧର୍ମଘଟ

ଭୁବନେଶ୍ୱର ୦୭ ଅଗଷ୍ଟ - ସ୍କିମ ଶ୍ରମିକ କୋଅର୍ଡିନେସନ ଭୁବନେଶ୍ୱର କମିଟି ତରଫରୁ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍ ଛକ ଠାରେ ଧର୍ମଘଟ ପ୍ରତିବାଦ, ବିକ୍ଷୋଭର ଆୟୋଜନ କରା ଯାଇ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଶ୍ରମମନ୍ତ୍ରୀଙ୍କୁ ଓଡିଶାର ରାଜ୍ୟପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବି ପତ୍ରରେ କୁହା ଯାଇଛି ଯେ ସ୍ୱାସ୍ଥ୍ୟସେବା ସମେତ ଆଗଧାଡିରେ କାମ କରୁଥିବା କୋଭିଡ-୧୯ ର ସମସ୍ତ ଯୋଦ୍ଧା ମାନଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ସମସ୍ତ ଆବଶ୍ୟକୀୟ ସରଞ୍ଜାମ ଯୋଗାଇବା ସହ ନିୟମିତ ବ୍ୟବଧାନରେ ଟେଷ୍ଟ କରିବା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଉ ।ସେହିପରି ଆଗଧାଡିରେ କାମ କରୁଥିବା ସମସ୍ତ ସ୍ୱାସ୍ଥ୍ୟକର୍ମୀ ଏବଂ କୋଭିଡ-୧୯ ଯୋଦ୍ଧାମାନଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର ବୀମା ଯୋଗାଇ ଦିଆ ଯିବା ପାଇଁ ଦାବି କରା ଯାଇଛି । ସ୍ୱାସ୍ଥ୍ୟସେବା ପାଇଁ କେନ୍ଦ୍ରୀୟ ଓ ରାଜ୍ୟ ବଜେଟ୍‌ରେ ଶତକଡା ୬ଭାଗ ବ୍ୟୟ ବରାଦ କରିବା ସହ ଆଇ.ସି.ଡି.ଏସ୍, ଏନ.ଏଚ୍.ଏମ୍ ଏବଂ ଏମ୍.ଡି.ଏମ୍.ଏସ୍. ଇତ୍ୟାଦିକୁ ନିରନ୍ତର ଚଳାଇ ରଖିବାର ବ୍ୟବସ୍ଥା କରାଯିବ. ୪୫ ଓ ୪୬ ତମ ଆର୍ନ୍ତଜାତୀୟ ଶ୍ରମ ସମ୍ମିଳନୀର ସୁପାରୀଶକୁ କାର୍ଯ୍ୟକାରୀ କରି ସମସ୍ତ ସ୍କିମ୍ ଶ୍ରମିକମାନଙ୍କୁ ମାସିକ ମଜୁରୀ ୨୧ହଜାର ଟଙ୍କା, ପେନ୍‌ସନ ୧୦ହଜାର ଟଙ୍କା, ପି.ଏଫ୍. ଓ ଇ.ଏସ୍.ଆଇ ଅନ୍ତର୍ଭୁକ୍ତ କରି ସ୍ଥାୟୀ ନିଯୁକ୍ତି ଦିଆଯିବାକୁ ଦାବି କରା ଯାଇଛି । ସେହିପରି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଓ ଅଙ୍ଗନୱାଡି କର୍ମୀ ବୀମା ଯୋଜନା ଇତ୍ୟାଦିକୁ ସଂପ୍ରସାରଣ କରି ସମସ୍ତ ସ୍କିମ୍ ଶ୍ରମିକମାନଙ୍କୁ ସାମିଲ କରାଯିବା କୋଭିଡ-୧୯ ପାଇଁ କାର୍ଯ୍ୟରତ ସମସ୍ତ ସ୍କିମ୍‌ଶ୍ରମିକମାନଙ୍କୁ ବିପଜ୍ଜନକ ସ୍ଥିତିରେ କାମ କରୁଥିବାରୁ ଆପତକାଳିନ ସ୍ୱରୂପ ୧୦ହଜାର ଟଙ୍କା ଅତିରିକ୍ତ ଭାବରେ ଯୋଗାଇ ଦିଆଯିବା ତଥା କୋଭିଡ-୧୯ରେ ଡିଉଟି କରି ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥିବା ସ୍କିମ୍ ଶ୍ରମିକ ମାନଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଦେବାକୁ ଦାବି କରା ଯାଇଛି । କୋଭିଡ-୧୯ମହାମାରୀ ଆମ ଦେଶରେ ବ୍ୟାପିବାରେ ଲାଗିଛି ଏବଂ ଏହାକୁ

▶▶ପୃଷ୍ଠା ୭

ରାଜ୍ୟରେ ଆଉ ୧୨ ଜଣଙ୍କର କରୋନାରେ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୨୪୭ ହେଲା

ଭୁବନେଶ୍ୱର, ୦୭ ଅଗଷ୍ଟ – ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୨ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୨୪୭ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ତିନି ତିନି ଜଣ ଗଂଜାମ ଓ ସୁନ୍ଦରଗଡ ଜିଲ୍ଲାର ହୋଇଥିବା ବେଳେ ଭଦ୍ରକ, ସମ୍ବଲପୁର, ମୟୁରଭଂଜ କେନ୍ଦ୍ରାପଡା, ଢେଙ୍କାନାଳ ଓ ଗଜପତି ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୟୁରଭଂଜ ଜିଲ୍ଲାର ୫୫ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ସେହିପରି କେନ୍ଦ୍ରାପଡା ଜିଲ୍ଲାର ଜଣେ ୩୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ କ୍ରୋନିକ କିଡନୀ ରୋଗରେ ପୀଡିତ ଥିଲେ । ସମ୍ବଲପୁର ଜିଲ୍ଲାର ଜଣେ ୭୮ ବର୍ଷୀୟା ମହିଳା

▶▶ପୃଷ୍ଠା ୭

ଆଜି ଭୁବନେଶ୍ୱରରୁ ୧୦୧ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ, ସ୍ଥାନୀୟ ସଂକ୍ରମଣ ୪୯ ଜଣ

ଭୁବନେଶ୍ୱର, ୦୭ ଅଗଷ୍ଟ – ରାଜଧାନୀ ଭୁବନେଶ୍ୱରରୁ ଆଜି ୧୦୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୫୨ ଜଣ ସଂଗରୋଧରୁ ଚିହ୍ନଟ ହୋଇଥିବା ବେଳେ ୪୯ ଜଣ ହେଉଛନ୍ତି ସ୍ଥାନୀୟ ସଂକ୍ରମଣ । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ଭୁବନେଶ୍ୱରରୁ ଏପର୍ଯ୍ୟନ୍ତ ୩୫୭୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରୁ ୨୨୫୭ ଜଣ ସୁସ୍ଥ ହୋଇଥିବା ବେଳେ ୧୨୯୬ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ୧୮ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି ।

୧୧ ତାରିଖ ଯାଏଁ ରାଜ୍ୟର ଅନେକ ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ଆଶଙ୍କା

ଭୁବନେଶ୍ୱର,୭।୮ (ନି.ପ୍ର): ଶନିବାର ଠାରୁ ଆଗାମୀ ୧୧ ତାରିଖ ଯାଏଁ ରାଜ୍ୟର ଅନେକ ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କାର୍ଯ୍ୟାଳୟ । ସେହିପରି ଆସନ୍ତା ୪୮ଘଂଟା ମଧରେ ରାଜ୍ୟର ତିନିଟି ଜିଲ୍ଲାରେ ପ୍ରବଳ ବର୍ଷା ଓ ଦଶରୁ ଊର୍ଦ୍ଧ୍ୱ ଜିଲ୍ଲାରେ ବଜ୍ରପାତ ସମ୍ଭାବନା ରହିଛି ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହା ଯାଇଛି । ଜଗତସିଂହପୁର, ପୁରୀ, ଗଞ୍ଜାମ ଓ ସୁନ୍ଦରଗଡ଼ ଜିଲ୍ଲାରେ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ଅନୁମାନ କରା ଯାଇଛି । କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୁରଭଞ୍ଜ, କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର ଆଦି ଜିଲ୍ଲାକୁ ସତର୍କ କରାଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଆସନ୍ତା ଅଗଷ୍ଟ ୯ରୁ ୧୦ ତାରିଖ ମଧରେ କନ୍ଧମାଳ, ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି, ଗଞ୍ଜାମ, ନୂଆପଡ଼ା, ରାୟଗଡ଼ା, ଗଜପତି, ପୁରୀ, ବରଗଡ଼, ସୋନପୁର ଓ ସମ୍ବଲପୁର ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏଥିରେ ୧୦ରୁ ୧୧ତାରିଖ ମଧରେ କଳାହାଣ୍ଡି, କନ୍ଧମାଳ, କୋରାପୁଟ, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, ନୟାଗଡ଼, ନବରଙ୍ଗପୁର, ଗଞ୍ଜାମ, ମାଲକାନଗିରି, ପୁରୀ, ଖୋର୍ଦ୍ଧା, ସୋନପୁର, ସମ୍ବଲପୁର ଓ ଅନୁଗୁଳ ଆଦି ଜିଲ୍ଲାକୁ ବି ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅଗଷ୍ଟ ୧୧ରୁ ୧୨ ତାରିଖ ଯାଏଁ ପ୍ରବଳ ବର୍ଷା ପାଇଁ ବରଗଡ଼, ନୂଆପଡ଼ା, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଓ ମାଲକାନଗିରି ଆଦି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

୧୬ ନଂ ଜାତୀୟ ରାଜପଥ ଜରକା ରଥିଆ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା

ଟ୍ରକ ପଛକୁ ଧକ୍କା କାର : ଘଟଣାସ୍ଥଳରେ ୩ ବଙ୍ଗୀୟ ଯୁବକ ମୃତ,୨ ଗୁରୁତର

ଧର୍ମଶାଳା,୭ଅଗଷ୍ଟ(ହି.ସ.) : ୧୬ ନମ୍ବର ଜାତୀୟ ରାଜପଥ ନେଲା ଜୀବନ । ଆଜି ଭୋରୁ ଅକାଳରେ ଝଡି ପଡିଲା ୩ ଜୀବନ । ଆଜି ଭୋରୁ ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ନିକଟସ୍ଥ ରଥିଆଠାରେ ଥିବା ଫଗୁ ଢାବା ନିକଟରେ । ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକ ପଛ ପଟକୁ ଧକ୍କା ଦେଲା ମାରୁତି ସୁଇଫଟ୍ ଡିଜେଆର କାର । ଫଳରେ ଘଟଣାସ୍ଥଳରେ ୩ଜଣ ବଙ୍ଗୀୟ ଯୁବକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଆହତଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତରିତ କରାଯାଇଛି । ସେମାନଙ୍କ ମଧ୍ୟରୁ ଜଣେ ମହିଳା ଥିବା ଜଣାପଡିଛି । ଭୁବନେଶ୍ୱରରୁ କୋଲକାତା ଫେରୁଥିବା ବେଳେ ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଥିଲା । ଡ୍ରାଇଭର ଆଖି ଲାଗି ଯାଇଥିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଧର୍ମଶାଳା ପୁଲିସ ଘଟଣାସ୍ଥଳରେ ପଂହଚି ଟ୍ରକ ପଛରୁ ଗ୍ୟାସ କଟର ଓ ଜେସିବି ଦ୍ୱାରା କାରକୁ ବାହାର କରାଯାଇ କାର ଭିତରୁ ସେମାନଙ୍କୁ ଉଦ୍ଧାର କରିଥିଲା ।

ପୁରୀସ୍ଥିତ କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଇସିୟୁ ବ୍ୟବସ୍ଥା ଆରମ୍ଭ

ଭୁବନେଶ୍ୱର,୭।୮ (ନି.ପ୍ର): କୋଭିଡ୍-୧୯ ବିରୁଦ୍ଧରେ ସଂଗ୍ରାମରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଦୃଢ଼ୀଭୂତ କରିବା ଲକ୍ଷ୍ୟରେ ପୁରୀସ୍ଥିତ କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଇସିୟୁ ବ୍ୟବସ୍ଥା ଆରମ୍ଭ ହୋଇଛି । ଏହାକୁ କାର୍ଯ୍ୟକ୍ଷମ କରିବା ଦିଗରେ ଏସ୍‌ସିବି ମେଡିକାଲ କଲେଜ୍ ଓ ହସ୍‌ପିଟାଲ୍, କଟକର ବିଶେଷଜ୍ଞମାନେ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନେ ସହାୟତା କରିଛନ୍ତି ।

ମେଡିକାଲ୍ ଛାତ୍ରଛାତ୍ରୀଙ୍କ ବାର୍ଷିକ ଦେୟ ଛାଡ କରନ୍ତୁ ସରକାର : ମେଡିଭିଜନ୍

ଭୁବନେଶ୍ୱର, ୦୭ ଅଗଷ୍ଟ - କୋରନା ର ସାଂପ୍ରତିକ ପରିସ୍ଥିତରେ ଶିକ୍ଷା ବ୍ୟବସ୍ଥା ଭୁସୁଡି ପଡିଛି ଓ ସାଧାରଣ ଛାତ୍ର ଉପରେ ପ୍ରଭାବ ପକାଇଛି । ମେଡିକାଲ୍‌ରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମଧ ଚାପ ପକାଇଛି ।ଏହି ପରିସ୍ଥିତିରେ ସାଧାରଣ ଗରିବ ମେଡିକାଲ୍ ଛାତ୍ରଛାତ୍ରୀଙ୍କ ପାଇଁ ବାର୍ଷିକ ଦେୟ ଦେବା କଷ୍ଟଦାୟକ ହୋଇଯାଇଛି । ତେଣୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ର ମେଡିକାଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଆୟାମ ମେଡିଭିଜନ ତରଫରୁ ଦେୟ ଛାଡ ପାଇଁ ରାଜ୍ୟପାଳ , ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ , ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ଦାବି ପତ୍ର ପ୍ରଦାନ କରାଯାଇଛି ।ଏହି ଦାବି ପତ୍ରରେ ଗୁଗୁଲ୍ ଫର୍ମ ମାଧ୍ୟମରେ ୨୩୯୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀଙ୍କର ସ୍ୱାକ୍ଷର ନିଆଯାଇଛି ।୯୭.୯ % ଛାତ୍ରଛାତ୍ରୀ ବାର୍ଷିକ ଦେୟ ଛାଡ ଦାବି ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି ।ସମସ୍ତ ଛାତ୍ରସଂସଦର ସଭାପତି ଯଥା ଏମକେସିଜି ର ଆଶିଷ କୁମାର ମହାପାତ୍ର , ଏସ୍‌ସିବି ମେଡିକାଲକଲେଜ୍ ର ବିଶ୍ୱଜିତସାହୁ , ଭିମସାର୍ ର ସୁରଜ ଦଣ୍ଡପତ , ପିଆର୍‌ଏମ ମେଡିକାଲ୍ କଲେଜ୍‌ର ଅରବିନ୍ଦ ପ୍ରସାଦ , ଏସେଲେନ ମେଡିକାଲ କଲେଜ୍ ର ଦେବବ୍ରତ ବେହେରା , ଓ ଏଫ୍‌ମ୍ ମେଡିକାଲ କଲେଜ୍ ର ପ୍ରଭାତ କୁମାର ଦାସ ଓ ଏସ୍‌ବିଏମ୍ ମେଡିକାଲ୍‌କଲେଜ୍ ର ଅନିମେଶ ଦାସଏହି ଦାବିକୁସମର୍ଥନ ଜଣାଇଛନ୍ତି ।

କରୋନା ନିୟନ୍ତ୍ରଣ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ : ସନ୍ତୋଷ ସିଂ ସାଲୁଜା

ଭୁବନେଶ୍ୱର, ୦୭ ଅଗଷ୍ଟ (ହି.ସ.) - ରାଜ୍ୟରେ କରୋନାକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ, କରୋନା ପରିଚାଳନା ସଠିକ୍ ଭାବେ ହେଉନାହିଁ । ରୋଗୀମାନଙ୍କୁ ଯେଉଁଭଳି ଭାବରେ ଚିକିତ୍ସା ସହ ଖାଦ୍ୟ ବ୍ୟବସ୍ଥା କରାଯିବା କଥା ତାହା କରାଯାଉନାହିଁ । ଭୁଲ ଟେଷ୍ଟିଂ ରିପୋର୍ଟ ଦେଇ ଲୋକମାନଙ୍କ ମନରେ ଭୟ ସୃଷ୍ଟି କରାଯାଉଛି । ଏଥିରେ ସାଧାରଣ ଲୋକମାନଙ୍କର ମାନସିକ ଦୁଃଶ୍ଚିନ୍ତା ବଢ଼ିଯାଇଛି । ସଚିବାଳୟରେ କୌଣସି ଅଧିକାରୀ ନାହାନ୍ତି । କାଁ ଭାଁ ଅଧିକାରୀ ରହିଛନ୍ତି । ପିଅନ ମାନେ ବୁଲୁଛନ୍ତି । ଏହି କରୋନା ସମସ୍ୟା ନେଇ ବୁଝିବାକୁ ଗଲା ବେଳକୁ ସେଠାରେ କୌଣସି ଅଧିକାରୀ ମାନଙ୍କୁ ଦେଖିବାକୁ ମିଳୁନାହିଁ ବୋଲି ସେ କହିଛନ୍ତି । ଅନ୍ୟ ଏକ ଅଭିଯୋଗରେ କହିଛନ୍ତି ଯେ, ବିଶେଷ କରି ପଶ୍ଚିମ ଓଡ଼ିଶାର ପ୍ରବାସୀ ଶ୍ରମିକମାନେ ପୁନର୍ବାର ବାହାର କାମକୁ ଯିବା ପାଇଁ ଆରମ୍ଭ କରିଛନ୍ତି । ଏହି ପ୍ରବାସୀ ଶ୍ରମିକ ମାନଙ୍କ ପାଇଁ କାର୍ଯ୍ୟ ଯୋଗାଇ ଦିଆଯିବ ବୋଲି ସରକାର ଡିଣ୍ଡିମ ପିଟୁଥିଲା ବେଳେ ପ୍ରକୃତରେ ତାଙ୍କୁ କାମ ଦେବା ଏବଂ ରାଜ୍ୟ ସରକାର କରୋନାକୁ ସଠିକ୍ ଭାବରେ ସୁପରିଚାଳନା କରିବା ପାଇଁ ସେ ଦାବି କରିଛନ୍ତି ।

ଭୁବନରେ ସ୍ଥାୟୀ ତହସିଲଦାର କିମ୍ବା କୋଭିଡ ନିୟନ୍ତ୍ରଣ ନିଯୁକ୍ତି ପାଇଁ ଦାବି

ଭୁବନ,୦୭।୮ (ନି.ପ୍ର): ଭୁବନ ତହସିଲାର ତଥା ଏକଜ୍ୟୁକୁଟିଭ ମାଜିଷ୍ଟ୍ରେଟ ଶକ୍ତିକାନ୍ତ ରାୟ ଗଂଜାମ ଜିଲ୍ଲାକୁ ବଦଳି ହୋଇ ଯିବାର ମାସେ ବିତିଯାଇଥିବା ବେଳେ ଅଦ୍ୟାବଧି ତହସିଲଦାର ଭାବେ କେହି ଜଏନ କରିନାହାନ୍ତି । ଭୁବନ ତହସିଲର ଜନୈକ କର୍ମଚାରୀ କରୋନାରେ ପୀଡିତ ହୋଇ କୋଭିଡ ହସପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ସଂପର୍ଶରେ ଆସିଥିବା ବହୁ କର୍ମଚାରୀ ଓ ସାଧାରଣ ଜନତା ଏବେ ପ୍ରମାଦ ଗଣୁଛନ୍ତି । ପୂର୍ବତନ ତହସିଲଦାର ଶ୍ରୀଯୁକ୍ତ ରାୟ ସକାଳ ୬ ଘଟିକା ଠାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ କୋଭିଡ ନିୟନ୍ତ୍ରଣରେ ବ୍ୟସ୍ତ ରହୁଥିବା ବେଳେ ସେ ମହାଶୟ ଏଠାରୁ ଯିବା ପରେ ପ୍ରଶାସନ ଏକଦମ ସ୍ଥାଣୁ ପାଲଟିଯାଇଛି । ଭୁବନରେ ଏବେ ୪୦ ରୁ ଉର୍ଦ୍ଧ୍ୱ କରୋନା ସଂକ୍ରମିତ ବ୍ୟକ୍ତି ଚିହ୍ନଟହୋଇଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ଢେର ଅଧିକ ହେବ ଏବଂ ଗୋଷ୍ଠୀ ସଂକ୍ରମଣ ଆଶଙ୍କା କୁ ଏଡାଇ ଦେଇହେବ ନାହିଁ । ସ୍ଥିତ ଦେଖି ନିଷ୍ପତି ନେବାକୁ ସରକାର ସ୍ଥାନୀୟ ପ୍ରଶାସନକୁ ଦାୟିତ୍ୱ ଦେଇଥିବା ବେଳେ ପ୍ରଶାସନ ଠିକ ଢଙ୍ଗରେ କାର୍ଯ୍ୟ କରୁନଥିବା ଦୃଷ୍ଟିଗୋଚର ହେବା ସହ ବହୁ ଅଭିଯୋଗ ମଧ ମିଳୁଛି । କରୋନା ଭୟରେ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ମାନେ ଘରେ ରହି ବିଭିନ୍ନ ପରାମର୍ଶ ଦେଉଥିବା ବେଳେ କୋଭିଡ ନିୟନ୍ତ୍ରଣ କାର୍ଯ୍ୟ କରିବା କିମ୍ବା ଏହି କାର୍ଯ୍ୟକୁ ମନିଟରିଙ୍ଗ କରିବା ଅଧିକାରୀ ନାହାନ୍ତି । ଭୁବନବାସୀ ଏବେ ଭଗବାନ ଙ୍କ ଭରସାରେ ରହିବାକୁ ବାଧ ହେଉଛନ୍ତି । ଯଥାଶୀଘ୍ର ଭୁବନ ରେ ଜଣେ ସ୍ଥାୟୀ ତହସିଲଦାର କିମ୍ବା କୋଭିଡ ନିୟନ୍ତ୍ରକ ଭାବେ ଜଣେ ସ୍ୱତନ୍ତ୍ର ଅଧିକାରୀ ଙ୍କୁ ନିଯୁକ୍ତି ଦିଆଯିବାକୁ ବୁଦ୍ଧିଜୀବୀ ମହଲ ଦାବି କରୁଛନ୍ତି ।

ନିଜ ଘରକୁ ପୋଡି ଦିଅନ୍ତି ଆଦିବାସୀ : ନାଁ ତାର ଲାଲ ବଙ୍ଗଳା

ନୂଆପଡା,୦୭।୮ (ନି.ପ୍ର): ସମୁଦ୍ର ପ ନ ଠାରୁ ୩ ହଜାର ଫୁଟ ଉଚ୍ଚତାରେ ୬ଶହ ବର୍ଗ କି.ମି ଆୟତନ ବିଶିଷ୍ଟ ସୁନାବେଡା ଅଭୟାରଣ୍ୟ । ନୂଆପଡା ଜିଲ୍ଲାର କୋମନା ବ୍ଲକରେ ଅବସ୍ଥିତ ନୂଆପଡ଼ା, କୋମନା, ବୋଡେନ ଓ ସିନାପାଲି ଏହି ୪ଟି ବ୍ଲକରୁ ୧୨ ଟି ପଂଚାୟତ ର ୫୨ ଗୋଟି ଗାଁ କୁ ନେଇ ସୁନାବେଡା ଅଭୟାରଣ୍ୟ ଗଠନ । ବିଭିନ୍ନ ଜାତିର ଲୋକେ ସେଠାରେ ବସବାସ କରୁଥିବା ବେଳେ ଚକୋଟିଆ ଭୁଞ୍ଜିଆ ଅନ୍ୟ ଏକ ସମ୍ପ୍ରଦାୟର ଅଧିବାସୀ । ତାଙ୍କୁ ନେଇ ସଂସ୍କୃତି ଓ ପରମ୍ପରା ର ଅନନ୍ୟ ଉଦାହରଣ ତଥା ସ୍ୱତନ୍ତ୍ର ଏକ ପରିଚୟ ରହିଛି “ଲାଲ ବଙ୍ଗଳା” ଯେଉଁଠି ନିଜ ଘରକୁ ନିଜେ ପୋଡି ଦେବାର ରହିଛି ଅନନ୍ୟ ପରମ୍ପରା । ସୁନାବେଡା ଅଭୟାରଣ୍ୟ ଭିତରେ ଥିବା ସୁନାବେଡା, ସାଲେପଡା, ସନବାହାଲି, ଦେଓସିଲ, ଭାଓସିଲ, ପେଠିଆପାଲି, ଶିବନାରାୟଣପୁର, ଜାମଗାଁ, ଖୋଲିଭିତର, ଚେରେଚୁଆଁ, ହଲୁଆପାଲି ଏମିତି ୧୦ରୁ ଉର୍ଦ୍ଧ ଗାଁରେ ବସବାସ କରନ୍ତି ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟର ଆଦିବାସୀ ଜନଜାତି । ଏମାନଙ୍କୁ ଭୁଞ୍ଜିଆ ଜାତି ବୋଲି କୁହାଯାଉଥିବା ବେଳେ ଝାଙ୍କର, ବାରିକ, ମଲ୍ଲିକ, ମାଝୀ, ପଟିଆ ଓ ଭୁଞ୍ଜିଆ ବର୍ଗର ପ୍ରାୟତଃ ଅଭୟାରଣ୍ୟ ମଧ୍ୟରେ ବସବାସ କରୁଛନ୍ତି । ଲାଲ ବଙ୍ଗଳା କହିଲେ ଝାଟି, ମାଟିରେ ଛଣ ଛପର କରି ଲାଲ ରଙ୍ଗ ଓ ଧଳା ରଙ୍ଗର ଝୋଟି ପଡିଥିବା ଏକ ଛୋଟ କୁଡିଆ ଘର । ଚାରି ପାଖରେ ବାସଗୃହ ଥିବା ବେଳେ ଦୁଆର ମଝୀରେ ଏହି ଲାଲ ବଙ୍ଗଳାକୁ ତିଆରି କରି ଥାଆନ୍ତି । ଲାଲ ବଙ୍ଗଳାରେ ପୂର୍ବ ପିତୃ ପିତା, ଦେବାଦେବୀ ମାନଙ୍କୁ ପୂଜା କରିବା ସହିତ ନିଜ ପାଇଁ ରୋଷେଇ କରିଥାଆନ୍ତି, ଯାହାକୁ ଅନ୍ୟ କାହାକୁ ଖାଇବାକୁ ଦିଆଯାଏ ନାହିଁ । କୁଡିଆ ଛୋଟ ହେଲେ ମଧ୍ୟ ନିତି ନିୟମ ଓ କଟକଣା ପୁରା କଡାକଡି । ଲାଲ ବଙ୍ଗଳାକୁ ଅନ୍ୟକେହି ଛୁଇଁବା ମନା । ଏହାର ଯଦି କେହି ବିରୋଧ କରନ୍ତି କିମ୍ବା ଅଜାଣତରେ ଛୁଇଁ ହୋଇ ଯାଏ ତେବେ ତାକୁ ଅପବିତ୍ର ଭାବି ଛୁଆଁ ଲାଲ ବଙ୍ଗଳାକୁ ନିଆଁ ଲଗାଇ ଦିଆଯାଉଥିବା ଯାହା ପୂର୍ବରୁ ଅନେକ ନଜିର ରହିଛି । ନିୟମ ଏତେ କଡା କଡି ଯେ ଅନ୍ୟତ୍ର ବୈଦିକ ରୀତିନିତିରେ ମଧ୍ୟ ବିବାହିତ ନିଜ ଝିଅକୁ ମଧ୍ୟ ଲାଲ ବଙ୍ଗଳା ଛୁଇଁବା ମନା । ଝିଅ, ଜ୍ୱାଇଁ, ବନ୍ଧୁ ବାନ୍ଧବ ଯେ କେହି ଆସିଲେ ତାଙ୍କ ପାଇଁ ବାହାରେ ରୋଷେଇ କରି ଖାଇବାକୁ ଦିଆଯାଇଥାଏ । ଲାଲ ବଙ୍ଗଳାରେ ତିଆରି ଖାଦ୍ୟ କାହାକୁ ଦିଅନ୍ତି ନାହିଁ । ଏମିତିକି ବାହାର ଉଷୁନା ଚାଉଳ ଯେମିତିକି ପିଡିଏସ୍ ଚାଉଳ ମଧ୍ୟ ଲାଲ ବଙ୍ଗଳା ଭିତରେ ରୋଷେଇ କରିବା ମନା । ନିଜର ହାତଉଷା ଧାନକୁ ନିଜେ ଢିଙ୍କିରେ କୁଟି ଚାଉଳ କରି ରୋଷେଇ କରି ଖାଇ ଥାଆନ୍ତି । ଆବାହମାନ କାଳରୁ ଲାଲ ବଙ୍ଗଳା ଉପରେ ଥିବା ନୀତିନିୟମ ତଥା କଟକଣାକୁ ମାନି ଆସୁଥିବା ବେଳେ ଆଜି ବି ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟର ଅଭୟାରଣ୍ୟ ଅଧିବାସି ଲାଲ ବଙ୍ଗଳାର ନିତି ନିୟମକୁ ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି । ସୂଚନା ଯୋଗ୍ୟ ଯେ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା(ସିବିଡିଏ) ନାମରେ ଏକ ସଂସ୍ଥା ଖୋଲା ଯାଇ ସ୍ୱତନ୍ତ୍ର ଭାବେ ଏହି ସଂମ୍ପ୍ରଦାୟର ଜନଜାତିର ଉନ୍ନତି ସକାଶେ ଖୋଲା ଯାଇଥିଲେ ହେଁ ମାଓବାଦୀ ଭୟରେ ଉକ୍ତ ଅ ଳରେ କାର୍ଯ୍ୟାଳୟ ଥିଲେ ମଧ୍ୟ ଜିଲା ସଦର ମହକୁମାରେ କାର୍ଯ୍ୟାଳୟ ଖୋଲି ଫାଇଲ ଚାଷ କରୁଛନ୍ତି । କୋଟି କୋଟି ଟଙ୍କାର ଅନୁଦାନ ଦିଆଯାଉଛି କିନ୍ତୁ ଏହି ଜନଜାତିର କୌଣସି ଉନ୍ନତି ହେଉନଥିବା ପରିତାପ ରବିଷୟ ବୋଲି ବୁଦ୍ଧିଜିବୀ ମହଲରେ କ୍ଷୋଭ ପ୍ରକାଶ ପାଉଛି ।

ଅଧପନ୍ତରିଆ ଅଛି ଏମଜିଏନଆରଇଜିଏ ରାସ୍ତା କମ : ବର୍ଷାରେ କାଦୁଅ ପଚପଚ

ଲୋକଙ୍କର ଗମନାଗମନର ସୁବିଧା ବଦଳରେ ଅସୁବିଧା ଅଧିକ

କନ୍ଧମାଳ,୦୬ ଅଗଷ୍ଟ (ହି.ସ.)- ଜିଲାରେ କିଛି ଗ୍ରାମରେ ଲୋକଙ୍କର ସୁବିଧା ପାଇଁ ଏବଂ ସେମାନଙ୍କୁ ରୋଜଗାର ଦେବାପାଇଁ ସରକାରଙ୍କ ତରଫରୁ ଗ୍ରାମାଂଚଳରେ ରାସ୍ତା ତିଆରି କରାଯିବା ଲକ୍ଷରେ ଏମଜିଏନଆଇଜିଏ ଯୋଜନାରେ ଲୋକଙ୍କୁ କାମ ଯୋଗାଇବାକୁ ଗ୍ରାମାଂଚଳରେ ରାସ୍ତା କାମ କରାଇଥିଲେ । ହେଲେ ଏଥିରେ ଅଳ୍ପ ଦିନରେ କେବଳ ରାସ୍ତାରେ ମାଟି ପକାଇବା କାମ ହିଁ କରାଯାଇଛି । ବର୍ତ୍ତମାନ ସ୍ୱଳ୍ପ ବର୍ଷା ଯୋଗୁଁ ଗାଁକୁ ତିଆରି ହୋଇଥିବା ଏ ମ ର୍ଜ ଏ ନ ଆ ର ଇ ର୍ଜ ଏ ସ ଯୋଜନାରେ ମାଟି ରାସ୍ତା ଏବେ କେଉଁଠି ଧୋଇ ହୋଇଯାଇଛି ତ ଆଉ କେଉଁଠି ପାଣି ଜମି କାଦୁଅ ସରସର ହୋଇଛି । ଯିବା ଆସିବା ଲୋକଙ୍କ ପାଇଁ କଷ୍ଟକର ହୋଇପଡୁଛି । ଖରାଦିନରେ ଯେମିତି ସେମିତି ଚଳିଯାଉଥିଲା । ବର୍ତ୍ତମାନ ବର୍ଷାଦିନ ଆସିବା ଫଳରେ ଲୋକଙ୍କର ଅସୁବିଧା ବଢିଯାଇଛି । କାଦୁଅରେ ଭରପୁର ରାସ୍ତା ସାଇକଲ କି ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡୁଛି । ଆଉ ଯେଉଁଠି ରାସ୍ତା ନାହିଁ, ପାହାଡ ପର୍ବତ ଡେଇଁ ଯିବା ଆସିବା କରୁଥିଲେ ସେଠି ମଧ ବର୍ଷାପାଣି ଯାଇ ଗର୍ତ ସୃଷ୍ଟି କରିବା ସହ ପଥର ଧୋଇ ନେଇଯାଇଛି । ଗଛପତ୍ର ଉଠି ଜଙ୍ଗଲ ହୋଇଗଲାଣି । ଏପରିସ୍ଥଳେ ଲୋକେ ଆଉ ଯିବା ଆସିବା ମଧ ଭଲରେ କରିପାରୁନାହାଁନ୍ତି । କନ୍ଧମାଳ ଜିଲ୍ଲାର ୧୨ଟି ବ୍ଲକ ଅଧିନରେ ୧୭୧ଟି ଗ୍ରାମ ପଂଚାୟତ ରହିଛି । ଗାଁ ପ୍ରାୟ ୨୫୦୦ରୁ ଉର୍ଦ୍ଧ୍ୱ ରହିଛି । ସେଥିମଧରୁ ହାତଗଣତି କେତେକ ଗାଁକୁ ଭଲ ରାସ୍ତା ଥିବା ବେଳେ ୫ଶହରୁ ଉର୍ଦ୍ଧ୍ୱ ଗାଁକୁ କୌଣସି ସ୍ଥାୟୀ ରାସ୍ତାନାହିଁ । ମାଟି ରାସ୍ତା ଭରସା । ଆଉ କିଛି ଗାଁ ବା ପଂଚାୟତକୁ ମଧ ପିଚୁ ରାସ୍ତା ମଧ ଖରାପ ହୋଇଯିବା ଫଳରେ ଯିବା ଆସିବାରେ ହଇରାଣ ହେଉଛନ୍ତି ଗାଁ ଲୋକେ । ଆଉ ପ୍ରାୟ ୫୦ରୁ ୬୦ ଗାଁକୁ ଯିବାଲାଗି ନଦୀ, ନାଳ ପଡୁଥିବା ଫଳରେ ପୋଲ ନଥିବାରୁ ଯିବା ଆସିବାରେ ବାଧା ସୃଷ୍ଟି ହେଉଛି । କେଉଁଠି କେଉଁଠି ତାର ବାନ୍ଧି, ଗଛ ଗଣ୍ଡି ପକାଇ, ବାଉଁଶ ପୋଲ କରି ଯା’ଆସ କରୁଛନ୍ତି ଲୋକେ । ଅସମୟରେ ଆମ୍ବୁଲାନ୍ସ ଯିବା ସମ୍ଭବ ହେଉନି । ରାସ୍ତା ନଥିବାରୁ ପିଡିଏସ ଚାଉଳ ଆଣିବା ମଧ କଷ୍ଟସାଧ ହୋଇପଡୁଛି । ସେହିପରି ରାସ୍ତା ନଥିବାରୁ ସରକାରୀ ବାବୁ କି ନେତା ବି ଗାଁକୁ ଆସୁନାହାଁନ୍ତି । ଗାଁର ଉନ୍ନତି ପାଇଁ ଆସୁଥିବା ଅର୍ଥ ଅନୁଦାନକୁ କୁଜିନେତା, କର୍ମୀ, ତଳିଆ କର୍ମଚାରୀ ଲୁଟି ନେଉଛନ୍ତି । ଫଳରେ ସ୍ୱାଧିନତାର ୭୩ ବର୍ଷ ପରେ ବି ଉନ୍ନତି ହେଉନି । ଅପହଂଚ ଅବସ୍ଥାରେ ଅଛି ଗାଁ ଓ ପଂଚାୟତ । ବିଶେଷକରି ଜିଲ୍ଲାର କୋଟଗଡ, ଦାରିଙ୍ଗବାଡି, ତୁମୁଡିବନ୍ଧ, ବାଲିଗୁଡା, ଚକାପାଦ, ରାଇକିଆ, ଫିରିଙ୍ଗିଆ, କ.ନୂଆଗାଁ ଆଦି ବ୍ଲକ ଅଂଚଳର ଅନେକ ଗାଁର ଅବସ୍ଥା ଶୋଚନୀୟ ହୋଇପଡିଛି । ଭଲ ରାସ୍ତାଟିଏ ମଧ ନାହିଁ ଏଯାଏଁ । ଫିରିଙ୍ଗିଆ ବ୍ଲକର ୫୨ଟି ଗାଁକୁ ରାସ୍ତା ନଥିବା ବେଳେ, ଦାରିଙ୍ଗବାଡି ବ୍ଲକର ୫୭, ତୁମୁଡିବନ୍ଧ ବ୍ଲକର ୪୨ ଓ କୋଟଗଡ ବ୍ଲକର ୪୧, ଚକାପାଦ ୨୭ ଓ ରାଇକିଆର ୨୮ଟି ଗାଁକୁ ଗୋଟେ ରାସ୍ତା ନଥିବା ଜଣାପଡିଛି । ସ୍ୱାଧିନତାର ଦୀର୍ଘବର୍ଷ ପରେ ବି ଗାଁକୁ ରାସ୍ତା ନଥିବା ନିଶ୍ଚିତ ବିଡମ୍ବନାର ବିଷୟ । ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହେଉଛି ।

ମରାମତି ଓ ରକ୍ଷଣା ବେକ୍ଷଣ ଅଭାବ ଭାଙ୍ଗିଛି ଅଧିକ କେନାଲ

ପିଲାସାଲକୀ ମଧ୍ୟମ ଜଳସେଚନ ଯୋଜନା ପ୍ରକଳ୍ପ ଚାଷୀଙ୍କ ହିତରେ ଆସୁନି

କନ୍ଧମାଳ,୦୭।୮ (ନି.ପ୍ର): ଆବଶ୍ୟକ ରକ୍ଷଣା ବେକ୍ଷଣ ଓ ମରାମତି ଅଭାବରୁ କନ୍ଧମାଳ ଜିଲ୍ଲାର ଖଜୁରୀପଡା ବ୍ଲକ ଅର୍ନ୍ତଗତ ସିଦ୍ଧିଙ୍ଗ୍ ଠାରେ ଥିବା ଏକମାତ୍ର ମଧ୍ୟମ ଜଳସେଚନ ଯୋଜନା ପ୍ରକଳ୍ପ ଏବେ ଚାଷୀଙ୍କ ହିତରେ ଆସିପାରୁନି । ଡ୍ୟାମ ପୋତି ହୋଇଗଲାଣି । କେନାଲ ଗୁଡିକ ମଧ ମରାମତି ଅଭାବରୁ ନଷ୍ଟ ହୋଇଗଲାଣି । କେନାଲ ଯାଇଥିବା ଶେଷ ପାଣି ପହଂଚିପାରୁ ନାହିଁ ପୋତି ହୋଇଯିବା ଫଳରେ ଜଳଧାରଣ କ୍ଷମତା ମଧ କମିଗଲାଣି । ଗତ ୧୯୮୫ ରେ ଏହା ନିର୍ମାଣ କରାଯାଇଥିଲା । ଦୁଇଟି କେନାଲ ମଧ ନିର୍ମାଣ କରାଯାଇଥିଲା, ରାଇଟ୍ ଏଣ୍ଡ ଲେଫ୍ଟ କେନାଲ । ଏହି ପ୍ରକଳ୍ପ ଦ୍ୱାରା ଖଜୁରୀପଡା ବ୍ଲକ ଅର୍ନ୍ତଗତ ୬ଟି ପଂଚାୟତରେ ଖରୀଫରେ ୨୦୩ ହେକ୍ଟର ଓ ରବିରେ ୧୨ଶହ ହେକ୍ଟର ଜମି ଜଳସେଚିତ ହେଉଥିବା ବିଭାଗ କହୁଛି । ବନ୍ଧର ପରିସୀମା ୮୭.୩୭ ବର୍ଗକିମି ଥିବା ବେଳେ ଦୈର୍ଘ୍ୟ ୪୪୧ ମିଟର ଓ ଗଭୀର ୨୬୫ ମିଟର । ଡାହାଣ କେନାଲର ଦୈର୍ଘ୍ୟ ୧୫.୭୫ କିମି ଓ ୫ଟି ଶାଖା କେନାଲର ଦୈର୍ଘ୍ୟ ୧୦.୯୬ କିମି । ଏହି କେନାଲ ଦ୍ୱାରା ଖଜୁରୀପଡା ବ୍ଲକର ଦୁତିପଡା, ପିରିକୁଡି ଓ ଗୁଦାରୀ ପଂଚାୟତର ୧୯ଟି ଗ୍ରାମର ଚାଷୀ ଉପକୃତ ହୋଇଆସୁଥିଲେ । ବାମ ପାର୍ଶ୍ୱ କେନାଲର ଦୈର୍ଘ୍ୟ ୨୦.୦୫ କିମି ଓ ଏହାର ଶାଖା କେନାଲର ଦୈର୍ଘ୍ୟ ୮.୫୮ କିମି ରହିଥିବା ବେଳେ ବାରିକୁମ୍ପା, ବଲସକୁମ୍ପା, ଆଲାମୀ ପଂଚାୟତ ଅର୍ନ୍ତଗତ ୨୪ଟି ଗ୍ରାମର ଚାଷୀ ଉପକୃତ ହେଉଥିଲେ । ପ୍ରକଳ୍ପ ନିର୍ମାଣ ହେବାର ଆଜିକୁ ପ୍ରାୟ ୩୫ ବର୍ଷ ବିତିଗଲାଣି । ବର୍ଷାଦିନରେ ପାହାଡରୁ ମାଟି ଅତଡା ଖସି ବନ୍ଧ ପୋତି ହୋଇଗଲାଣି । ବନ୍ଧ ସଫା କାର୍ଯ୍ୟ ହୋଇନି ଏଯାଏଁ । ପୂର୍ବରୁ ଯେତିକି ଜଳଧାରଣ କ୍ଷମତା ଥିଲା ତାହା ହ୍ରାସ ପାଇଗଲାଣି । ଫଳରେ ଯାହା ବିଭାଗ କହୁଛି ତାର ୫୦ ପ୍ରତିଶତରୁ କମ୍ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇଥିବା ଜଣାପଡିଛି । ପାଣି ପଂଚାୟତ ଗଠନ ହୋଇଛି ହେଲେ ଏହା ଅକାମୀ । କାମ କିଛି ହେଉନି ପାଣି ପଂଚାୟତ ଦ୍ୱାରା । ମୁଖ୍ୟ କେନାଲର ମରାମତି ପାଇଁ ୨୫/୩୦ ଲକ୍ଷ ଟଙ୍କା ଅନୁଦାନ ଆସୁଛି ଯାହାକି ଯଥେଷ୍ଟ ନୁହେଁ । ବିଭାଗକୁ ଚିଠି ଲେଖାଗଲେ ମଧ ଅନୁଦାନ ମିଳୁନି । ଏପଟେ ସହକାରୀ ଯନ୍ତ୍ରୀ ମଧ ନାହାଁନ୍ତି । ବୌଦ୍ଧ ଜିଲ୍ଲାର ସହକାରୀ ଯନ୍ତ୍ରୀ ଜଣକ ଦାୟୀତ୍ୱରେ ଅଛନ୍ତି । ସେ ବି ମାସକୁ ଦିନେ ଦିଦିନ ଆସିଲେ ବଡକଥା । ନିର୍ବାହୀଯନ୍ତ୍ରୀଙ୍କ ବର୍ଷକୁ ଥରେ ବି ପାଦ ପଡିବା ମୁସ୍କିଲ । ଏପରିସ୍ଥଳେ ପ୍ରକଳ୍ପର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି । ଗତ ୨/୩ ବର୍ଷ ତଳେ ୨ କୋଟି ଟଙ୍କା ବ୍ୟୟରେ ସ୍କିଲ କାର୍ଯ୍ୟ କରାଯାଇଥିଲା । କେନାଲ ରକ୍ଷଣା ବେକ୍ଷଣ ଲାଗି ମଧ କିଛି ଅନୁଦାନ ମିଳୁନି । ଦରମା ଗଣ୍ଡାକ ପାଇ ଏଠାରେ ଥିବା ଯନ୍ତ୍ରୀ ୨ ଜଣ କିରାଣୀ, କର୍ମଚାରୀ, ପିଅନ ବସି ରହୁଛନ୍ତି । ଅନ୍ୟପକ୍ଷରେ କେନାଲ ଥିବା ଅଂଚଳର ଚାଷିମାନେ ନିୟମିତ ଭାବରେ ଜଳକର ଦେଇ ଆସୁଛନ୍ତି କିନ୍ତୁ ସେମାନେ ତାଙ୍କ ଜମିକୁ ପାଣି ପାଇପାରୁନାହାନ୍ତି । ସେମାନେ ଏଣୁ, ଖାଲିପଡିଥିବା ସହକାରୀ ଯନ୍ତ୍ରୀ ପଦବୀ ପୂରଣ ସହ ଅର୍ଥ ଅନୁଦାନ ଯୋଗାଇ ଦେବାଲାଗି ଅଂଚଳର ଚାଷୀମାନେ ଦାବୀ କରିଛନ୍ତି । ନଚେତ୍ ଆନ୍ଦୋଳନ କରିବେ ବୋଲି ମଧ ଧମକ ଦେଇଛନ୍ତି । ଏନେଇ ବିଭାଗର ଅଧିକାରୀ ପଚାରିଲେ ସେ ଅର୍ଥ ଅନୁଦାନ ଆସିଲେ ମରାମତି କରାଯିବ ବୋଲି କହିଛନ୍ତି ।

ଗାନ୍ଧୀ ପଡିଆରେ ଶ୍ରୀରାମ ମନ୍ଦିର ନିର୍ମାଣ ଭୂମି ପୂଜାକୁ ବିରୋଧ

ଗାନ୍ଧୀଜୀଙ୍କ ସ୍ମୃତିର ପ୍ରତୀକ ଗାନ୍ଧୀପଡିଆ ଗାନ୍ଧୀ ସ୍ମୃତି ସ୍ମାରକୀ ହୋଇ ରହୁ

ଭଦ୍ରକ, ୭/୮ (ହି.ସ.) - ଗତକାଲି ଭଦ୍ରକ ନୂଆବଜାର ଠାରେ ଥିବା ଗାନ୍ଧୀପଡିଆରେ ଶ୍ରୀରାମଙ୍କ ଏକ ମନ୍ଦିର ନିର୍ମାଣ ନିମନ୍ତେ ଭୂମିପୂଜା ହୋଇଛି । ଯାହାକୁ ଆଜି ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଭଦ୍ରକ ଶାଖା ବିରୋଧ କରିବା ସହ ପ୍ରତିବାଦ କରିଛି । ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା ଆଗମନ ସମୟରେ ଭଦ୍ରକ ଗସ୍ତ କାଳରେ ଉଦ୍‌ବୋଧନର ସ୍ମୃତିକ୍ଷେତ୍ର ଭାବେ ଗାନ୍ଧୀପଡିଆ ରହି ଆସିଛି । ଏହାର ସ୍ମାରକୀ ଭାବେ ଦୀର୍ଘ ବର୍ଷ ଧରି ଏକ ଗାନ୍ଧୀ ମୂର୍ତି ସ୍ଥାପନ କରାଯାଇଛି । ଏହି ଗାନ୍ଧୀପଡିଆକୁ ଅକ୍ଷୁଣ୍ଣ ରଖାଯାଇ ଏହାକୁ ଗାନ୍ଧୀ ସ୍ମୃତି ସ୍ମାରକୀ ଭାବେ ସାଇତି ରଖିବା ସହିତ ଏଠାରେ ଭଦ୍ରକର ବରପୁତ୍ର ତଥା ଗାନ୍ଧୀଜୀଙ୍କ ଅନୁଧାୟୀ ରହି ଆସିଥିବା ଡ. ହରେକୃଷ୍ଣ ମହତାବ, ଜାତୀୟ କବି ବାଞ୍ଛାନିଧି ମହାନ୍ତି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ସୁଭଦ୍ରା ମହତାବ, ମହମ୍ମଦ ହନିଫ ଏବଂ ସ୍ୱାଧୀନତା ସଂଗ୍ରାମ ପାଇଁ ଜୀବନ ଦେଇଥିବା ସହିଦମାନଙ୍କ ସ୍ମୃତି ସବୁକୁ ସାଇତି ରଖିବା ଉଦ୍ଦେଶ୍ୟରେ ଏହି ପଡ଼ିଆରେ ଅନ୍ୟ କିଛି ନ କରି ପଡିଆକୁ ଉନ୍ନତ କରାଯିବା ସହ ସେଠାରେ ଗାନ୍ଧୀ ସ୍ମୃତି ଭବନ ନିର୍ମାଣ କରି ସେଠାରେ ବରପୁତ୍ରଙ୍କ ପ୍ରତିମୂର୍ତି ସ୍ଥାପନ କରାଯିବାକୁ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର କର୍ମକର୍ତାମାନେ ଦାବି ଉପସ୍ଥାପନ କରିଛନ୍ତି । ମହାତ୍ମା ଗାନ୍ଧୀ ୧୯୨୧ ମସିହା ମାର୍ଚ୍ଚ ୨୫ରେ ଭଦ୍ରକରେ ପହଂଚି ରେଳ ଷ୍ଟେସନଠାରୁ ଚାଲି ଚାଲି ଏକ ଶୋଭାଯାତ୍ରାରେ ପବିତ୍ର ଗାନ୍ଧୀପଡିଆରେ ପହଂଚିଥିଲେ । ସେଠାରେ ସେ ହଜାର ହଜାର ଜନତାଙ୍କ ଗହଣରେ ବ୍ରିଟିଶ୍ ସରକାରଙ୍କୁ ସିଧା ସଳଖ ନିନ୍ଦା କରି ଉଦ୍‌ବୋଧନ ଦେଇ ‘ଇସ୍ ସଲତନତ୍ କୋ ସୈତାନିୟତ ଆଗୟେ’ ବୋଲି କହିଥିଲେ, ଯାହା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଥିଲା । କେବଳ ସେତିକି ନୁହେଁ, ମହାତ୍ମା ଗାନ୍ଧୀ ଭଦ୍ରକକୁ ଏତେ ଭଲ ପାଉଥିଲେ ଯେ, ସେ ଏଠାକୁ ବାରମ୍ବାର ଗସ୍ତ କରିଥିଲେ । ଏହି ପଡ଼ିଆକୁ ଗାନ୍ଧୀଜୀଙ୍କ ସ୍ମୃତି ଭାବେ ସାଇତି ରଖିବା ନେଇ ପୂର୍ବତନ ବିଧାୟକ ଯୁଗଳ କିଶୋର ପଟ୍ଟନାୟକଙ୍କ ଅନୁଦାନରେ ପଡିଆର ପ୍ରବେଶ ପଥରେ ଗାନ୍ଧୀଜୀଙ୍କ ସ୍ମୃତିରେ ଏକ ସୁଦୃଶ୍ୟ ତୋରଣ ନିର୍ମାଣ ହୋଇ ସାରିଛି । ଏହାର ଉନ୍ନତି ପାଇଁ ବର୍ତମାନର ସାଂସଦ, ବିଧାୟକ ମଧ ଅନୁଦାନ ଦେବା ସହ ଏହାର ପୁନରୁଦ୍ଧାର କରାଯିବାରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ଏପରି ସ୍ଥଳେ ଗତକାଲି ଏହି ପଡ଼ିଆରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଏକ ନିର୍ଦ୍ଦିଷ୍ଟ ଦଳ ଓ ସଂଗଠନ ଭୂମି ପୂଜନ କରିଥିବା ବିଭିନ୍ନ ଗଣମାଧମ ସୂତ୍ରରୁ ଜଣା ପଡିବା ପରେ ‘ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ’ ଭଦ୍ରକ ଶାଖା ଏହାକୁ ବିରୋଧ କରିଛି । ଭଦ୍ରକର ବହୁ ସ୍ଥାନ ରହିଥିବା ବେଳେ ଗାନ୍ଧୀ ପଡିଆକୁ ଛାଡି ଅନ୍ୟ ଯେକୌଣସି ସ୍ଥାନରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ନିର୍ମାଣକୁ ସ୍ୱାଗତ କରାଯାଇପାରେ । ମାତ୍ର ପବିତ୍ର ତଥା ଐତିହାସିକ ଗାନ୍ଧୀପଡିଆକୁ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର ନକରିବା, ଏଠାରେ ଗାନ୍ଧୀ ଶୌଧ ବ୍ୟତୀତ ଅନ୍ୟ କିଛି ନ କରିବାକୁ ପ୍ରତିଷ୍ଠାନର ସଭାପତି ଇଂ ଅଖିଳ କୁମାର ପାଢୀ, ସମ୍ପାଦକ ଆଡ୍‌ଭୋକେଟ ତୁଷାରକାନ୍ତି ମହାନ୍ତି, ବୈଲୋଚନ ବେହୁରିଆ, ଅଜୟ ନାୟକ, ସୁଧାକର ରାଉତ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ, ପ୍ରଫେସର ଝରଣା ପଟ୍ଟନାୟକ, ଲଲାଟେନ୍ଦୁ ମହାନ୍ତି, ଆଡ୍‌ଭୋକେଟ ପବନ ଶର୍ମା ପ୍ରମୁଖ ଦାବୀ କରିଛନ୍ତି ।

ଅଗଷ୍ଟ ମାସରେ ଅଧିକ ସତର୍କତା ଜରୁରୀ - ଜିଲ୍ଲାପାଳ

ଗଞ୍ଜାମ,୦୭।୮ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ବର୍ତମାନ ଅଧିକ ସଂଖ୍ୟାରେ ସ୍ୱାବ୍ ନମୁନା ପରୀକ୍ଷା କରାଯାଉଥିଲେ ମଧ ପଜିଟିଭ୍ ସଂଖ୍ୟା କିଛି ମାତ୍ରାରେ ହ୍ରାସ ପାଇଥିବା ଶୁଭଙ୍କର ଖବର । ତେବେ ଅଗଷ୍ଟ ମାସ ଆମ ପାଇଁ ଚ୍ୟାଲେଞ୍ଜିଂ ମାସ ହୋଇଥିବାରୁ ଆମେ ଖୁବ୍ ସତର୍କତାର ସହିତ କୋଭିଡ୍ ନିୟମାବଳୀ ମାନିବାକୁ ପଡିବ । ସେଥିରେ କେହି ଖିଲାପ କଲେ, ଜିଲ୍ଲା ପ୍ରଶାସନ ସେମାନଙ୍କ ପ୍ରତି କଠୋର ହେବ ବୋଲି ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଟ୍ୱିଟ୍ ମାଧମରେ ଜଣାଇଛନ୍ତି ।

ରତ୍ନ ସିଂହାସନର ପଦ୍ମପାଖୁଡ଼ା ଭାଙ୍ଗିବା ଘଟଣାକୁ ନେଇ ଉତ୍ତର ରଖିଲେ ସେବାୟତ

ପୁରୀ,୦୭।୮ (ନି.ପ୍ର): ନୀଳାଦ୍ରି ବିଜେ ପରେ ରତ୍ନ ସିଂହାସନର ଗୋଟିଏ ପାର୍ଶ୍ୱରେ ପଦ୍ମପାଖୁଡ଼ା ଭାଙ୍ଗି ଯାଇଥିବା ସମ୍ପର୍କରେ ବରିଷ୍ଠ ସେବାୟତ ଇପସିତ ପ୍ରତିହାରୀ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ)କୁ ଜଣାଇଥିଲେ । ଏଏସଆଇ ମଧ ଏ ସମ୍ପର୍କରେ ଶ୍ରୀମନ୍ଦିରକୁ ଫଟୋ ଓ ରିପୋର୍ଟ ପ୍ରଦାନ କରିଛି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତ ଇପସିତ ପ୍ରତିହାରୀଙ୍କୁ ତାଙ୍କ ଅଭିଯୋଗ ଶୁଣିବା ପାଇଁ ନୋଟିସ୍ ହୋଇଥିଲା । ଶ୍ରୀ ପ୍ରତିହାରୀ ଏ ସମ୍ପର୍କରେ ଏକ ଲିଖିତ ଉତର ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେ ମଧ ଏହି ପଦ୍ମ ପାଖୁଡ଼ା ଭାଙ୍ଗିବା ସମ୍ପର୍କରେ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଜିଲ୍ଲାପାଳ ବଲୱନ୍ତ ସିଂହଙ୍କୁ ପତ୍ର ମାଧମରେ ଜଣାଇଥିଲେ । ସମସ୍ତ ତଥ୍ୟ ସଂଗ୍ରହ ପରେ ଶ୍ରୀମନ୍ଦିର ପ୍ରଶାସନ ଏ ସମ୍ପର୍କରେ ନିଷ୍ପତି ଜଣାଇବ ବୋଲି ଶ୍ରୀ ପ୍ରତିହାରୀ ଗଣମାଧମକୁ ସୂଚନା ଦେଇଛନ୍ତି ।

କୋଭିଡ୍ ଯୋଦ୍ଧାଙ୍କୁ ଉତ୍ସାହିତ ଓ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା ସହ ଶପଥ ପାଠ

କେନ୍ଦୁଝର,୦୭।୮ (ନି.ପ୍ର): କୋଭିଡ୍ ଯୋଦ୍ଧାଙ୍କ ସମ୍ମାନାର୍ଥେ କେନ୍ଦୁଝର ଜିଲ୍ଲାରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହିତ କୋଭିଡ୍ ବିରୁଦ୍ଧରେ ଲଢେଇ ଜାରି ରଖିଥିବା ଯୋଦ୍ଧାମାନଙ୍କୁ ଉତ୍ସାହିତ କରିବା ପାଇଁ ଶପଥ ପାଠ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ କୋଭିଡ୍ ମୁକାବିଲା କରିବା କ୍ଷେତ୍ରରେ କୋଭିଡ୍ ଯୋଦ୍ଧାମାନଙ୍କର ପ୍ରତିବଦ୍ଧତା, ନିଷ୍ଠା ଓ ଅହର୍ନିଶ ସେବାକୁ ସ୍ମରଣ କରି ସେମାନଙ୍କର ସର୍ବୋଚ୍ଚ ତ୍ୟାଗକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜିଲ୍ଲା, ଉପଖଣ୍ଡ, ବ୍ଲକ୍ ଏବଂ ପଂଚାୟତ ତଥା ତୃଣମୂଳ ସ୍ତରରେ ନୀରବ ପ୍ରାର୍ଥନା କରାଯିବା ସହ ଲଢେଇ ଜାରି ରଖିଥିବା ଯୋଦ୍ଧାମାନଙ୍କୁ ଶପଥ ପାଠ ଜରିଆରେ ଉତ୍ସାହିତ କରାଯାଇଛି । କେନ୍ଦୁଝର ଜିଲ୍ଲା କାର୍ଯ୍ୟାଳୟର ଓସ୍ୱାନ ଭିଡିଓ କନଫରେନ୍ସ ହଲ୍ ଠାରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ସମେତ କେନ୍ଦୁଝର ଲୋକସଭା ସଦସ୍ୟା ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଚମ୍ପୁଆ ବିଧାୟିକା ଶ୍ରୀମତୀ ମୀନାକ୍ଷୀ ମହାନ୍ତ, ପିଡି ଡିଆରଡିଏ ଡ଼ଃ ଉଦ୍ଧବ ଚନ୍ଦ୍ର ମାଝୀ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ. ଅଶୋକ କୁମାର ଦାଶ ପ୍ରମୁଖ ଅଂଶ ଗ୍ରହଣ କରି କୋଭିଡ୍ ଯୋଦ୍ଧାଙ୍କ ସମ୍ମାନାର୍ଥେ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଏବଂ କୋଭିଡ୍ ବିରୁଦ୍ଧରେ ଲଢେଇ ଜାରି ରଖିଥିବା ଏହି ଯୋଦ୍ଧାମାନଙ୍କୁ ଉତ୍ସାହିତ କରିବା ପାଇଁ ଶପଥ ପାଠ କରାଯାଇଥିଲା । ସେହିପରି ଦରବାର ହଲ୍ ଠାରେ ଅନୁଷ୍ଠିତ ଅନୁରୂପ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡଃ. ଭକ୍ତ ଚରଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସନ୍ତୋଷ କୁମାର ନାୟକଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ଅଂଶଗ୍ରହଣ କରି ବଳିଦାନ ଦେଇଥିବା କୋଭିଡ୍ ଯୋଦ୍ଧାଙ୍କ ସମ୍ମାନାର୍ଥେ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ଏବଂ କୋଭିଡ୍ ବିରୁଦ୍ଧରେ ଲଢେଇ ଜାରି ରଖିଥିବା ଯୋଦ୍ଧାମାନଙ୍କୁ ଉତ୍ସାହିତ କରିବା ପାଇଁ ଶପଥ ପାଠ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ନୀରବ ପ୍ରାର୍ଥନା ଏବଂ ଶପଥ ପାଠ କାର୍ଯ୍ୟକ୍ରମ ସମଗ୍ର ରାଜ୍ୟରେ ଆୟୋଜନ ହୋଇଥିଲା । ଏଥିପାଇଁ ଓଡିଶାବାସୀଙ୍କୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ । ମୁଖ୍ୟମନ୍ତ୍ରୀ ଏକ ବାର୍ତାରେ କହିଥିଲେ ଯେ, ମାନବ ଜାତି ତା’ର ଇତିହାସର ସବୁଠାରୁ କଷ୍ଟକର ପରିସ୍ଥିତି ମଧ ଦେଇ ବର୍ତମାନ ଗତି କରୁଛି । କୋଭିଡ୍ ମହାମାରୀ ସାରା ମାନବ ଜାତି ପାଇଁ ଏକ ଅଭୂତପୂର୍ବ ଆହ୍ୱାନ ସୃଷ୍ଟି କରିଛି ଏବଂ ପ୍ରତ୍ୟେକ ଦେଶ ଅତ୍ୟନ୍ତ ଗମ୍ଭୀର ସ୍ଥିତି ଦେଇ ଗତି କରୁଛନ୍ତି । ଏଣୁ ଏହାକୁ ହାଲୁକା ଭାବେ ନେବା ଉଚିତ୍ ନୁହେଁ । ଗତ ପାଂଚ ମାସ ହେଲା ଓଡିଶାର ଜନସାଧାରଣ ମଧ ଏହି ମହାମାରୀ ବିରୁଦ୍ଧରେ ଲଢେଇରେ ସାମିଲ୍ ହୋଇଛନ୍ତି । ସମସ୍ତଙ୍କ ସହଯୋଗରେ ଆମେ ଅନ୍ୟ ରାଜ୍ୟ ତୁଳନାରେ ଅଧିକ ଜୀବନ ରକ୍ଷା କରିପାରିଛୁ । ପ୍ରତ୍ୟେକଟି ଜୀବନ ଆମ ପାଇଁ ମୂଲ୍ୟବାନ ଏବଂ ପ୍ରତ୍ୟେକ ଲୋକର ଜୀବନ ରକ୍ଷା କରିବା ଆମର ମିଶନ୍ । ଆମର ହଜାର ହଜାର କୋଭିଡ୍ ଯୋଦ୍ଧାମାନଙ୍କର ପ୍ରତିବଦ୍ଧତା, ନିଷ୍ଠା ଓ ଅହର୍ନିଶ ସେବା ଯୋଗୁଁ ଆଜି ଏହା ସମ୍ଭବ ହୋଇ ପାରଛି । ଏହି ଭୟାନକ ଯୁଦ୍ଧରେ ଯେଉଁ ଯୋଦ୍ଧାମାନେ ବଳିଦାନ ଦେଇଛନ୍ତି, ମାନବ ଜାତି ପାଇଁ ତାଙ୍କର ଏହି ସର୍ବୋଚ୍ଚ ତ୍ୟାଗକୁ ପୁନଃ ସ୍ମରଣ କରିବା ଓ ସମ୍ମାନ ଜଣାଇବା ନିମନ୍ତେ ନିରବ ପ୍ରାର୍ଥନା କରିବାକୁ ନିବେଦନ କରିଥିଲେ । କୋଭିଡ୍ ଯୁଦ୍ଧରେ ଆମ ପରିବାର ଓ ଆମ ସୁରକ୍ଷା ପାଇଁ କୋଭିଡ୍ ନିୟମର କଡ଼ାକଡ଼ି ପାଳନ ସମ୍ପର୍କରେ ଶପଥ ପାଠ ଆମକୁ ଦାୟିତ୍ୱବାନ୍ ଭାବରେ କାର୍ଯ୍ୟ କରିବାକୁ ପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ ଏକ ବାର୍ତାରେ କହିଥିଲେ ।

ସାହସୀ ଯୁବକକୁ ସମ୍ବର୍ଦ୍ଧିତ କଲେ ବରୀ ବିଧାୟିକା

ଧର୍ମଶାଳା,୦୭।୮ (ନି.ପ୍ର): ଯାଜପୁର ଜିଲା ବରୀ ବ୍ଲକ ରତଲାଙ୍ଗ ସେତୁ ନିକଟରେ ଭାସି ଯାଉଥିବା ଜଣେ ମହିଳାଙ୍କୁ ପଂହରି ପଂହରି ଯାଇ ନଦୀରୁ ଉଦ୍ଧାର କରିଥବଲେ ସାହସୀ ଯୁବକ ଭ୍ରମରବର ମଲ୍ଲିକ । ଯୁବକଙ୍କ ସାହସୀ କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଉଥିବା ବେଳେ ଆଜି ବରୀ ବିଧାୟିକା ସୁନନ୍ଦା ଦାସ ତାଙ୍କ ବାସଭବନରେ ପଂହଚି ଭ୍ରମରବରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଠିକ୍ ସମୟରେ ସାହାସୀ ଜୁଟାଇ ମଝି ନଈରୁ ମହିଳାଙ୍କ ଉଦ୍ଧାର କରିଥିବାରୁ ତାଙ୍କୁ ଭୂୟସି ପ୍ରଶଂସା କରିବା ସହ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି । ଏମତି କାର୍ଯ୍ୟ କରି ଆଗକୁ ଯିବାକୁ ବିଧାୟିକା ପରାମର୍ଶ ଦେଇଥିଲେ । ଏମିତି ଭଲ କାମ ପାଇଁ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ସାହାସୀ ପୁରସ୍କାର ପ୍ରଦାନ ପାଇଁ ଉଦ୍ୟମ କରିବେ ବୋଲି ବିଧାୟିକା ପ୍ରତିଶୃତି ଦେଇଥିଲେ । ଆଗକୁ ଭଲ କାର୍ଯ୍ୟ କରିବି ବୋଲି ଭ୍ରମରବର କହିଛି । ସେପଟେ ନଦୀରେ ବୁଡି ଯାଉଥିବା ବରୀ ବ୍ଲକ ଉଦୟନାଥପୁର ପଂଚାୟତର ବୃନ୍ଦାବନ ଦାଶଙ୍କ ଧର୍ମପତ୍ନୀ ସୀତାରାଣୀଙ୍କୁ ଶ୍ରୀମତି ଦାସ ଭେଟିଛନ୍ତି । ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝିବା ସହ ସାଧୁବାଦ ଜଣାଇଛନ୍ତି । ବରିଷ୍ଠ ନେତା ଦେବେନ୍ଦ୍ର ଦାସଙ୍କ ସମେତ ସଚ୍ଚିଦାନନ୍ଦ ମହାକୁଡ, ଯୁବନେତା ଉମେଶ ଦାସ, ଆର୍ତବନ୍ଧୁ ସାମଲ, ଗୋବିନ୍ଦ ମଲ୍ଲିକ, ରଶ୍ମିରଂଜନ ପଳାଇ ଓ ପ୍ରଦୀପ ପଲାଇ ପ୍ରମୁଖ ଉପସ୍ଥିତ ରହି ଭ୍ରମରବରଙ୍କୁ ପ୍ରଶଂସା କରିଥିଲେ ।

ମେଗା ପାଇପ ଲାଇନ ଭାଙ୍ଗି ବୋହି ଚାଲିଛି ପାଣି

ନୂଆପଡା,୦୭।୮ (ନି.ପ୍ର): ସରକାର ନୂଆପଡା ଜିଲ୍ଲାରେ ଫ୍ଲୋରାଇଡ ପାନୀୟ ଜଳକୁ ଦୃଷ୍ଟିରେ ରଖି ମେଗା ପାଇପ ଲାଇନ ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ପାଇପ ଲାଇନ କାର୍ଯ୍ୟ କରୁଥିବା କମ୍ପାନୀ ଏବଂ ବିଭାଗୀୟ ଅଧିକାରୀ ମାନଙ୍କ ଖାମଖିଆଲି ମନୋଭାବ କାରଣରୁ ଏହି ଯୋଜନାର ସଫଳତା ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଖଡିଆଳ ସହର ସହ ଗ୍ରାମାଂଚଳ ସକାଶେ ଖଡିଆଳ ସହର ଠାରୁ ୧୫ କିଲୋମିଟର ଦୂର ତିଖାଲି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରୁ ମେଗା ପାଇନ ଲାଇନ ମାଧ୍ୟମରେ ପାନୀୟ ଜଳ ଯୋଗାଣ ହେଉଅଛି । ହେଲେ ଏହି ପାଇପ ଲାଇନ ପ୍ରତିଦିନ ଖରାପ ହେଉଥିବା ବେଳେ ଅନେକ ସମୟରେ ଫାଟି ଯାଉଥିବା ଦେଖିବାକୁ ମିଳିଛି । ଫଳରେ ଠିକ୍ ଭାବରେ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ । ଗୁରୁବାର ଖଡିଆଳ ବ୍ଲକର ବରଗାଁ ଗ୍ରାମ ନିକଟରେ ଏହି ପାଇପ ଲାଇନ ଭାଙ୍ଗି ଅନବରତ ପାଣି ବୋହି ଚାଲିଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପାଇପ ଲାଇନ ମରାମତୀ ସହ ଉନ୍ନତ ମାନର ପାଇପ ଖଞ୍ଜାଯିବାକୁ ସାଧାରଣରେ ଦାବୀ ହେଉଛି ।

ବିବିଧ ବିଶ୍ୱ

ଦେଶ ବିଦେଶର ଜଣାଅଜଣା

ଦହି ପନିର ମସଲା

ସାମଗ୍ରୀ :

- -ପନିର: ୨୫୦ ଗ୍ରାମ୍
- -ଦହି: ୧/୩ କପ୍
- -ବେସନ: ୧ ଚାମଚ
- -ଜିରା: ଅଧାଚାମଚ
- -ଲଙ୍କାଗୁଣ୍ଡ: ୨ ଚାମଚ
- -ହଳଦୀ ଗୁଣ୍ଡ: ୧ ଚାମଚ
- -ଜିରାଗୁଣ୍ଡ: ୧ ଚାମଚ
- -ଗରମ ମସଲା ଗୁଣ୍ଡ: ୧ ଚାମଚ
- -କସ୍ତୁରୀ ମେଥି: ୧ ଚାମଚ
- -କଟା ପିଆଜ: ୧ ଟା
- -ଅଦା ରସୁଣ ପେଷ୍ଟ: ୧ ଚାମଚ
- -ଟମାଟୋ: ୧ଟା
- -କଞ୍ଚାଲଙ୍କା: ୨ଟା
- -ଧନିଆ ପତ୍ର: ସଜେଇବା ପାଇଁ
- -ଲୁଣ: ସ୍ୱାଦ ଅନୁସାରେ
- -ପ୍ରୟୋଜନ ଅନୁଯାୟୀ ତେଲ

ପ୍ରଣାଳୀ : ପ୍ରଥମେ ପନିରକୁ କାଟି ଲଙ୍କାଗୁଣ୍ଡ ଓ ଲୁଣ ଦେଇ ଗୋଳାଇ ଦିଅନ୍ତୁ । ଗ୍ୟାସ୍‌ରେ ପ୍ୟାନ୍ ବସେଇ ବେସନକୁ ଭାଜି ଦିଅନ୍ତୁ । ଗୋଟିଏ ପାତ୍ରରେ ଦହି ଓ ସମାନ ମାତ୍ରାରେ ପାଣି ନେଇ ଗୋଳାଇ ଦିଅନ୍ତୁ । ସେଥିରେ ବେସନ ଭଜା, ଲୁଣ ପକେଇ ଗୋଳାଇ ଦିଅନ୍ତୁ । ତା' ପରେ ପନିରକୁ ସେଥିରେ ପକେଇ ଗୋଳାଇ ଦିଅନ୍ତୁ । ପ୍ୟାନ୍‌କୁ ଗ୍ୟାସ୍‌ରେ ବସେଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲା ପରେ ପନିରକୁ ପକେଇ ଭାଜନ୍ତୁ । ପନିର ଭାଜିହେଲା ପରେ ଗୋଟିଏ ପାତ୍ରରେ କାଢ଼ି ଦିଅନ୍ତୁ । ବଞ୍ଚିଥିବା ଦହିରେ ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ ଓ ଜିରାଗୁଣ୍ଡ ମିଶାନ୍ତୁ । ପୁଣି ପ୍ୟାନ୍‌କୁ ଗ୍ୟାସ୍‌ରେ ବସେଇ ତେଲ ଦିଅନ୍ତୁ । ତେଲ ଗରମ ହେଲା ପରେ ଜିରା ଓ କଟା ପିଆଜକୁ ପକାଇ ଭାଜନ୍ତୁ । ତା' ପରେ ଅଦା ରସୁଣ ପେଷ୍ଟ ପକାଇ କଷନ୍ତୁ । ଅଳ୍ପ କଷି ହୋଇଗଲା ପରେ ଟମାଟୋ ଓ ଲୁଣ ଦେଇ କଷନ୍ତୁ । ସେଥିରେ ଦହି ମିଶ୍ରଣକୁ ପକାଇ ଅଳ୍ପ ପାଣି ଦିଅନ୍ତୁ । ଶେଷରେ ଭଜା ପନିରକୁ ପକେଇ ଫୁଟାଇ ଦିଅନ୍ତୁ । ଫୁଟିଗଲା ପରେ କସୁରୀ ମେଥି ଓ ଧନିଆ ପତ୍ରକୁ ପକେଇ ଗ୍ୟାସ୍ ବନ୍ଦ କରିଦିଅନ୍ତୁ । ଗରମ ଗରମ ପରଟା, ନାନ୍ କିମ୍ବା ଭାତ ସହିତ ସମସ୍ତଙ୍କୁ ଖୁଆନ୍ତୁ ।

କାଠ କଣ୍ଢେଇ ସହ ବିବାହ

ଉତ୍ତରପ୍ରଦେଶର ପ୍ରୟାଗରାଜରେ ଏକ ଅଜବ ଧରଣର ବିବାହ ସାମ୍ନାକୁ ଆସିଛି । କନ୍ୟା ବଦଳରେ ବର ଜଣକ କାଠ କଣ୍ଢେଇକୁ ବିବାହ କରିଛନ୍ତି । ଏହି ବିଚିତ୍ର ବିବାହର ଫଟୋ ସୋସିଆଲ ମିଡିଆରେର ଭାଇରାଲ୍ ହେବା ପରଠୁ ଖବରରେ ଅଛି । ୯୦ ବର୍ଷୀୟ ବୃଦ୍ଧ ଶିବ ମୋହନ ନିଜ ପୁଅ ପାଇଁ ଏହି ଅଜବ ବିବାହର ନିଷ୍ପତ୍ତି ନେଇଛନ୍ତି । କାଠ କଣ୍ଢେଇ ସହ ପୁଅରର ବିବାହ କରାଇବାର କାରଣର ବିଷୟରେ ଏକ ଖବରସଂସ୍ଥା ପଚାରିବାରୁ ସେ କହନ୍ତି, ତା' ପାଖରେ କୌଣସି ସମ୍ପତ୍ତି ନାହିଁ କିମ୍ବା ସେ ବୁଦ୍ଧିମାନ ମଧ ନୁହେଁ । ଶିବ ମୋହନଙ୍କର ୯ ସନ୍ତାନ ଅଛନ୍ତି । ୮ ଜଣଙ୍କର ବିବାହ ହୋଇସାରିଛି । ସାନ ପୁଅ ପାଠ ପଢ଼ିନାହିଁ । ତା' ପାଖରେ କୌଣସି ସମ୍ପତ୍ତି ନାହିଁ । ଏ ଧରଣର ବିବାହ କରାଇବା ବୃଦ୍ଧଙ୍କର ଶେଷ ଇଚ୍ଛା ବୋଲି ତାଙ୍କ ବନ୍ଧୁବାନ୍ଧବମାନେ ଖବରସଂସ୍ଥାକୁ ଜଣାଇଛନ୍ତି । କାଠ କଣ୍ଢେଇକୁ ଲାଲ୍ ରଙ୍ଗର ଶାଢ଼ୀ ଓ ଫୁଲ ଦ୍ୱାରା ସଜ୍ଜିତ କରାଗଲା । ଏହା ପରେ ପୁରୋହିତଙ୍କ ଦ୍ୱାରା ମାଳାବଦଳ ବିଧି ସମ୍ପନ୍ନ ହେଲା । ଉଭୟ ଅଗ୍ନି ସମ୍ମୁଖରେ ୭ ଥର ଘୁରିଲେ । ଶିବ ମୋହନ ଜିଦି କରୁଥିଲେ ଯେ ମୃତ୍ୟୁ ପୂର୍ବରୁ ତାଙ୍କର ସମସ୍ତ ପୁଅଙ୍କ ବିବାହ ଶେଷ ହେବା ଉଚିତ । ଏହା ପରେ ବନ୍ଧୁବାନ୍ଧବ ଓ ସ୍ଥାନୀୟ ପୁରୋହିତ ତାଙ୍କ ଆଶ୍ୱସ୍ତ କରାଇଲେ ଯେ କନ୍ୟା ଅନୁପସ୍ଥିତିରେ କାଠ କଣ୍ଢେଇ ସହିତ ବିବାହ କରାଯାଇ ପାରିବ । ଏହି ବିବାହରେ କେବଳ ବୃଦ୍ଧଙ୍କ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା ।

ଭିଟାମିନ୍-ଡି ଓ ସୂର୍ଯ୍ୟକିରଣ

ସୂର୍ଯ୍ୟକିରଣ ଅନେକ ଦୃଷ୍ଟିରୁ ଲାଭକାରୀ । ଭିଟାମିନ୍-ଡି'ର ଅଭାବ ଯୋଗୁ ଅନେକ ରୋଗ ଘେରିଯାଏ । ସେଥିପାଇଁ ଶୀତଋତୁରେ ସୂର୍ଯ୍ୟକିରଣରେ କିଛି ସମୟ ବସିବା ଦ୍ୱାରା ଅନେକ ଫାଇଦା ହୋଇଥାଏ । ଏହା ବ୍ୟତୀତ ସୂର୍ଯ୍ୟକିରଣ ଆଇରନର ଅଭାବକୁ ଦୂର କରିଥାଏ । ଆଇରନର ଅଭାବ ଯୋଗୁ ଚର୍ମରୋଗ, ଦୁର୍ବଳତା, କ୍ୟାନ୍ସର, ଟିବି, ଓ ମାଂସପେଶୀ ସହିତ ଜଡ଼ିତ ରୋଗର ଚିକିତ୍ସା ସୂର୍ଯ୍ୟକିରଣ ଦ୍ୱାରା କରିହେବ । ବୈଜ୍ଞାନିକମାନଙ୍କ ମତରେ ସୂର୍ଯ୍ୟକିରଣ କେବଳ ଶରୀରର ବାହାର ପାର୍ଶ୍ୱ ଯେପରି ସ୍କିନ ଉପରେ ପ୍ରଭାବ ପକାଇ ଥାଏ, ତାହା ନୁହେଁ ଶରୀରର ଭିତରେ ଅଙ୍ଗଗୁଡ଼ିକୁ ମଧ ସୁସ୍ଥ ରଖିଥାଏ । କିନ୍ତୁ ଶରୀରରେ ସୂର୍ଯ୍ୟକିରଣଣ ନପଡ଼ିବା ଯୋଗୁ ଭିଟାମିନ-ଡିର ଅଭାବ ଦେଖାଦେଇଥାଏ ଯାହାଦ୍ୱାରା ବ୍ଲଡ କ୍ୟାନ୍ସର ପରି ଘାତକ ରୋଗ ମଧ ହୋଇପାରେ । କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ଜଣେ ସହାୟକ ପ୍ରଫେସରଙ୍କ ଅନୁସାରେ ପୂରା ବିଶ୍ୱରେ ଲ୍ୟୁକେମିୟା ପରି କ୍ୟାନ୍ସର ବୃଦ୍ଧି ପଛରେ ଭିଟାମିନ-ଡିର ଅଭାବ ହୋଇଥାଇପାରେ । ବାଇଗଣି ରଶ୍ମି ଓ ଭିଟାମିନ-ଡିର ଅଭାବରୁ ହେଉଥିବା କ୍ୟାନ୍ସରର ସିଧାସଳଖ ସମ୍ବନ୍ଧ ରହିଛି । ନିକଟରେ ହୋଇଥିବା ଏକ ପରୀକ୍ଷଣରୁ ଜଣାପଡ଼ିଛି ଯେ ଯେଉଁ ଦେଶମାନଙ୍କରେ ସୂର୍ଯ୍ୟକିରଣ କମ୍ ପଡ଼ିଥାଏ ସେହି ଦେଶମାନଙ୍କରେ ବ୍ଲଡ କ୍ୟାନ୍ସରର ଆଶଙ୍କା ଅଧିକ ଥାଏ । ଭିଟାମିନ୍-ଡି ଏହାର ମୁଖ୍ୟ କାରଣ ।



ପିଲାଙ୍କ 'ନଲେଜ୍ କ୍ୟାପ୍‌ସୁଲ୍'

କୋଲକାତାର ରାଜୀବ ପୋଦ୍ଦର ମାତ୍ର ୯ ବର୍ଷ ବୟସରେ ପାରାଲିସିସ୍‌ର ଶିକାର ହୋଇ ଚଲାବୁଲା କରିପାରିଲେ ନାହିଁ । ହ୍ୱିଲ୍‌ଚେୟାର ମଧରେ ସୀମିତ ରହିଗଲେ । ୩୦ ମିନିଟ୍‌ରୁ ଅଧିକ ସମୟ ବସିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ମା' ବାପା ତାଙ୍କ ଚିକିତ୍ସା ପାଇଁ ଏଣେତେଣେ ଦୌଡ଼ିଲେ, ସେଥିପାଇଁ ତାଙ୍କୁ ସ୍କୁଲ ବନ୍ଦ କରିବାକୁ ପଡ଼ିଲା । କିନ୍ତୁ ସଫଳତା ମିଳିଲା ନାହିଁ । ପୋଦ୍ଦରଙ୍କ ଜୀବନ କ୍ୱାରେଣ୍ଟାଇନ୍ ଭଳି ହୋଇଗଲା, ଯାହା ସେ ଦୀର୍ଘ ୪୦ ବର୍ଷ ଧରି ପାଳନ କରିଆସୁଛନ୍ତି । ଜୀବନରେ ଅନେକ ଜଟିଳତା ତାଙ୍କୁ ସାମ୍ନା କରିବାକୁ ପଡ଼ିଲା, କିନ୍ତୁ କେବେ ହାରିବେ ନାହିଁ ଏବଂ ଜୀବନରେ କିଛି କରିବେ ବୋଲି ସେ ନିଷ୍ପତ୍ତି ନେଲେ । ତାଙ୍କର ଏହି ନିଷ୍ଠା ହଜାର ହଜାର ଲୋକଙ୍କ ପାଇଁ ପ୍ରେରଣା ପାଲଟିଛି । ଜୀବନରେ ସାମ୍ନା କରିଥିବା ଚ୍ୟାଲେଞ୍ଜ ବିଷୟରେ ପୋଦ୍ଦର କହନ୍ତି, ପାରାଲିସିସ୍ ଯୋଗୁ ସେ ସ୍କୁଲ ଯାଇ ପାରିଲେନି । ସାଙ୍ଗସାଥିଙ୍କୁ ମଧ ଭେଟି ପାରିଲେନି । ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଲା । ୧୪ ବର୍ଷ ବୟସରେ ସେ ନିଜକୁ ବୁଝାଇଦେଲେ ଯେ ଏହା ହିଁ ଜୀବନ । ଏହି ସ୍ଥିତିରେ କିଛି ଭିନ୍ନ କରିବାକୁ ପୋଦ୍ଦର ସ୍ଥିର କଲେ । ପଢ଼ାପଢ଼ିରେ ସବୁ ସମୟ ବିତାଇଲେ । କିନ୍ତୁ ଯେତେବେଳେ ସେ ଦେଖିଲେ ତାଙ୍କ ସାଙ୍ଗସାନେ ପଢ଼ା ଶେଷ କରି ଚାକିରି ଜୀବନ ଆରମ୍ଭ କରୁଛନ୍ତି, ନିଜକୁ ଖୁବ୍ ଅସହାୟ ମନେକଲେ । ୨୩ ବର୍ଷ ବୟସ ବେଳକୁ ସ୍ଥାନୀୟ ଅଞ୍ଚଳରେ ସେ ଜଣେ ବୁଦ୍ଧିଜୀବୀ ଭାବେ ପରିଚିତ ହୋଇସାରିଥିଲେ । ଆଖପାଖର କିଛି ପିଲା ତାଙ୍କଠାରୁ ଗଣିତ ଶିକ୍ଷାଗ୍ରହଣ ପାଇଁ ଅନୁରୋଧ କଲେ । ମଜାମସ୍ତିରେର ସେ ପିଲାଙ୍କୁ ପଢ଼ାଇବା ଆରମ୍ଭ କଲେ । ପରେ ପିଲାମାନେ ତାଙ୍କ ଶିକ୍ଷାଦାନ ପାଇଁ ଅନୁରୋଧ କଲେ । ଏଥର ପୋଦ୍ଦରଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆସିଲା । ସ୍ଥାନୀୟ ଅଞ୍ଚଳରେ ତାଙ୍କ ଶିକ୍ଷକତା କୌଶଳର ଖୁବ୍ ପ୍ରଶଂସା ହେଲେ । ତାଙ୍କ ବ୍ୟାଚ୍ ପିଲାଙ୍କ ସଂଖ୍ୟା ୧୦ରୁ ୧୦୦ ପହଞ୍ଚିଲା । କିନ୍ତୁ ସେ ପିଲାଙ୍କଠାରୁ କୌଣସି ପାରିଶ୍ରମିକ ନେଲେ ନାହିଁ । କାରଣର ଟ୍ରେଡିଂ ଷ୍ଟକ୍‌ରୁ ପୋଦ୍ଦର ଯଥେଷ୍ଟ ଆୟ କରୁଛନ୍ତି । ଶିକ୍ଷକତା ଧୀରେ ଧୀରେ ତାଙ୍କର ନିଶା ପାଲଟିଲ । ଏହା ପରେ କରେଣ୍ଟ ଆଫେୟାର୍ସକୁ ନେଇ ପିଲାଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସେ 'ନଲେ୍ କ୍ୟାପ୍‌ସୁଲ' ପ୍ରତିଷ୍ଠା କଲେ । ଶିକ୍ଷକତା ମାଧମରେ ଶିଖିବାକୁ ମିଳେ ବୋଲି ତାଙ୍କର ବିଶ୍ୱାସ । ତେଣରୁ ସେ କେବେ ବି ଏହାକୁ ଛାଡ଼ିବାକୁ ଚାହାନ୍ତି ନାହିଁ । ଏବେ କିନ୍ତୁ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ପିଲାଙ୍କ ସଂଖ୍ୟା କମାଇ ଦେଇଛନ୍ତି । ତଥାପି ତାଙ୍କ ଶିକ୍ଷକତା ନିଶା କମିନାହିଁ । ଏବେ ୟୁଟ୍ୟୁବ୍‌ରେ 'ହେଲିକପ୍ଟର ମନି', 'ଜିଓ', 'କୋଭିଡ୍-୧୯' ଭଳି ଛୋଟ ଛୋଟ ଭିଡିଓ ଜରିଆରେର ଲୋକଙ୍କୁ ସଚେତନ କରୁଛନ୍ତି । ଘରେ ବନ୍ଦୀ ହୋଇ ରହିବା ଖୁବ୍ କଷ୍ଟଦାୟକ ବୋଲି କରୋନା ଭାଇରସ୍ ସମୟରେ ସେ ଲୋକଙ୍କଠୁ ଶୁଣୁଛନ୍ତି । କିନ୍ତୁ ସାରା ଜୀବନ ଚାରିକାନ୍ଥ ମଧରେ ବନ୍ଦୀ ଥିବା ବ୍ୟକ୍ତିଙ୍କ ବିଷୟରେ ଚିନ୍ତା କରିବା ଉଚିତ ବୋଲି ସେ କହନ୍ତି । ତେଣୁ ଆଶାବାଦୀ ହେବା ଉଚିତ ବୋଲି ସେ ଲୋକଙ୍କୁ ଅନୁରୋଧ କରିଛନ୍ତି । ପୋଦ୍ଦରଙ୍କ କାହାଣୀ ଏବେ ଅନ୍‌ଲାଇନ୍ ଭାଇରାଲ୍ ହେଉଛି ।

ସ୍ୱାସ୍ଥ୍ୟ ମନ୍ତ୍ର

ଶରୀରରେ ଜଳାଭାବ ଯୋଗୁ ଓଠ ଶୁଖିପାରେ । ଶୀତତାପ ନିୟନ୍ତ୍ରିତ କୋଠରୀରେ ଅଧିକ ସମୟ ରହିଲେ, ଦେହରୁ ଜଳୀୟ ଅଂଶ କମିଥାଏ । ଜୀବାଣୁ ବିରୋଧୀ ଔଷଧ ବା ଏଣ୍ଟିବାୟୋଟିକ୍‌ସ ଅଧିକ ମାତ୍ରା(ଓଭର୍‌ଡୋଜ୍)ରେ ଖାଇଲେ ମଧ୍ୟ ଓଠ ଶୁଖେ । ଏଥିରୁ ରକ୍ଷା ପାଇବା ପାଇଁ ଦିନରେ ଅଧିକ ପାଣି ପିଅନ୍ତୁ; ଅତି କମ୍‌ରେ ଆଠରୁ ଦଶ ଗ୍ଲାସ୍ । ପାଣିର ଅର୍ଥ ଶୁଦ୍ଧ ଜଳ; ଫଳ ରସ, ମୃଦୁ ପାନୀୟ, ଚାହା, କଫି, ବିଅର୍ ଆଦି ପାଣି ନୁହେଁ । ଶୀତତାପ ନିୟନ୍ତ୍ରିତ କୋଠରୀରେ ରହୁଥିବା ବେଳେ ଏଆର୍ କଣ୍ଡିସନର୍‌ର ପବନ ଯେପରି ସିଧା ମୁହଁ-ଦେହରେ ନ ବାଜେ, ସେଥି ପ୍ରତି ଦୃଷ୍ଟି ଦିଅନ୍ତୁ । ସ୍ନାନ ପରେ ସାରା ଦେହରେ, ଦେହକୁ ସୁହାଉଥିବା ମଏଶ୍ଚରାଇଜର୍ ଲଗାନ୍ତୁ ଏବଂ ଓଠରେ ଲିପ୍ ବାମ୍ । ରାତିରେ ଶୋଇବା ପୂର୍ବରୁ ନାହିରେ ସୋରିଷ ବା ନଡ଼ିଆ ତେଲ ଲଗାନ୍ତୁ ।

ସଂକ୍ରାମକ ହେପାଟାଇଟିସ୍

ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ୍ 'ବି' ଭୂତାଣରୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗ ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀମାନଙ୍କର ଆଖି ହଳଦିଆ ଦିଶେ, ଏହା ସତ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ୍ୟ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନ ହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦରୀ ଏବଂ ଯକୃତ କର୍କଟ ରୋଗ ମଧ୍ୟ ସୃଷ୍ଟି କରିପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ 'ବି' ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନିରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣରୁ ଦ୍ୱାରା ଅନ୍ୟ ଲୋକମାନେ ମଧ୍ୟ ସଂକ୍ରମିତ ହୋଇଥାନ୍ତି । ବିଶୁଦ୍ଧ ହୋଇ ନ ଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକ୍‌ସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡ଼ା ବା ଚିତାକୁଟା) କଲେ, ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ, ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପିଥାଏ ।

ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧା ପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ 'ବି'ର ବାହକ । ଛଅ


Hepatitis B Virus
Baltimore Group VII (dsDNA-RT)
Dna
E antigen HBeAg
Lipid bilayer membrane
Dna polymerase
Core antigen HBcAg
Large surface protein HBsAg
Small surface protein HBsAg
Medium surface protein HBsAg

ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ 'ବି' ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି । ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଆଦି ଦେଶରେ ହେପାଟାଇଟିସ୍ 'ବି'ର ବାହକ ସାଧାରଣତଃ କମ୍ (୦.୧-୨ ପ୍ରତିଶତ) ଜାପାନ, ଭାରତ, ସିଙ୍ଗାପୁର ଓ ଭୂମଧ୍ୟସାଗରୀୟ ଅଞ୍ଚଳରେ ୩-୫ ପ୍ରତିଶତ ବ୍ୟକ୍ତି ହେପାଟାଇଟିସ୍ 'ବି'ର ବାହକ । ଦକ୍ଷିଣ ପୂର୍ବ ଏସିଆ, ଚାଇନା ଓ ଆଫ୍ରିକା ମହାଦେଶରେ ୮ରୁ ୧୨ ପ୍ରତିଶତ ବ୍ୟକ୍ତି ହେପାଟାଇଟିସ୍ 'ବି'ର ବାହକ ଅଟନ୍ତି ।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚ କୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ରହିଛନ୍ତି । ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ପିଲାମାନଙ୍କ ଠାରେ ସାଧାରଣତଃ କୌଣସି ଲକ୍ଷଣ ନଥାଏ । ଏମାନେ ନିରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି ବୋଲି ବିଭିନ୍ନ ରିପୋର୍ଟରୁ ଜଣାପଡ଼େ । ଆହୁରି ମଧ୍ୟ ଜଣାପଡ଼ିଛି ଯେ, ଭାରତରେ ପ୍ରତି କୋଡ଼ିଏ ଜଣଙ୍କ ମଧ୍ୟରୁ ଅନ୍ୟୂନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନ କଥା ହେଉଛି ଯେ, ଅଧିକାଂଶ ବାହକ ଜାଣି ନ ଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଭୂତାଣୁ ଜଣେ ସୁସ୍ଥ ଲୋକର ଶରୀରକୁ ପ୍ରବେଶ କରେ । ହେପାଟାଇଟିସ୍ 'ବି' ଏଡ୍‌ସ ଠାରୁ ଶହେ ଗୁଣ ଅଧିକ ସଂକ୍ରାମକ । ପରିସଂଖ୍ୟାନରୁ ଜଣାଯାଇଛି ଯେ ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଂଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକ ଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟିକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନିଟି ଟିକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟିକାର ଏକମାସ ପରେ ଦ୍ୱିତୀୟ ଟିକା ଓ ପ୍ରଥମ ଟିକାର ଛଅ ମାସରେ ତୃତୀୟ ଟିକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟିକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇ ନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରମକ ହେପାଟାଇଟିସ୍ 'ବି' ପାଇଁ କୌଣସି ଔଷଧ ଆବିଷ୍କାର ହୋଇନାହିଁ ଯାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିର୍ଶ୍ଚିହ୍ନ କରିହେବ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା, ଏହା କେବଳ ଟିକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ଯକୃତ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।



Hepatitis B - Test
LABORATORY REQUEST
Requested Date
Tumor marker
AFP
CEA
CA125
CA15-3
CA19-9
PSA
Free PSA
Ferritin
Cardiac markers
Hepatitis A virus
Hepatitis B surface
Hepatitis B core antibody
Hepatitis B core IgM
Hepatitis B antigen
Hepatitis Be antibody

ଧ୍ୱନି ପ୍ରତିଧ୍ୱନି

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଆମ ପରମ୍ପରା...

ସମାଜ ସଂସାର ପାଇଁ...ଭାରତ ଏକ ପ୍ରାଚୀନ ଦେଶ । ତିନିରୁ ଚାରି ହଜାର ବର୍ଷର ସଂସ୍କୃତି ଓ ସଂସ୍କାର ଗଢ଼ି ଉଠିଛି ସମୟର ଆବଶ୍ୟକତା ନେଇ । ନୀତି ଓ ନିୟମ ଗଢ଼ାହୁଏ ସମୟର ଚାହିଦାକୁ ଚାହିଁ । ସମାଜର ପ୍ରଚଳିତ ପ୍ରଥା ଓ ପରମ୍ପରା ପରିବର୍ତ୍ତନ କରାଯାଏ ସମୟର ଚାହିଦାକୁ ଚାହିଁ । ହିନ୍ଦୁମାନଙ୍କ ରୀତିନୀତି ଓ ଧର୍ମନୀତି ମନୁସ୍ମୃତିରେ ଉଲ୍ଲେଖ ରହିଛି । ଏହି ସବୁ ବିଧି ବିଧାନ ଚଳି ଆସିଛି । କିନ୍ତୁ ଏହି ସବୁ ନୀତି ନିୟମ ଯେ ସବୁ କାଳରେ ପ୍ରଯୁଜ୍ୟ ହେବ ଏମିତି କୌଣସି ଦୃଢ଼ ନିୟମ ନାହିଁ । ଜ୍ଞାନ, ବିଜ୍ଞାନ, ପ୍ରଯୁକ୍ତି ଓ ପ୍ରଜ୍ଞାର ବାଟ ଦେଇ ଆମ ଚଳଣିରେ ଅନେକ ପରିବର୍ତ୍ତନ ହୋଇଛି ଏବଂ ଆହୁରି ପରିବର୍ତ୍ତନ ମଧ ହେବ । ପ୍ରଥାଗୁଡ଼ିକୁ ଚିରକାଳରେ ଚଳଣି ପଇଁ ସାଇତି ରଖି ହେବ ନାହିଁ । ଜ୍ଞାନର ଲାଳନ ପାଳନ, ବିଜ୍ଞାନର ପ୍ରାମାଣିକ ବ୍ୟବହାରିକତା, ପ୍ରଯୁକ୍ତି ମଧରେ ଲୁଚି ରହିଥିବା ପରିବର୍ତ୍ତନ ଧାରା ଏବଂ ପ୍ରଜ୍ଞାର ଶୁଦ୍ଧତା ଓ ବୌଦ୍ଧିକ ବିକାଶ ସବୁ ସମୟ ପ୍ରବାହରେ ବଦଳି ବଦଳି ଚାଲିଛି । ଲୋକମାନେ ଏହି ପରିବର୍ତ୍ତନର ପ୍ରତିରୋଧ କରିନାହାନ୍ତି, ବରଂ ଜୀବନକୁ ଅଧିକ କ୍ରିୟାଶୀଳ, ଶୁଦ୍ଧ ଓ ବୁଦ୍ଧ କରିବା ପାଇଁ ଗ୍ରହଣ କରି ନେଇଛନ୍ତି । କିନ୍ତୁ ସମୟ ସହିତ ତାଳ ଦେଇ ଏବଂ ଲୋକଙ୍କ ଚଳଣି ନିର୍ଦ୍ଦିଷ୍ଟ ମାର୍ଗରେ ଘସିମାଜି ହୋଇ ଯେତେବେଳେ ନୂତନ ବିଧାନଗୁଡ଼ିକ ଆହୁରି ଉପଯୁକ୍ତ, ଆହୁରି ସମୟୋଚିତ ଓ ଦରକାରୀ ହୋଇପଡ଼ିଛି, ସେତେବେଳେ ସେସବୁକୁ ପରିବର୍ତ୍ତନ କରାଯାଇଛି । ‘ସାବରୀମାଲା’ କେରଳର ଏକ ପ୍ରାଚୀନ ତୀର୍ଥ । ସେଇ ତୀର୍ଥ ଦର୍ଶନ କରିବା ପାଇଁ ଶହଶହ ବର୍ଷ ମଧରେ ଲୋକମାନେ ଯେଉଁସବୁ ବିଧିବିଧାନ ମାନି ଆସିଛନ୍ତି ସେସବୁ ଲୋକମାନେ ଗ୍ରହଣ କରିନେଇଛନ୍ତି । ପୁରୁଷମାନଙ୍କ ତୀର୍ଥ ଦର୍ଶନ ଅବାଧ, କିନ୍ତୁ ମହିଳାମାନଙ୍କ ଦର୍ଶନ ପାଇଁ କେତେକ ନିୟମ ରହିଛି । ଦଶ ବର୍ଷରୁ ପଚାଶ ବର୍ଷ ପର୍ଯ୍ୟନ୍ତ ମହିଳା ରଜସ୍ୱଳା ହୁଅନ୍ତି ବୋଲି ସେମାନଙ୍କୁ ଦେବ ଦର୍ଶନ ପାଇଁ ଯିବାକୁ ମନା । କିନ୍ତୁ ସର୍ବୋଚ୍ଚ ଅଦାଲତ ଏଇ ନିଷେଧ ଉଠାଇ ଦେଇ ପୁରୁଷ ପରି ନାରୀମାନଙ୍କୁ ମଧ ସମାନ କ୍ଷମତା ଦେଇଛନ୍ତି । ଏଇ ଖୋଲା ବ୍ୟବସ୍ଥା ବଦଳରେ ଯଦି ଦଶବର୍ଷରୁ ପଚାଶ ବର୍ଷ ମହିଳାମାନଙ୍କୁ ରଜସ୍ୱଳା ସମୟରେ ଦର୍ଶନ ନିଷିଧ କରି ଅନ୍ୟ ସମୟରେ ସେମାନଙ୍କୁ ପୁରୁଷଙ୍କ ପରି ଦର୍ଶନ କରିବା ପାଇଁ କ୍ଷମତା ଦିଆଯାଆନ୍ତା ତେବେ ନାରୀ ଓ ପୁରୁଷ ମଧରେ ସମାନତା ରହନ୍ତା । ଏ ବିଷୟରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କର ରିଭ୍ୟୁପିଟିସନ୍ ଦାଖଲ କରିବା ପାଇଁ ବାଟ ଅଛି । ସେହିପରି ସମଲିଙ୍ଗୀମାନଙ୍କ ବିବାହ କରିବା ପାଇଁ ଅନୁମତି ଦେଲେ ହଜାର ହଜାର ବର୍ଷ ଧରି ସମଲିଙ୍ଗୀମାନେ ମାନି ଆସୁଥିବା ପ୍ରଥା ପରମ୍ପରା ସାମାଜିକ ପରିବର୍ତ୍ତନ ନାମରେ ଅନେକ ଆଶାଳୀନ ଓ ଅଶୁଦ୍ଧ ଅଭ୍ୟାସ ଚଳିଯିବ ସମାଜରେ । ଏଥିରେ ମଧ କିଛି ପରିବର୍ତ୍ତନ କରାଯାଇପାରେ ଯଦି ମାନ୍ୟବର ସର୍ବୋଚ୍ଚ ଅଦାଲତ ଆଉ କିଛି ପରିବର୍ତ୍ତନ କରିବା ପାଇଁ ବାଟ ଖୋଲନ୍ତେ କିନ୍ତୁ ଗୋଟିଏ ବିଷୟ ସତ୍ୟ ଯେ ଦୀର୍ଘ ବର୍ଷ ଧରି ସର୍ବୋଚ୍ଚ ଅଦାଲତ ପ୍ରଚଳିତ ଆଇନଗୁଡ଼ିକୁ ମାନ୍ୟତା ଦେଇ ଆସୁଥିଲେ ମଧ ସମୟର ଚାହିଦାକୁ ଚାହିଁ ଆଚାର ବିଚାରରେ ପରିବର୍ତ୍ତନ ପାଇଁ ମଧ ବାଟ ଫିଟନ୍ତା । ଲୋକଙ୍କ ଚଳଣିରେ ପରିବର୍ତ୍ତନ କରିବା ସହିତ ସେମାନଙ୍କ ମଧରେ ସମାନତା ରହିବାରେ ମାନସିକତା। କୋହଳ କରିବା ମଧ ସମ୍ଭବ ହୁଅନ୍ତା । ମୁସଲମାନମାନଙ୍କ ମଧରେ ‘ତଲାକ୍ ତଲାକ୍ ତଲାକ୍’ ତିନିଥର ଉଚ୍ଚାରଣ ଦ୍ୱାରା ସ୍ୱାମୀ ସ୍ତ୍ରୀକୁ ଛାଡ଼ପତ୍ର ଦେଇପାରିବ । ଆଇନ ଅନୁସାରେ ସେମାନେ ଏହାର ବିରୋଧ କରୁଛନ୍ତି । କିନ୍ତୁ ଲକ୍ଷାଧିକ ମୁସ୍‌ଲିମ୍ ମହିଳା ସାମାଜିକ ପ୍ରଥା ମାନିନବା ଦ୍ୱାରା ସେମାନଙ୍କ ଜୀବନ ଜଞ୍ଜାଳ ଦୁର୍ଗମ ହେଉଛି । ସୌଭାଗ୍ୟର ବିଷୟରେ ତଲାକ୍ ପ୍ରଥା ଉଠାଇ ଦିଆଯାଇଛି ଏବଂ ନୂତନ ଆଇନ ଚାଲୁ ହୋଇଛି । ହରିୟାନା ଓ ଉତ୍ତରପ୍ରଦେଶ ଅଞ୍ଚଳରେ ସମଗୋତ୍ରୀମାନଙ୍କ ବିବାହ ନିଷେଧ । ଏହି ନିୟମ ନମାନିଲେ ପୁଅ ଝିଅଙ୍କୁ ହତ୍ୟା କରିବା ପରି ହୀନ କାର୍ଯ୍ୟ କରାଯାଉଛି । ଏଥିରୁ ଗୋଟିଏ ନିଷ୍କର୍ଷରେ ଉପନୀତ ହୋଇପାରିବା ଯେ ଯେଉଁ ସବୁ ପ୍ରଥ ପରମ୍ପରା ନାମରେ କେତେକ ପ୍ରଥା ପରମ୍ପରା ଏବେ ବି ଚାଲୁଛି ଯଦ୍ୱାରା ମନ୍ଦ ପରମ୍ପରା ସମାଜକୁ ଶୁଦ୍ଧ ଓ ସକ୍ରିୟ କରିବା ପରିବର୍ତ୍ତେ ଅଶୁଦ୍ଧ କରୁଛି, ଏହାର ପରିବର୍ତ୍ତନ ଲୋଡ଼ା । ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କଦ୍ୱାରା ସମୟକ୍ରମେ ଅନେକ ମନ୍ଦ ପରମ୍ପରା ଓ ପ୍ରଥା ଉଠାଇ ଦିଆଯାଇପାରିବ ।

କଜଳପାତି....

ସୁଧାକର ରାଉତ

କଜଳପାତିରେ କଜଳପାତି
ତୋ ଦେହଟା ସିନା କାଳିଆ ଅତି
କି ମୂଲ୍ୟ ବା କୁହ ରଙ୍ଗେ
ଆକାଶରେ ତୁ ଉଡିବୁଲୁ ନିତି
ଆହା କି ନିଆରା ଢଙ୍ଗେ ।

ଅନିଷ୍ଟକାରୀ ଯେତେ ପୋକ ଜୋକ
ଖାଉ ଉଡି ଉଡି ଆକାଶ ଯାକ
ଥଣ୍ଟରେ ନେଇ ଆହାର
ବସାରେ ତୋର କିଟି ଛୁଆଙ୍କୁ
ଦେଇ ବଢ଼ାଉ ଯତ୍ନର ।

ତୋ ବସା ପାଇଁ ତୁ ସତର୍କ ପ୍ରହରୀ
ଭଳି ଜଗିଥାଏ ଶତ୍ରୁଙ୍କୁ ତୋରି
କାଉ, ଚିଲ ବା ଛଞ୍ଚାଣ
ସମସ୍ତଙ୍କୁ ତୁ ନିର୍ଭୀକ ଭାବରେ
କରଉଟି ଆକ୍ରମଣ ।

ତୋହର ଅଦ୍ୟମ ସାହସ ପାଇଁ
ଦୁର୍ବଳ ପକ୍ଷୀଏ ତୋ ବସା ଠେଇଁ
କରନ୍ତି ବସା ନିଜର
ସମସ୍ତଙ୍କୁ ତୁ ସୁରକ୍ଷା ଯୋଗାଉ
ହୋଇଣ ନିଃସ୍ୱାର୍ଥପର ।

କହନ୍ତି ତୋତେ ଟି ପୁଲିସ ପକ୍ଷୀ
ସର୍ବଦା ତୋର ଶତ୍ରୁ ପ୍ରତି ଆଖି
ନିଜର ହେଉ ବା ପର
ଉପକାର କରିବା ପାଇଁକି ପରା
ସତ ତ ତୁହି ତତ୍ପର ।

ମନେ ରଖ ମୋ ଟିକି କୁନି କୁନା
ନିଜକୁ କେବେହେଁ ସାନ ମଣନା
ଥିଲେ ମନରେ ସାହସ
ସବୁ ବାଧା ବିଘ୍ନ ହେଇଯିବ ଦୂର
ଜୀବନ ହେବ ସରସ ।

+ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

ଡାକ୍ତର ସୁରେନ୍ଦ୍ର ନାଥ ଦାଶ

ନିନ୍ଦିତ ଈଶ୍ୱର!

ଭୟଙ୍କର କରୋନା ରୋଗ ସାରା ପୃଥିବୀର କୋଣ ଅନୁକୋଣରେ କେବଳ ମୃତ୍ୟୁର ତାଣ୍ଡବ ଖେଳାଇନାହିଁ, ଶହ ଶହ ବର୍ଷ ଧରି ଗଢି ଉଠିଥିବା ମାନବ ସଭ୍ୟତାର ମୂଳୁଦୁଆକୁ ଦୋହଲାଇ ଦେଇଛି । ମଣିଷ ଏକ ସାମାଜିକ ପ୍ରାଣୀ । ଖାଇ ପିଇ କେବଳ ପଶୁ ଭଳି ନ ବଂଚି ସେ ସମାଜ ସହ ମିଶି ତା ଭିତରେ ଜଣେ ହୋଇରହେ । ସମାଜର ମୂଳୁଦୁଆ ଉପରେ ତାର ଧର୍ମନିତୀ, ଅର୍ଥନିତୀ, ରାଜନୈତିକ ବିଚାରଧାରା, କଳା, ସାହିତ୍ୟ, ସଂସୃତି ସ୍ଥାପତ୍ୟ, ବିଜ୍ଞାନ ଆଦିର ବିକାଶ ହୋଇ ମଣିଷକୁ ପ୍ରାଣୀ ଜଗତର ଶ୍ରେଷ୍ଠ ସୃଷ୍ଟିରେ ପରିଣତ କରିଛି । ନିଜର ଜୀବନକୁ ସରସ ସୁନ୍ଦର କରିବାକୁ ଇଶ୍ୱରଙ୍କ ଧାରଣା ବା କଳ୍ପନା ମାନବ ସମାଜର ଏକ ଅଭିନବ ଆବିଷ୍କାର । ଇଶ୍ୱର କଳ୍ପନା କିଭଳି ଏବଂ କେବେ ମଣିସ ସମାଜରେ ପ୍ରବେଶ କଲା ତାହା କହିହେବ ନାହିଁ । ଆଦି ମାନବ ଯେତେବେଳେ ଗୁମ୍ଫାରେ ଲଙ୍ଗଳା ହୋଇ ରହୁଥିଲା, ନିଆଁର ବ୍ୟବହାର ଜାଣି ନଥିଲା, ଏ ବିଶାଳ ପ୍ରକୃତି ତା ମନରେ ଯେଉଁ ଭୟ ସୃଷ୍ଟି କଲା, ସେଥିରୁ ହିଁ ଇଶ୍ୱର ବା ସୃଷ୍ଟି କର୍ତା ଭାବନା ତା ମନରେ ଆରମ୍ଭ ହେଲା । ଭୟରୁ ଭକ୍ତିର ସୃଷ୍ଟି । କାଠ, ପଥର, ବୃକ୍ଷ, ସର୍ପ, ମେଘ, ସମୁଦ୍ର, ଆକାଶ, ସୂର୍ଯ୍ୟ, ଅଗ୍ନି, ବଜ୍ର ଆଦି ପ୍ରକୃତିର ପ୍ରତୀକ ରୂପେ ଆଦି ମଣିଷ ଦ୍ୱାରା ପୂଜା ପାଇବାକୁ ଲାଗିଲେ । ସଭ୍ୟତାର ଅଗ୍ରଗତି ସଙ୍ଗେ ଉପକାର ପାଉଥିବା ଶକ୍ତିକୁ ମଣିଷ ଇଶ୍ୱର ରୂପେ ଭାବିବାକୁ ଲାଗିଲା । ଭୟର ସ୍ଥାନ କୃତଜ୍ଞତା ନେଲା । ପାଣି, ପବନ, ଆଲୋକ, ବଜ୍ର, ବୃକ୍ଷ, ଗାଭୀ, ନଦୀ ଆଦି ପ୍ରକୃତିର ଉପାଦାନ ଗୁଡିକୁ ସେ ଇଶ୍ୱରଙ୍କର ସ୍ୱରୂପ ବୋଲି ପୂଜା କଲା । ଘୃତ ଆହୁତି ଦେଇ ସେହି ଶକ୍ତିକୁ ସେ ସନ୍ତୋଷ କରିବାକୁ ଚାହିଁଲା । ଫଳ ପୁଷ୍ପ, ଧୂପ ଦେଇ ପୂଜା କଲା । ମନ୍ତ୍ର ରଚନା କଲା । କେତେକ ପ୍ରାଣୀ ବଳି ଦେବା ଆରମ୍ଭ କଲେ । ଆହୁରି ପାଖରେ ପାଇବା ପାଇଁ ମୂର୍ତି ଗଢି ଇଶ୍ୱରଙ୍କର ବିଭିନ୍ନ ରୂପର ପରିକଳ୍ପନା କଲେ । ବଡ ବଡ ମନ୍ଦିର ତୋଳି ମହଣ ମହଣ ସୁନା ରୁପାରେ ମନ୍ଦିର ସଜାଇଲେ । ଶାସକ ମାନେ ନିଜ ନିଜ ରାଜ୍ୟର ଦେବତାଙ୍କୁ ନିଜର ଅହଙ୍କାର, ଶକ୍ତି ର ପ୍ରତୀକ ରୂପେ ଚମତ୍କାର କରି ତୋଳିଲେ, କାହାଣୀ କିମ୍ବଦନ୍ତୀ ଖଞ୍ଜି ସାଧାରଣ ଲୋକଙ୍କ ମନରେ ଭୟ ଓ ଭକ୍ତି ଉଦ୍ରେକ କରି ଦେବତା ଆଢୁଆଳରେ ସ୍ୱେଚ୍ଛାଚାରୀ ଶାସନ ଚଳାଇଲେ । ସେ ନିଜକୁ ଇଶ୍ୱରଙ୍କର ଅବତାର ରୂପେ ଘୋଷଣା କଲେ । ସେତେବେଳେ ଗମନା ଗମନର ସୁବିଧା ନଥିଲା । ବିଭିନ୍ନ ଅଂଚଳରେ ନିଆରା ନିଆରା ଧର୍ମ ବିଶ୍ୱାସ ଗଢି ଉଠିଥିଲା । ଯିବା ଆସିବା ସୁବିଧା ହେବା ପରେ ଧର୍ମ ଧର୍ମ ମଧ୍ୟରେ ସଂଘର୍ଷ ଆରମ୍ଭ ହେଲା । ସମୟକୁ ଚାହିଁ ନୂଆ ଧର୍ମ ଓ ନୂଆ ମହାପୁରୁଷ ମାନେ ବାହାରି ନୂଆ ଧର୍ମର ସୃଷ୍ଟି କଲେ । ବାସ୍ତବିକ ଏସବୁ ପୁରୁଣା ମତର ନୂଆ ସଂସ୍କରଣ । ଧର୍ମ ଧର୍ମ ମଧ୍ୟରେ ରକ୍ତାକ୍ତ ଯୁଦ୍ଧ ଆରମ୍ଭ ହେଲା । ମୋ ଇଶ୍ୱର ହିଁ ଠିକ୍, ସେ ହିଁ କେବଳ ମୁକ୍ତି ଦେବେ, ତାଙ୍କୁ ନ ଡାକିଲେ ନର୍କଗାମୀ ହେବ, ଏହା ପ୍ରଚାର କରାଗଲା । ଶକ୍ତି ଓ ଛଳନା ପ୍ରୟୋଗ କରି ମଣିଷର ଧର୍ମ ବଦଳା ଗଲା। ଏବେ ମଧ୍ୟ ସେ ଧାରା ଅବ୍ୟାହତ ରହିଛ। ବିଶ୍ୱର ସର୍ବ ଶେଷ୍ଠ ଜୀବ ମଣିଷ ବୁଝି ପାରୁନି ଯେ, ସବୁ ଧର୍ମ ଏକ । ଇଶ୍ୱର ଯଦି ବି ଥାଆନ୍ତି ସେ ମଧ୍ୟ ଏକ । ଏ କ୍ଷେତ୍ର ରେ ସେ ପଶୁଠାରୁ ଆହୁରି ବୁଦ୍ଧିହୀନ ହୋଇ ପଡିଛି। ଆଗେ ମୁକ୍ତି ବା ମୋକ୍ଷ ପାଇଁ ମଣିଷ ଇଶ୍ୱର ଆରାଧନା କରୁଥିଲା। କାଳକ୍ରମେ ଭୌତିକ ସୁଖ, ସଂପଦ, କ୍ଷମତା ପାଇଁ ସେ ଇଶ୍ୱରଙ୍କୁ ଡାକିବା ଆରମ୍ଭ କଲା । “ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ”,ବଦଳରେ ଜଗତ ପଛକେ ନର୍କ ଭୋଗୁଥାଉ, ମୋ ବଂଶ ଉଦ୍ଧାର ହେଉ, ଚିନ୍ତାଧାରା ମନରେ ପ୍ରବେଶ କଲା । ଇଶ୍ୱରଙ୍କୁ ଧରି ସମସ୍ତ ଅପକର୍ମରୁ ଉଦ୍ଧାର ହେବାର ପ୍ରୟାସ କରାଗଲା । ଇଶ୍ୱରଙ୍କୁ ରେଡି ମେଡ ପାଇବା ପାଇଁ ମିଡଲମାନ(ଗଡ ମ୍ୟାନ) ମାନେ ବିଭିନ୍ନ ବାବା ଆକାରରେ ସୃଷ୍ଟି ହେଲେ । ଅତି ଧୂର୍ତ ଓ ହାତ ସଫେଇରେ ଧୂରନ୍ଧର ଏହି ବାବା ମାନେ ନିଜକୁ ଇଶ୍ୱରଙ୍କର ଅବତାର ବୋଲି ଦାବି କଲେ। ହାତ ସଫେଇରେ ଶୂନ୍ୟରୁ ବିଭୁତି, ଫୁଲ, ମୁଦି ମାନ ବାହାର କଲେ, ସିମେଂଟ ଗାଈ ଚିରରୁ କ୍ଷିର ଦୁହିଁଲେ । ସମାଜକୁ ଶୋଷଣ କରୁଥିବା କ୍ଷମତାଶାଳୀ ବ୍ୟକ୍ତି ମାନେ ସେହି ବାବା ମାନଙ୍କ ପାଖରେ ଧାଡି ଲମ୍ବାଇଲେ । ତାଙ୍କ ଦେଖାଦେଖି କ୍ଷମତା ଶାଳୀଙ୍କ ଚେଲା ମାନେ ମଧ୍ୟ ପରମ ଭକ୍ତ ହୋଇଗଲେ । ସମସ୍ତଙ୍କ ଘରେ ଭଗବାନଙ୍କ ବଦଳରେ ଗୋଟେ ବାବା ଙ୍କ ଫଟୋ ଶୋଭା ପାଇଲା ।

ହଟାତ କରୋନା ଆସି ସବୁ ଓଲଟପାଲଟ କରିଦେଲା । ନିଜକୁ ଭଗବାନ ବୋଲି କିମିଆ ଦେଖାଉ ଥିବା କୌଣସି ନକଲି ଭଗବାନ ଏଭଳି ଏକ ବିରାଟ ଦୁର୍ବିପାକ ମଣିଷ ସମାଜ ଉପରକୁ ମାଡି ଆସୁଛି ବୋଲି ଆଗରୁ ଜାଣି ପାରିଲେ ନାହିଁ । ଅନେକ ମନେ କରନ୍ତି, ଏତଦିନ ଦେଉଳ ମାନଙ୍କରେ ମହା ଆଡମ୍ବରରେ ଛପନ ଭୋଗ ଖୋଇ ଯେଉଁ ଠାକୁର ଗୁଡାକ ଆମେ ପୋଷୁ ଥିଲେ ସେଗୁଡା କୋଉ କାମର ନୁହଁନ୍ତି । ନିଜେ ଦେଉଳରେ ଲୁଚିଛନ୍ତି, ଆମକୁ ରଖିବେ କଣ ? ଏହି ମିଛ ଭଗବାନଙ୍କୁ ପୂଜା କରି ଲାଭ କଣ ? ସେଥିପାଇଁ ଏବେ କିଛି ଲୋକ କହିଲେଣି, “ଆମ ଦେବା ଦେବୀ ମିଛ, ସେଗୁଡାକ କୋଉ କାମର ନୁହନ୍ତି ! ଧଳା ହାତୀ ପୋଷିବା ସାର !”

ଇଶ୍ୱର ଅଛନ୍ତି କି ନାହାନ୍ତି, ଏହା ଏକ ଆଦିମ ପ୍ରଶ୍ନ । ଯୁଗେ ଯୁଗେ ଏ ପ୍ରଶ୍ନର ଉତର ମଣିଷ ଖୋଜି ଚାଲିଛି । ଏହା ଖୋଜି ବାକୁ ଗୌତମ ରାଜପଦ ଛାଡି ବୁଦ୍ଧ ହେଲେ । ତଥାପି ସେ ପ୍ରଶ୍ନର ଉତର ଆମକୁ ମିଳିନାହିଁ । ଦିନେ ମାର୍କସ କହିଥିଲେ, “ଧର୍ମ ଓ ଇଶ୍ୱର ମଣିଷ ପାଇଁ ଅଫିମ ଅଟେ । ତାହାରି ମାଧ୍ୟମରେ ଦଳେ ଧୂର୍ତ, ନିରୀହ ମଣିଷକୁ ଯୁଗେ ଯୁଗେ ଶୋଷଣ କରନ୍ତି ।” ତାଙ୍କରି ଶିଷ୍ୟ ଷ୍ଟାଲିନ୍ ରଷିଆର ସବୁ ଚର୍ଚ୍ଚ, ମସଜିଦ ଭାଙ୍ଗି ଦେଲେ । ପୁଣି ଯେତେବେଳେ ନାଜି ମାନେ ରଷିଆ ଭିତରକୁ ମାଡି ଆସିଲେ, ଲେନିନଗ୍ରେଡକୁ ବର୍ଷ ବର୍ଷ ଧରି ଘେରାଉ କରି ରଖିଲେ, ଭଙ୍ଗା ଚର୍ଚ୍ଚ ଖୋଲି ପ୍ରାର୍ଥନା କରିବାକୁ ଷ୍ଟାଲିନ ଆଦେଶ ଦେଲେ । ଈଶର ଥାଆନ୍ତୁ କି ନାହିଁ, ବଡ କଥା ନୁହେଁ, ମଣିଷ ସବୁବେଳେ ଏକ ସହାୟ ଖୋଜେ । ଭାବେ ବିପଦ ବେଳେ ତା ପଛରେ କିଏ ଥାଆନ୍ତା କି ? ବିପଦ ଆସିଲେ ପିଲାଟି ମା ପଣତ ତଳେ ମୁହଁ ଲୁଚାଏ । ସତେ ଯେମତି ମାଆର ପଣତ କାନି ତାକୁ ସବୁ ବିପଦରୁ ରକ୍ଷା କରିବ ! ବୁଡିଗଲା ଲୋକ କୁଟା ଖିଅକୁ ମାଡି ବସେ, କାଳେ ରକ୍ଷା ପାଇବ । ସାନ ପିଲାଟିଏ ଜଙ୍ଗଲ ଦେଇ ଗଲା ବେଳେ ଡରିବାରୁ ମା କହିଲା, “ସେ ଜଙ୍ଗଲରେ ତୋ ବଡଭାଇ ଗୋପାଳ ରହେ । ଡରୁଛୁ କାହିଁ କି ?” ସେହି ଭାବନା ପିଲା ମନରୁ ଡର ଦୂର କଲା । ଆଲଜେବ୍ରାର ଏକ୍ସ ଏକ କାଳ୍ପନିକ ଅଙ୍କ । ତଥାପି ମନେକର ଏକ୍ସ ସାହାଯ୍ୟରେ ଆମେ ଜଟିଳ ଗଣିତ ସମସ୍ୟା ସମାଧାନ କରୁ । ଛାୟା କାୟା ସହ ରହେ । ଅସ୍ତିତ୍ୱ ନଥିଲେ ମଧ୍ୟ ଛାୟା ଓ କାୟା ଅଭିନ୍ନ । ଇଶ୍ୱର ଥାଆନ୍ତୁ କି ନାହିଁ ଯୁଗେ ଯୁଗେ ଅସହାୟ ମଣିଷ ବିପଦ ବେଳେ ତାଙ୍କୁ ଖୋଜିଛି । ମନରେ ସାହାସ ପାଇଛି । ତା ସହ ଇଶ୍ୱର ଛାୟା ଭଳି ରୁହନ୍ତୁ ବୋଲି ଇଛା କରିଛି । ପଙ୍ଗୁ ହୋଇ ମଧ୍ୟ ପର୍ବତ ଡେଇଁବାର ସାହାସ ପାଇଛି (ମୁକ କରୋତି ବାଚାଳମ, ପଙ୍ଗୁ ଲଂଘୟେତ ଗିରି)। ସେହି କାଳ୍ପନିକ ଇଶ୍ୱର ନାମକ ବସ୍ତୁର କଳ୍ପନା କରି । ଗୀତାରେ କୁହାଯାଇଛି, ଯିଏ ମୋତେ ଯେମତି ଭାବେ, ମୁଁ ସେହି ରୂପରେ ତାକୁ ଅନୁଭବ ହୁଏ । ଆମେ ଯଦି ଇଶ୍ୱର ଅଛନ୍ତି ବୋଲି ଭାବିବା, ସେ ଅଛନ୍ତି ! ନାହିଁ କଲେ ନାହାଁନ୍ତି ! ଏ ଅଗମ୍ୟ ପ୍ରଶ୍ନର ସମାଧାନ ମୋର କ୍ଷୁଦ୍ର ଜ୍ଞାନରେ ମୁଁ ଏତିକି କହିପାରେ, ଇଶ୍ୱର ନଥାନ୍ତୁ , କିଛି ଯାଏ ଆସେ ନାହିଁ, କିନ୍ତୁ ଇଶ୍ୱର ଅଛନ୍ତି ବୋଲି ଭାବିନେଲେ କ୍ଷତି କଣ ? ଆମେ ବିପଦ ବେଳେ କିଛି ସାହାସ ପାଇବା, ଦୁଃଖ ସହିବାକୁ ଧୈର୍ଯ୍ୟ ମିଳିବ, ମଲା ବେଳେ ଶାନ୍ତିରେ ମରିବା । ଆମ ମନ ବଳ ହିଁ ଯାହା ଆମେ ଇଶ୍ୱର ଚିନ୍ତନରୁ ପାଇବା ତାହା ହିଁ କରୋନା ଉପରେ ବିଜୟ କରିବାକୁ ଆମର ଆଜି ପ୍ରଧାନ ଅସ୍ତ୍ର । ଏବେ କରୋନା ସହିତ ଲଢେଇ କରୁଛି ବୈଜ୍ଞାନିକଙ୍କ ଔଷଧ ନୁହଁ, ମଣିଷ ଦେହରେ ଥିବା ଇଶ୍ୱର ଦତ ପ୍ରତିରୋଧକ ଶକ୍ତି ।

ହୁଏତ କରୋନା ଆହୁରି ଭୟଙ୍କର ହୋଇଥାଆନ୍ତା, ଆହୁରି ଅଧିକ ଲୋକ ମରି ଥାଆନ୍ତେ, ସେହି ଅଦୃଶ୍ୟ ଇଶ୍ୱରଙ୍କ ଦୟାରୁ ତାହା ସିମିତ ଅଛି । ତାଙ୍କରି ଦୟାରୁ ଆମେ ତାକୁ ଶେଷ କରିଦେବା । ଏହି ସକାରାତ୍ମକ ଭାବନା ହିଁ ଆଜି ଆମ ମନରେ ଜାଗ୍ରତ ହେଉ । ତାହାଲେ ଆମେ କରୋନା ଉପରେ ନିଶ୍ଚୟ ବିଜୟ ଲାଭ କରିବା । “ମର୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ !” ଆମର ମୃତ୍ୟୁ ନିଶ୍ଚୟ ଦିନେ ହେବ । ଦେହ ବହି ରୋଗ ଦୁଃଖ ଆମକୁ ସହିବାକୁ ପଡିବ । ଭଗବାନ କୃଷ୍ଣ ଅପଘାତରେ ମରିଥିଲେ । ମର୍ଯ୍ୟାଦା ପୁରୁଷୋତମ ରାମଚନ୍ଦ୍ର ବଣକୁ ଯାଇଥିଲେ। ଆମେ ଇଶ୍ୱରଙ୍କୁ ଡାକି ଭାଗ୍ୟକୁ ଏଡାଇ ପାରିବା ନାହିଁ। ତାଙ୍କ ଚିନ୍ତା କରି ସାହାସ ଓ ଧୈର୍ଯ୍ୟ ସହ ବିପଦକୁ ସାମନା କରିବା । “ବିପଦ ଆପଦେ ଭୟ କାହାକୁ? ଡାକି ଦିଅ ଥରେ ଚଉ ବାହାକୁ!

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ମୋ:୯୪୩୭୨୩୫୩୮୬

ଗୋପାଳ ମହାପାତ୍ର

ଘରୋଇକରଣ ଜାଲରେ ରେଳବାଇ

ବିଗତ କିଛି ବର୍ଷ ହେବ କେନ୍ଦ୍ର ସରକାର ଘରୋଇକରଣ ନୀତିକୁ ଅଗ୍ରାଧିକାର ଦେଇଚ୍ଲିଛନ୍ତି। ଏବେ ଭାରତୀୟ ରେଳବାଇ ମଧ ସରକାରଙ୍କ ଏହି ନୀତିର ପରିସର ମଧକୁ ଆସିଯାଇଛି। ଏଯାବତ୍ ଡ଼ଜନେରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇ ମାଲିକଙ୍କ ହାତରେ ସମର୍ପି ଦେଇ ସାରିଛନ୍ତି ସରକାର। ଏବେ କିଛି ବର୍ଷ ହେବ କେନ୍ଦ୍ର ସରକାର ଯେଉଁ ବଜେଟ ପ୍ରସ୍ତୁତ କରୁଛନ୍ତି ସେଥିରେ ବିନିବେଶ ନାମରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ଅଂଶଧନ ବିକ୍ରୀକୁ ମଧ ଅଗ୍ରାଧିକାର ଦେଉଛନ୍ତି। ରେଳବାଇ ର ଘରୋଇକରଣ ପ୍ରକ୍ରିୟା ୨୦୧୯ ମସିହାରେ ତେଜସ୍ ଏକ୍ସପ୍ରେସ୍ ଚଳାଇବା ଠାରୁ ଆରମ୍ଭ ହୋଇଥିଲା। କିନ୍ତୁ ସେତେବେଳେ ବିଭିନ୍ନ ରାଜନୈତିକ ଦଳ ଏବଂ ସାଧାରଣ ଲୋକଙ୍କ ବିରୋଧ କାରଣରୁ ରେଳବାଇକୁ ଘରୋଇ କରଣ କରାଯିବ ନାହିଁ ବୋଲି ସରକାର ସ୍ୱଷ୍ଟିକରଣ ଦେଇ କହିଥିଲେ। ବର୍ତ୍ତମାନ ଯେତେବେଳେ ସାରା ଦେଶରେ କୋରେନା ମହାମାରୀ ଭଳି ସଙ୍କଟ ଦେଖାଦେଇଛି, ଲୋକ ତାଙ୍କର ରୋଜଗାର ହରାଇଛନ୍ତି ସେଭଳି ସମୟରେ ସେମାନଙ୍କୁ ରୋଜଗାର ଯୋଗାଇଦେବା ଏବଂ ରୋଜଗାରର ସୁରକ୍ଷା ଉପଲବ୍ଧ କରାଇବା ପରିବର୍ତ୍ତେ ସରକାର କେତେକ କମ୍ପାନୀକୁ ଘରୋଇ ମାଲିକଙ୍କ ହାତରେ ଦେଇଦେବା ର ନିଷ୍ପତ୍ତି ନେଇଛନ୍ତି। ଏହା କେତେ ଯୁକ୍ତି ସଙ୍ଗତ ? ଏ ଦେଶର ଜନସାଧାରଣ ଏ ପ୍ରସଙ୍ଗରେ ତର୍ଜମା କରିବା ଆବଶ୍ୟକ। ଆଶ୍ଚର୍ଯ୍ୟର କଥା ହେଉଛି ବର୍ତ୍ତମାନର କେନ୍ଦ୍ର ସରକାର ଗୋଟିଏ ବି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସ୍ଥାପନା କରିନଥିବା ବେଳେ କେବଳ ବିକ୍ରୀ କରିଚ୍ଲିଛନ୍ତି। ସରକାର ବୋଧ ହୁଏ ବୁଝିପାରୁନାହାଁନ୍ତି ଯେ ପୂର୍ବତନ ସରକାରମାନେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଗଠନ କରିଥିଲେ କାହିଁକି ?

ଭାରତୀୟ ରେଳବାଇ ହେଉଛି ବିଶ୍ୱର ୪ର୍ଥ ବୃହତ୍ତମ ରେଳ ନେଟୱାର୍କ ଓ ଏହା ଗରୀବ, ମଧବିତ୍ତମାନଙ୍କ ପାଇଁ ଗମନାଗମନର ଏକ ଉତ୍ତମ ମାଧମ। ବସ୍ ଓ ଅନ୍ୟ ଯାନବାହାନରେ ଗମନାଗମନ ଅପେକ୍ଷା ରେଳ ଯାତ୍ରା ଅଧିକ ସୁରକ୍ଷିତ ବୋଲି କୁହାଯାଏ। ରେଳ ଯାତ୍ରା ପାଇଁ ଆପାତତଃ କମ୍ ପଇସା ଦେବାକୁ ପଡ଼ିଥାଏ ଏପରିକି ପଣ୍ୟ ପରିବହନ ମଧ ଅନ୍ୟ ଯାନବାହାନରେ ପରିବହନ ଅପେକ୍ଷା ଅଧିକ ସୁରକ୍ଷିତ ଏବଂ ଆର୍ଥୀକ ଦୃଷ୍ଟିରୁ ସର୍ବୋତ୍ତମ। ଦେଖିବାକୁ ଗଲେ ରେଳ ପରିବହନର ବିକଳ୍ପ ମଧ ନାହିଁ। ଦେଶରେ ଏବେ ୧୨୩୨୩୬ କି.ମି. ରେଳରାସ୍ତା ଥିବାବେଳେ ଦେଶରେ ୧୩୪୫୨ ଟି ପାସେର ରେଳ ଓ ୯୧୪୧ଟି ଏକ୍ସପ୍ରେସ୍ ରେଳ ଚାଲିଛି। ରେଳବାଇ ହେଉଛି ଭାରତର ସର୍ବାଧିକ ନିଯୁକ୍ତି ଦାତା ସଂସ୍ଥା। ଦେଶର ୭୩୪୯ ରେଳଷ୍ଟେସନ ଦେଇ ଏହି ସବୁ ରେଳଗାଡ଼ିଗୁଡ଼ିକ ଗତାଗତ କରିଥାଏ। ୨୦୧୮-୧୯ରେ ରେଳବାଇର ଆୟ ୧୯୭୨୧୪ କୋଟି ଥିବାବେଳେ ନିଟ୍ ଆୟ ଥିଲା ୬୦୧୪କୋଟି। ଭାରତୀୟ ରେଳବାଇ ଗରୀବ ଲୋକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରୁଥିବା ଏକ ରାଷ୍ଟ୍ରାୟତ୍ତ ସଂସ୍ଥା। ଯଦି ଭାରତୀୟ ରେଳବାଇ ଘରୋଇ ମାଲିକାନା ହାତକୁ ଚ୍ଲିଯାଏ ତେବେ ସାଧାରଣ ଲୋକେ କ୍ଷତିଗ୍ରସ୍ତ ହେବେ ନିଶ୍ଚୟ ଏଥିରେ ସନ୍ଦେହ ନାହିଁ। ସରକାରଙ୍କ ଯୁକ୍ତି ହେଉଛି ଘରୋଇ ମାଲିକାନା ହାତକୁ ଗଲେ ରେଳବାଇରେ ଥିବା କେତେକ ଅବ୍ୟବସ୍ଥା ଦୂର ହେବ ଓ ଏହା ସୁଧୁରି ଯିବ। ଏଠି ପ୍ରଶ୍ନ ଉଠିପାରେ ଯେ ଯଦି ଘରୋଇ ମାଲିକାନାକୁ ଚ୍ଲିଗଲେ ଭାରତୀୟ ରେଳବାଇ ସୁଧୁରି ଯିବ ଓ ଏହାର ଚିତ୍ରପଟ୍ଟ ବଦଳି ଯିବ ତେବେ ରାଷ୍ଟ୍ରାୟତ୍ତ ସଂସ୍ଥା ରହି ମଧ ଏହାକୁ ସୁଧରାଯାଇ ପାରିବ ନାହିଁ କାହିଁକି ? ଘରୋଇ ମାଲିକାନା ହାତକୁ ଗଲେ ମଧ ଭାରତୀୟ ରେଳବାଇର ସଂଚ୍ଳନ ମଧ ସେଇ ଲୋକମାନଙ୍କ ହାତରେ ରହିବ ଯେଉଁମାନେ ଏବେ କାର୍ଯ୍ୟରତ ଅଛନ୍ତି। ଏଣୁ ରେଳବାଇର ଘରୋଇକରଣ ଏକ ଆବଶ୍ୟକତା ନୁହେଁ ବରଂ ଉଚ୍ଚ ପଦରେ ଥିବା ସକ୍ଷମ ଲୋକଙ୍କୁ ସେଠାରେ ଅବସ୍ଥାନ କରାଇବା ସରକାରଙ୍କ ଉଦ୍ଦେଶ୍ୟ। ବିଗତ କିଛି ବର୍ଷ ହେବ ଭାରତୀୟ ରେଳବାଇରେ କେତେକ ଅବ୍ୟବସ୍ଥା ଥିବା ଲକ୍ଷ କରାଯାଇଛି। ଏହା ଦୁର୍ଘଟଣା ହେଉ ବା ପରିଚ୍ଳନା ପ୍ରସଙ୍ଗ ହେଉ ଅବ୍ୟବସ୍ଥା ରହିଛି ନିଶ୍ଚୟ। କିନ୍ତୁ ଏସବୁ ଅସୁବିଧାକୁ ଦୂର କରାଯିବା ଦିଗରେ ସରକାର ଠୋସ୍ ତଥା ବ୍ୟାପକ ପଦକ୍ଷେପ ନେଉନାହାଁନ୍ତି କାହିଁକି ? ଅବ୍ୟବସ୍ଥାକୁ ସୁଧାରିବା ପରିବର୍ତ୍ତେ ଘରୋଇକରଣ କ’ଣ ଏକମାତ୍ର ବିକଳ୍ପ ? ଅଧିକ ଲାଭ କରିବାର ଦ୍ୱାହି ଦେଇ ଭାରତୀୟ ରେଳବାଇ ଭଳି ସଂସ୍ଥାର ଘରୋଇକରଣ କ’ଣ ଉଚିତ୍ କି ? କେତେଦିନ ପର୍ଯ୍ୟନ୍ତ ଘରୋଇକରଣ କରି ରାଷ୍ଟ୍ରାୟତ୍ତ ସଂସ୍ଥାମାନଙ୍କୁ ବିକ୍ରୀ କରି ବିଦେଶୀ ଋଣ ପରିଶୋଧ କରିବେ ସରକାର ?

ବର୍ତ୍ତମାନ ସମୟରେ ଆବଶ୍ୟକତା ହେଉଛି କେନ୍ଦ୍ର ସରକାର ତାଙ୍କର ଅତିରିକ୍ତ ଖର୍ଚ୍ଚ କୁ କାଟ କରନ୍ତୁ ଏବଂ ଅନେକ ଅଣ ଆବଶ୍ୟକୀୟ ଯୋଜନା ଯେଉଁଥିରେ ସରକାର ବହୁ କୋଟି ଟଙ୍କା ବ୍ୟୟ କରୁଛନ୍ତି ତାକୁ ବନ୍ଦ କରନ୍ତୁ। ଯଦି ରେଳବାଇର ଅବସଂରଚନା ପାଇଁ ସରକାରଙ୍କ ପାଖରେ ଅର୍ଥର ଅଭାବ ରହିଛି ତେବେ ବିଭିନ୍ନ ବୈଶୟିକ ସଂସ୍ଥାରୁ ଋଣ ଆଣି ସରକାର ରେଳବାଇକୁ ସୁଧାରିବା ପାଇଁ ପ୍ରୟାସ କରିବା ବୁଦ୍ଧିମାନର କାର୍ଯ୍ୟ ହେବ। ସେକଥା ନକରି ଘରୋଇକରଣ କରିବା କେତେଦୂର ଯଥାର୍ଥ ? ରେଳବାଇ ର ଘରୋଇକରଣ କରାଗଲେ ଲାଭ ଅପେକ୍ଷା କ୍ଷତି ଅଧିକ ହେବ ଏକଥା ସ୍ୱଷ୍ଟ। ଯଦି କେନ୍ଦ୍ର ସରକାର ଘରୋଇକରଣ ଯୋଜନାରୁ ପଛକୁ ନହଟନ୍ତି ତେବେ ଏହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିବ ଯାହା ଦେଶର ବିକାଶ ଦିଗରେ ପ୍ରତିକୂଳ ପ୍ରଭାବ ମଧ ପକାଇବ। ସରକାର ଯେ କେବଳ ରେଳବାଇକୁ ଘରୋଇକରଣ କରିବାକୁ ଚ୍ହୁଁଛନ୍ତି ତାନୁହେଁ ଏୟାର ଇଣ୍ଡିଆର ୭୫ ପ୍ରତିଶତ ଅଂଶଧନ ବିକ୍ରୀ କରିବେ। କେନ୍ଦ୍ର ସରକାରଙ୍କ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ବୟାନ ଅନୁସାରେ ସରକାର ୨୩ଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅଂଶଧନ ବିକ୍ରୀ କରିବେ। ସରକାର ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅଂଶଧନ ବିକ୍ରୀ କରି ଦୁଇ ଲକ୍ଷ ୧୦ହଜାର କୋଟି ଟଙ୍କା ଜୁଟାଇବାର ଲକ୍ଷ ରଖିଛନ୍ତି। ଏଥିମଧରୁ ଗତ ଜାନୁଆରୀ ସୁଦ୍ଧା ଅଂଶଧନ ବିକ୍ରୀରୁ ମାତ୍ର ୧୭ହଜାର କୋଟି ଜୁଟାଇ ପାରିଥିଲେ। ଖୋଦ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ ଏକଥା କହିଛନ୍ତି। (କ୍ରମଶଃ)

+ ରାମଚନ୍ଦ୍ରପୁର
ରଣପୁର,
ମୋ.-୯୪୩୮୪୮୫୦୯୪

ବ୍ରାହ୍ମୀ ତେଲ

ଆପଣ କଳା ଘନକାୟ କେଶ ଚାହୁଁଛନ୍ତି, ଆଉ ଆପଣ ତାହା ପାଇପାରୁ ନାହାଁନ୍ତି କି ? ତେବେ ଏନେଇ ଆଉ ଚିନ୍ତା କରନ୍ତୁ ନାହିଁ । ଘରୋଇ ଉପଚାର ଦ୍ୱାରା ଆପଣ ପାଇପାରିବେ ଘନ, କଳା ଓ ଲମ୍ୱ କେଶ ତେବେ ଆସନ୍ତୁ ଜାଣିବା କଣ କଲେ ଆପଣ ପାଇପାରିବେ ଏଭଳି କେଶ... ବ୍ରାହ୍ମୀପତ୍ରରୁ ରସ ପ୍ରସ୍ତୁତ କରିସେଥିରେ ରସ ପରିମାଣର ଶୁଦ୍ଧ ରାଶି ତେଲ । ମିଶାଇଦେବେ । ମିଶ୍ରଣକୁ ଚୁଲାରେ ଧିମା ଆଞ୍ଚରେ କିଛି ସମୟ ବସାଇ ଦେବେ, କିଛି ସମୟ ପରେ ମିଶ୍ରଣ ଫୁଟିବାକୁ ଲାଗିବ ଓ ଏହାର ପରିମାଣ କମିଯିବ ତା ପରେ ଏହାକୁ ଚୁଲାରୁ କାଢ଼ି ଦେବେ । ଏହି ମିଶ୍ରତ ତେଲ ଥଣ୍ଡା ହୋଇଗଲେ ତାକୁ ଏକ କାଚ ଶିଶିରେ ରଖିବେ । ପ୍ରସ୍ତୁତ ଏହି ତେଲକୁ ପ୍ରତିଦିନ ମୁଣ୍ଡରେ ଲଗାଇବା ଦ୍ୱାରା ଆପଣଙ୍କ କେଶ ଘନ, କଳା, ଲମ୍ୱା ହୋଇଯିବା ସହ ଆପଣଙ୍କ ମୁଣ୍ଡର ସୁନ୍ଦରତା ବୃଦ୍ଧି ମଧ୍ୟ ପାଇଥାଏ । ଏହା ଛଡ଼ା ଆପଣଙ୍କ ଜ୍ଞାନାକ୍ତିକୁ ମଧ୍ୟ ପ୍ରଖର କରିଥାଏ ବ୍ରାହ୍ମୀ ତେଲ ।

ଛୋଟ ଘର ତଥାପି ସୁନ୍ଦର

ଘର ଛୋଟ ହୋଇଥିବାରୁ ମନପସନ୍ଦର ଫର୍ନିଚର୍‌ରେ ଘରର ସାଜସଜ୍ଜା କରିପାରନ୍ତି ନାହିଁ ବୋଲି ଅନେକ ଲୋକ ମନଦୁଃଖ କରନ୍ତି । ତେବେ ଏମିତି କିଛି ଫର୍ନିଚର ଅଛି ଯାହା ଛୋଟ ଘରରର ଲୁକ୍ ବଦଳାଇ ପାରିବ । ଏହିସବୁ ଫର୍ନିଚର ଘରକୁ ଟ୍ରେଣ୍ଡି ଲୁକ୍ ଦେବାରେ ଏକଦମ୍ ବଢ଼ିଆ ।

ଡେ ବେଡ୍:
ଏହାକୁ ସୋପା କମ୍ ବେଡ୍ କୁହାଯାଏ । ତେବେ ଆଜିକାଲି ଡେ ବେଡ୍ ନାମରେ ଏହା ବେଶୀ ପରିଚିତ । ଦିନବେଳା ଏହାକୁ ବସିବା ପାଇଁ ସୋଫା ଭାବେ ବ୍ୟବହାର କରାଯାଇପାରିବ । ରାତି ହେଲେ ଏହା ଆରାମଦାୟକ ବେଡ୍ ହୋଇପାରିବ । ଆପଣଙ୍କ ଘର ମଧ୍ୟ ସୁନ୍ଦର ଦେଖାଯିବ । ଲିଭିଂ ରୁମ୍ କିମ୍ବା ପିଲାଙ୍କ ରୁମ୍‌ରେ ଏହାକୁ ପକାଇ ପାରିବେ ।

ଡ୍ରୟାର୍ ସେଣ୍ଟର ଟେବଲ୍:
ଆଗରୁ ଯେମିତି ସେଣ୍ଟର ଟେବଲ୍ କିଣୁଥିଲେ ସେଥିରେ ଡ୍ରୟାର୍ ନଥିଲା । ତେଣୁ କିଛି ଦରକାରୀ ଜିନିଷ କି ଖବରକାଗଜ ବା ବହି ଆଦି ରଖିଲା ବେଳେ ଅସୁବିଧା ହେଉଥିଲା । ଆଜିକାଲି ବଜାରରେ ଡ୍ରୟାର ସେଣ୍ଟର ଟେବଲ୍ ମିଳୁଛି । ଏଥିରେ ଆପଣ ଟିଭି ରିମୋଟ୍‌ରୁ ନେଇ ଲିଭିଂ ରୁମ୍‌ରେ ବ୍ୟବହୃତ ହେଉଥିବା ଛୋଟ ଛୋଟ ଜିନିଷ ଷ୍ଟୋର କରିପାରିବେ ।

ଫୋଲ୍ଡିଂ ଡାଇନିଂ ଟେବଲ:
ଆଜିକାଲି ବଜାରରେ ଫୋଲ୍ଡିଂ ଡାଇନିଂ ମିଳୁଛି । ବିଶେଷ କରି ମେଟ୍ରୋ ସହରଗୁଡ଼ିକର ଛୋଟ ଛୋଟ ଆପାର୍ଟମେଣ୍ଟ ପାଇଁ ଏହିଭଳି ଡାଇନିଂ ଟେବଲ୍ ଭଲ । ଯଦି ଆପଣଙ୍କ ଘରେ ଡାଇନିଂ ହଲ୍ ନାହିଁ ତେବେ ଫୋଲ୍ଡିଂ ଡାଇନିଂ ଟେବଲ୍ ପକାଇ ପାରିବେ । ଏହା ସହିତ କଷ୍ଟମାଇଜଡ୍ ଚେୟାରର ଏବଂ ସେଲ୍ଫ ମଧ୍ୟ ମିଳୁଛି । ପୂରା କାନ୍ଥରେ ଲଗାଇ ରଖିପାରିବେ । ଅଳ୍ପ ଜାଗାରେ ଫିଟ୍ ହୋଇପାରିବ ।

ଷ୍ଟୋରେଜ୍ ସିଟିଂ:
ଲିଭିଂ ରୁମ୍‌ରେ ବସିବା ପାଇଁ ସୋଫା ଖୋଜୁଛନ୍ତି । ହେଲେ ରଖିବା ପାଇଁ ସେତେ ଜାଗା ନାହିଁ । ପୁଣି ସେହି ଘରେ କୌଣସି ସେଲ୍ଫ ନାହିଁ । ଭଲ ଫର୍ନିଚର୍ ଶୋ ରୁମ୍‌ରୁ ଷ୍ଟୋରେଜ୍ ବ୍ୟବସ୍ଥା ଥିବା ବାଲା ସିଟିଂ ଆର୍ଟିକିଲ୍ସ କିଣିପାରିବେ । ଯେମିତିକି ଷ୍ଟୋରେଜ୍ ଅଟୋମେନ୍ସ, ପୁଫ୍, ସୋଫା ଇତ୍ୟାଦି ଆଣିପାରିବେ । ଏହାଦ୍ୱାରା ଆପଣ ନିଜ ଘରର କିଛି ଜିନିଷ ଷ୍ଟୋର କରି ରଖିପାରିବେ । ସେଥିପାଇଁ ଆପଣଙ୍କୁ ଅଲଗା ଆଲମିରା ଦରକାର ପଡ଼ିବ ନାହିଁ ।

ଅନେକ ରୋଗର ମହୌଷଧୀ ଏହି ଗଛର ପତ୍ର

କଇଁଆ ବା ତେନ୍ତୁଳି ଗଛର ପତ୍ର ଦ୍ୱାରା ତ୍ୱଚା ସଂକ୍ରମଣଜନିତ ରୋଗକୁ ରୋକା ଯାଇପାରିବ ଏବଂ ଏହାର ଲକ୍ଷଣରୁ ମଧ୍ୟ ମୁକ୍ତି ମିଳି ପାରିବ । ତେନ୍ତୁଳି ଗଛର ପତ୍ରରେ ଭିଟାମିନ୍ ସି ଭରପୁର ମାତ୍ରାରେ ରହିଥାଏ । ଯାହା ଦ୍ୱାରା କୌଣସି ସୂକ୍ଷ୍ମଜୀବ ସଂକ୍ରମଣରୁ ଶରୀରକୁ ରକ୍ଷା କରାଯାଇପାରିବ । ତେନ୍ତୁଳି ପତ୍ରରୁ ରସ ବାହାର କରି ଘା ରେ ଲଗାଇବା ଦ୍ୱାରା ତାହା ଶୀଘ୍ର ଶୁଖି ଯାଇ ନୂଆ କୋଷିକା ମଧ୍ୟ ପ୍ରସ୍ତୁତ କରିଥାଏ । ତେନ୍ତୁଳି ପତ୍ର ସେବନ କରିବା ଦ୍ୱାରା ଶରୀରରେ ରକ୍ତ ଶର୍କରା ସ୍ତର ନିୟନ୍ତ୍ରତ ରହିବା ଦ୍ୱାରା ମଧୁମେହ ଭଳି ରୋଗ ନିୟନ୍ତ୍ରିତ ରହେ । ସାଧାରଣଃ ଦାନ୍ତମାଢ଼ି ଓ ନଖ ଦୁର୍ବଳ ହେବା ସହ ଥକ୍କାପଣ ଭଳି ଲକ୍ଷଣ ଦେଖିବାକୁ ମିଳେ । ତେନ୍ତୁଳି ପତ୍ରକୁ ଚୋବାଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ । କାରଣ ତେନ୍ତୁଳି ପତ୍ରରେ ଏକ ପ୍ରକାର ଏସିଡ୍ ଥାଏ, ଯାହା ଆଣ୍ଟି-ସ୍କର୍ବି ଭିଟାମିନ୍ ଭଳି କାର୍ଯ୍ୟ କରେ । ଶରୀରରେ ଆଣ୍ଠୁଗଣ୍ଠି ଓ ପାଦ ଫୁଲିବା ଭଳି ସମସ୍ୟା ଦେଖା ଦେଲେ, ତେନ୍ତୁଳି ପତ୍ରର ରସକୁ ବ୍ୟବହାର କରି ଏହାକୁ ଦୂର କରି ପାରିବେ । ଏହା ପ୍ରଭାବକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏଥିରେ ଅମୃତ ଭଣ୍ଡା, ଲୁଣ ଓ ପାଣି ମିଶାଇ ପାରିବେ, କିନ୍ତୁ ଧାନ ରଖିବେ ଯେ, ଲୁଣର ମାତ୍ରା ଯେପରି କମ୍ ରୁହେ ।

ଘରକୁ ସୁରକ୍ଷିତ ରଖିବା 'ସ୍ମାର୍ଟ ଲକ୍'

ନ୍ୟୁୟର୍କର ଏକ ନାମୀ କମ୍ପାନୀ 'ସ୍ମାର୍ଟ ଲକ୍' ତିଆରି କରିଛି । ଏହି ଲୁକ୍ ସହାୟତାରେ ଆପଣଙ୍କ ଘର ପୂର୍ଣ୍ଣ ସୁରକ୍ଷିତ ରହିବ ବୋଲି କମ୍ପାନୀ ତରଫରୁ କୁହାଯାଇଛି । ସ୍ମାର୍ଟଫୋନ୍‌ରେ ଥିବା ଆପ୍ଲିକେସନ୍ ସହାୟତାରେ ହିଁ ଲକ୍‌ଟି ପରିଚାଳିତ ହେବ । ବ୍ଲୁ-ଟୁଥ୍, ଆପଣଙ୍କ ସ୍ମାର୍ଟଫୋନ୍ ଡାଟା, ୱାଇଫାଇ ଜରିଆରେ ହିଁ ଲକ୍ କାମ କରିବ । ଯଦିବା ମାଲିକ ଘରେ ନାହାନ୍ତି, ଘର ଠାରୁ ଦୂରରେ ରହି ମଧ୍ୟ ସେ ଘରର ଲକ୍‌କୁ ଖୋଲିପାରିବେ । କେହି ଅତିଥି, ବନ୍ଧୁବାନ୍ଧବ ଆସିଲେ ଘରେ ନ ରହି ମଧ୍ୟ ମାଲିକ ଏଇ ସ୍ମାର୍ଟ ଲକ୍ ଜରିଆରେ ସେମାନଙ୍କୁ ଘରେ ପ୍ରବେଶ କରାଇପାରିବେ । ଅଜଣା ଲୋକ ଆପଣଙ୍କ ଘରର କବାଟ, ଝରକାକୁ ସ୍ପର୍ଶ କଲେ ତୁରନ୍ତ ସ୍ମାର୍ଟଫୋନ୍‌କୁ ବାର୍ତ୍ତା ମଧ୍ୟ ଯିବ । ବିଭିନ୍ନ ଡିଜାଇନର ଏଇ ସ୍ମାର୍ଟ ଲକ୍ ଥିବାବେଳେ ୧୧ ହଜାର ଟଙ୍କାରୁ ୫୫ ହଜାର ଟଙ୍କା ପର୍ଯ୍ୟନ୍ତ ଏହାର ମୂଲ୍ୟ ରହିଛି ।

Welcome
Smart Lock
Unlocked
Back

ଚେକ୍ସରେ ପାଆନ୍ତୁ ଟ୍ରେଣ୍ଡି ଲୁକ୍

ଅନେକ ଭାବନ୍ତି ଚେକ୍ସ କେବଳ ପୁରୁଷଙ୍କ ଫ୍ୟାଶନ୍ । ସାର୍ଟ କି ପ୍ୟାଣ୍ଟରେ ହିଁ ଚେକ୍ସ ଭଲ ମାନିବ । ମହିଳାମାନଙ୍କ ପୋଷାକରେ କ'ଣ ଚେକ୍ସ ଭଲ ଦେଖାଯିବ । ଏଭଳି ଧାରଣାକୁ ବଦଳାଇ ଦେଇଛନ୍ତି । ଆଜିର ଫ୍ୟାଶନିଷ୍ଟାମାନେ । ଆସନ୍ତୁ ନଜର ପକାଇବା ଚେକ୍ସର ବିଭିନ୍ନ ପୋଷାକ ଉପରେ ଯାହା ଆପଣଙ୍କୁ ଟ୍ରେଣ୍ଡି ଲୁକ୍ ଦେଇପାରିବ ।

ଚେକ୍ ଶାଢ଼ି:
ଆଜିକାଲି ଅନେକ ଡିଜାଇନର ଚେକ୍ ପ୍ରିଣ୍ଟର ଶାଢ଼ି ପ୍ରସ୍ତୁତ କରୁଛନ୍ତି । ଡିଜାଇନର୍‌ମାନଙ୍କୁ ଅନୁସରଣ କରି ଶାଢ଼ି ପ୍ରସ୍ତୁତ କରୁଥିବା ଅନେକ ସଂସ୍ଥା ଏହି ପ୍ରିଣ୍ଟ ଶାଢ଼ି ତିଆରି କରୁଛନ୍ତି । ବିବାହ ବା ସେହିଭଳି କୌଣସି ଅନୁଷ୍ଠାନରେ ଯୋଗ ଦେବାକୁ ଥିଲେ ପାରମ୍ପାରିକ କାଞ୍ଚିପୁରମ ଶାଢ଼ିରେ ଟିକେ ଟ୍ୱିଷ୍ଟ ଆଣିପାରିବେ । ଚେକ୍ ପ୍ରିଣ୍ଟର ବ୍ଲାଉଜ ଏହାସହିତ ପେୟାର ଅପ୍ କରନ୍ତୁ । ଅଫିସ ଯାଉଥିଲେ । ଚେକ୍ ପ୍ରିଣ୍ଟର ସିଫନ୍ ଶାଢ଼ି ବଢ଼ିଆ ଅପସନ୍ ରହିବ । ଏହା ସହିତ ସ୍ଲିଭ୍ ଲେସ୍ ସଲିଡ୍ କଲର୍ ବ୍ଲାଉଜ ଟିମ୍ ଅପ୍ କରନ୍ତୁ । ସମସ୍ତଙ୍କ ଠାରୁ ଆପଣ ନିଶ୍ଚିତ ଭାବେ ଭିନ୍ନ ଲାଗିବେ ।

ଚେକ୍ସ ସ୍କର୍ଟ:
ଏତେଦିନ ଧରି ଫ୍ଲୋରାଲ୍ ସ୍କର୍ଟ ତ ପିନ୍ଧିଥିବେ । ଏଥର ଚେକ୍ ସ୍କର୍ଟ ଟ୍ରାଏ କରନ୍ତୁ । ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ଚେକ୍ ସ୍କର୍ଟ ସବୁବେଳେ ଫ୍ୟାଶନେବଲ୍ । ଏହା ସହିତ କ୍ରପ ଟପ୍ ଟ୍ରାଏ କରନ୍ତୁ । ବ୍ଲାକ୍ ଆଣ୍ଡ ରେଡ୍ ଚେକ୍ ସ୍କର୍ଟ ସହିତ ବ୍ଲାକ୍ ଟ୍ୟାଙ୍କ ଟପ୍ ପିନ୍ଧିଲେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ । ଅଫିସ ୱିୟର ଭାବେ ହ୍ୱାଇଟ୍ ଆଣ୍ଡ ବ୍ଲୁ ଚେକ୍ ଲଙ୍ଗ ସ୍କର୍ଟ ବ୍ଲାକ୍ ଟ୍ୟାଙ୍କ ଟପ୍ ପିନ୍ଧିଲେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ । ଅଫିସ ୱିୟର ଭାବେ ହ୍ୱାଇଟ୍ ଆଣ୍ଡ ବ୍ଲୁ ଚେକ୍ ଲଙ୍ଗ ସ୍କର୍ଟ ସହିତ ଧଳା କିମ୍ବା ହାଲୁକା ନୀଳ ରଙ୍ଗର ଟପ୍ ପେୟାର ଅପ୍ କରନ୍ତୁ ।

ଚେକ୍ ପ୍ୟାଣ୍ଟ:
ଜିନ୍ସ ଏବଂ କାଜୁଆଲ୍ ପ୍ୟାଣ୍ଟ ତ ସବୁବେଳେ ପିନ୍ଧୁଥିବେ । ଏଥର ଚେକ୍ ପ୍ୟାଣ୍ଟ ଟ୍ରାଏ କରି ଦେଖନ୍ତୁ । ଟିକେ ବଡ଼ ଚେକ୍ ହୋଇଥିଲେ ଆହୁରି ଭଲ । ଏହା ସହିତ ଆପଣ ଜିନ୍ସ ସାର୍ଟ ପେୟାର ଅପ୍ କରନ୍ତୁ । ସାଙ୍ଗରେ ବିଡ୍ସ ଜୁଏଲାରୀ କ୍ୟାରି କରନ୍ତୁ । ଏତିକି ଟିକେ ସାଜସଜ୍ଜା ବୋହୋ ଲୁକ୍ ଦେବାରେ ଯଥେଷ୍ଟ ।

ଚେକ୍ ବ୍ୟାଗ୍:
ପୋଷାକରେ ଚେକ୍ସ ଇନ୍ କରିବା ଆପଣଙ୍କ ଇଚ୍ଛା ନୁହେଁ । ଚିନ୍ତା ନାହିଁ । ବ୍ୟାଗ ତ ଅଛି । ଏବେ ଚେକ୍ ପାଟର୍ନର ଖୁବ ସୁନ୍ଦର ସୁନ୍ଦର ବ୍ୟାଗ ବଜାରରେ ଉପଲବ୍ଧ । କେବଳ ଯେ ବ୍ରାଣ୍ଡେଡ କମ୍ପାନିରେ ଏଭଳି ବ୍ୟାଗ ମିଳୁଛି ତାହା ନୁହେଁ । ସାଧାରଣ ଦୋକାନରେ ମଧ ଚେକ୍ ବ୍ୟାଗ୍ ମିଳିଯାଉଛି । ୱେଷ୍ଟର୍ଣ୍ଣ ଆଉଟଫିଟ୍ ସହିତ ଚେକ୍ ବ୍ୟାଗ ବଢ଼ିଆ କମ୍ବିନେସନ ।

ଆଣ୍ଠୁ ଯନ୍ତ୍ରଣାର ଉପଚାର

ହଳଦୀ

ଏକ ଛୋଟ ଚାମଚ ହଳଦୀ ପାଉଡର, ଏକ ଚାମଚ ଚିନି ପାଉଡର, ଏକ ଚୁଟ୍‌କି ଚୂନ, ମହୁ ଓ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଶୋଇବା ପୂର୍ବରୁ ଆଣ୍ଠୁରେ ଲଗାଇ ତା ଉପରେ କ୍ରେପ ବ୍ୟାଣ୍ଡେଜ ବା ପୁରୁଣା କପଡା ବାନ୍ଧି ଦିଅନ୍ତୁ । ରାତିସାରା ରହିବାକୁ ଦିଅନ୍ତୁ ଓ ସକାଳୁ ଧୋଇ ଦିଅନ୍ତୁ । ଦୁଇ ସପ୍ତାହ ପର୍ଯ୍ୟନ୍ତ ଏହିପରି କରିଲେ ଆଣ୍ଠୁ ଯନ୍ତ୍ରଣାରୁ ମୁକ୍ତ ମିଳିବ ।

ଶୁଣ୍ଠି

ଗୋଟେ ଛୋଟ ଚାମଚ ଶୁଣ୍ଠି ପାଉଡର ଓ ଅଳ୍ପ ଖସା ତେଲ ମିଶାଇ ଗାଢ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଯେ କୌଣସି ସମୟରେ ଆଣ୍ଠୁରେ ଲଗାଇ ପାରବେ । ଲାଗେଇବାର ୪-୬ ଘଣ୍ଟା ପର୍ଯ୍ୟନ୍ତ ଏହାର ପ୍ରୟୋଗ କରନ୍ତୁ ।

ଖଜୁରି

ଶୀତ ଦିନରେ ୭-୮ଟି ଖଜୁରି ପ୍ରତ୍ୟେକ ଦିନ ଖାଇଲେ ଲାଭ ମିଳିଥାଏ । ଖଜୁରିକୁ ରାତିରେ ଭିଜାଇ ଦିଅନ୍ତୁ । ସକାଳୁ ଖାଲି ପେଟରେ ଏହାକୁ ଖାଆନ୍ତୁ ଓ ଯେଉଁ ପାଣିରେ ଏହାକୁ ଭିଜାଯାଇଥିଲା ସେ ପାଣି ପିଅନ୍ତୁ । ସେ ପାଣି ପିଇଲେ ଆଣ୍ଠୁ ଓ ଅନ୍ୟ ଜଏଣ୍ଟ ସ୍ଥାନ ମଜଭୂତ ହେବ ।

ଆକ୍ୟୁପ୍ରେସର

ପାଦର ଆଙ୍ଗୁଳିକୁ ୧୦ ମିନିଟ୍ ପର୍ଯ୍ୟନ୍ତ ମାଲିସ କରିଲେ ଲାଭ ମିଳିବ । ପାପୁଲି ଓ ପାଦ ତଳେ ରୋଲର କରନ୍ତୁ ।

ମୟୂରଭଞ୍ଜ : କୋଭିଡ ଯୋଦ୍ଧାଙ୍କ ସମ୍ମାନ ପାଇଁ ସାମୁହିକ ନୀରବ ପ୍ରାର୍ଥନା ଓ ଶପଥ ପାଠ

ବାରିପଦା,୦୭।୮ (ନି.ପ୍ର): ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିବେଦନ କ୍ରମେ କୋଭିଡ୍ ଯୋଦ୍ଧାଙ୍କ ତ୍ୟାଗପୂତ ସେବା ଓ ବଳିଦାନ ପ୍ରତି ସମ୍ମାନ ଉଦ୍ଦେଶ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସ୍ୱତନ୍ତ୍ର ରିଲିଫ୍ କମିଶନର ଓଡିଶା ଙ୍କ ମାର୍ଗଦର୍ଶିକାନୁସାରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ସମଗ୍ର ଜିଲ୍ଲାରେ ତା.୦୫.୦୮.୨୦୨୦ ରିଖ ଅପରାହ୍ନ ୬ ଘଟିକା ସମୟରେ ସାମାଜିକ ଦୂରତା ବଜାୟ ରଖି କୋଭିଡ୍ ଯୋଦ୍ଧାଙ୍କ ପ୍ରତି ସମ୍ମାନ ପ୍ରଦଶନ ପୂର୍ବକ ୧ ମିନିଟ୍ ନୀରବ ପ୍ରାର୍ଥନା ସହିତ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଭିଡିଓ କନଫରେନ୍ସିଂ ସମ୍ମିଳନୀ କକ୍ଷରେ ଜିଲ୍ଲା ପକ୍ଷରୁ କରଂଜିଆ ବିଧାୟୀକା ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ୍, ମୋରଡା ବିଧାୟକ ଶ୍ରୀ ରାଜକିଶୋର ଦାସ, ଜିଲ୍ଲାପାଳ ମୟୂରଭ ଶ୍ରୀ ବିନୀତ ଭରଦ୍ୱାଜ୍ ଭା.ପ୍ର.ସେ ପ୍ରମୁଖ ଯୋଗ ଦେଇ କୋଭିଡ୍ ଯୋଦ୍ଧାଙ୍କ କର୍ତ୍ତବ୍ୟ ନିଷ୍ଠା ଓ ବଳୀଦାନ କୁ ସମ୍ମାନ ଜଣାଇ ୧ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ଶପଥ ଗ୍ରହଣ କରିଥିଲେ। ସୂଚନା ଯୋଗ୍ୟ ଯେ ରାଜ୍ୟସ୍ତର ଭୂବନେଶ୍ୱର ଠାରେ ଆୟୋଜିତ ଭିଡିଓ କନଫରେନସିଂ ସିଧାପ୍ରସାରଣ କାର୍ଯ୍ୟକ୍ରମରେ ଜରିଆରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟ ବାସୀଙ୍କ ଉଦ୍ଦେଶରେ ସାମୁହିକ ନିରବ ପ୍ରାର୍ଥନା ସହ ଶପଥ ପାଠକରାଇଥିଲେ। ଏହି ଅବସରରେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜ୍ୟସ୍ୱ), ମୟୂରଭଞ୍ଜ ବିବେକାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗ ପଦାଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି କୋଭିଡ୍ ଯୋଦ୍ଧାଙ୍କ ଉତ୍ସର୍ଗୀକୃତ ସେବା ଓ କର୍ତ୍ତବ୍ୟ ନିଷ୍ଠାକୁ ସମ୍ମାନ ପୂର୍ବକ ୧ ମିନିଟ୍ ନିରବ ପ୍ରାର୍ଥନା ସହ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ଶପଥ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଙ୍କ କାର୍ଯ୍ୟାଳୟରେ ସମସ୍ତ ଡେପୁଟୀ କଲେକ୍ଟର ଓ ବିଭାଗୀୟ ପଦାଧିକାରୀ କର୍ମଚାରୀମାନେ ଯୋଗ ଦେଇଥିଲେ। ସେହିପରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ମିତ୍.ପି ପରମାରଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନ ଜଣାଇଥିଲେ। ଏଥିସହିତ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ / ଜିଲ୍ଲାର ସମସ୍ତ ଉପଖଣ୍ଡ/ ବ୍ଲକ / ତହସିଲ / ଗ୍ରାମ ପଂଚାୟତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ / କୋଭିଡ୍ ଟିଏମ୍‌ସି / ବିଭିନ୍ନ ଅନୁଷ୍ଠାନ ତଥା ସଂଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସରକାରୀ ପଦାଧିକାରୀ / କର୍ମଚାରୀ ଜନସାଧାରଣ ନିଜ ନିଜ ସ୍ତରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କୋଭିଡ୍ ଯୋଦ୍ଧାଙ୍କ ତ୍ୟାଗପୂତ ସେବା ଓ ବଳିଦାନ ପ୍ରତି ସମ୍ମାନ ଜଣାଇ ୧ ମିନିଟ୍ ନିରବ ପ୍ରାର୍ଥନା ସହ ଶପଥ ପାଠ କରିଥିଲେ।

ଅଜଣା ଗାଡି ଧକ୍କାରେ ମୃତ ଯୁବତୀ ଙ୍କର ପରିଚୟ ମିଳିଲା

ଭୁବନ,୦୭।୮ (ନି.ପ୍ର): ଭୁବନ ସହର ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ରାମକୃଷ୍ଣପୁର ନିକଟରେ ଗତ ମଙ୍ଗଳବାର ବିଳମ୍ବିତ ରାତ୍ରରେ ଅଜଣା ଗାଡି ଧକ୍କାରେ ଜଣେ ଅଜଣା ଯୁବତୀଙ୍କର ମୃତ୍ୟୁ ହୋଇଥିଲା ବେଳେ ଏ ସଂପର୍କରେ ଖବର ପାଇ ଭୁବନ ଥାନା ଏଏସଆଇ ରମେଶ ଚନ୍ଦ୍ର ସ୍ୱାଇଁ ଦୁର୍ଘଟଣାସ୍ଥଳରେ ପହଁଚି ଶବ ଉଦ୍ଧାର କରି ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ ନିମନ୍ତେ ଭର୍ତ୍ତି କରାଇଥିଲେ। ଆଜି ମୃତା ଯୁବତୀଙ୍କର ପରିଚୟ ମିଳିଥିଲା। ମୃତା ଯୁବତୀ ଜଣଙ୍କ ଭୁବନ ବ୍ଲକ ଅନ୍ତର୍ଗତ ମୃଦଙ୍ଗା ଗ୍ରାମ ଗୋପାଳ ସାହି ୱାର୍ଡ ନଂ ୮ ର ସ୍ୱର୍ଗତ ଯଦୁମଣି ପ୍ରଧାନ ଙ୍କ ଝିଅ ମାମି ପ୍ରଧାନ (୪୫)। ଆର୍ଥିକ ଅନାଟନ ଯୋଗୁ ସେ ଗତ ୨୦ ଦିନ ହେଲା ଘରୁ ପଳାଇ ଆସିଥିଲେ।

ଚିକିତ୍ସା ଅଭାବରୁ ଅର୍ଦ୍ଧଦଗ୍ଧ ମହିଳାଙ୍କ ମୃତ୍ୟୁ

ଗଞ୍ଜାମ,୦୭।୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍ ଅନ୍ତର୍ଗତ ରଣ୍ଡା ଗ୍ରାମର ଜଣେ ୪୫ ବର୍ଷିୟ ମହିଳା ଷ୍ଟୋଭରୁ ନିଆଁ ଲାଗି କିଛି ଦିନ ତଳେ ଗୁରୁତର ହୋଇଥିଲେ । ତାଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପରବର୍ତ୍ତି ସମୟରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । କିନ୍ତୁ ସେଠାରେ ଜଣେ କରୋନା ରୋଗୀ ଚିହ୍ନଟ ହେବା ପରେ ଏହି ଅର୍ଦ୍ଧଦଗ୍ଧ ମହିଳାଙ୍କୁ ଘରକୁ ପଠାଇ ଦିଆଯାଇଥିଲା । ଏହାପରେ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀ ସମ୍ପୃକ୍ତ ମହିଳାଙ୍କ ଘର ବାରଣ୍ଡାରେ ଏକ ବୋର୍ଡ଼ ଲଗାଇ ତାଙ୍କୁ ୨୧ ଦିନ କ୍ୱାଂରେଟାଇନରେ ରହିବାକୁ କହିଥିଲେ । ସେ ୧୮ ଦିନ କ୍ୱାରେଂଟାଇନରେ ରହିବା ପରେ ଗତକାଲି ଗୁରୁତର ଅସୁସ୍ଥ ହୋଇ ପଡିଥିଲେ । ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଡ଼କା ଯାଇଥିଲା । ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ଏହାର କର୍ମଚାରୀ ଘରେ ଲଗାଯାଇଥିବା ବୋର୍ଡ଼ ଦେଖି ରୋଗୀକୁ ନନେଇ ଫେରି ଯାଇଥିଲେ । ଏହାପରେ ସ୍ଥାନୀୟ ସାମ୍ବାଦିକ ସୁଦର୍ଶନ ରାଉଳ ଓ ରଙ୍ଗେଇଲୁଣ୍ଡା ବ୍ଲକ୍ ବିଡ଼ିଓଙ୍କ ସହିତ ଯୋଗାଯୋଗ କରି ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା । ହେଲେ ଆଜି ସକାଳେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।

ଜୟ ମା ସିଂହ ବାହିନୀ ମହାସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ

ଧର୍ମଶାଳା,୦୭।୮ (ନି.ପ୍ର): କରୋନା ସଂକ୍ରମଣ ରାଜ୍ୟରେ ହୁହୁ ହୋଇ ବଢି ଚାଲିଛି । ସେହିପରି ଜିଲାରେ ମଧ୍ୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଛି । ଏହାର ମୁକାବିଲା ନିମନ୍ତେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ଏହି କୋଭିଡ-୧୯କୁ ମୁକାବିଲା ନିମନ୍ତେ ଆର୍ଥିକ ସହାୟତାର ଆବ୍ୟକତା ରହିଛି । ଏନେଇ ଆଜି ଓଡିଶା ଜୀବିକା ମିଶନ ଧର୍ମଶାଳା ଆନୁକୂଲ୍ୟରେ ଚୋରମୁହାଁ ପଂଚାୟତ ଜୟ ମା' ସିଂହ ବାହିନୀ ମହାସଂଘ ପକ୍ଷରୁ କୋଭିଡ-୧୯ ମୁକାବିଲା ପାଇଁ ସହାୟତାର ହାତ ବଢାଇଛି। ସଂକ୍ରମିତଙ୍କ ନିମନ୍ତେ ବିଭିନ୍ନ ପଂଚାୟତର ବହୁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପକ୍ଷରୁ ଆର୍ଥିକ ୩୧ହଜାର୬ଶହ ଟଙ୍କାର ସହାୟତା ସଂଗ୍ରହ କରାଯାଇ ଚେକ୍ ଦ୍ୱାରା ଧର୍ମଶାଳା ବ୍ଲକ ଉନ୍ନୟନ ଅଧିକାରୀଣୀ ସ୍ମିତାରାଣୀ ରଥଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି । ଏହି ଅର୍ଥକୁ ଚୋରମୁହାଁ ପଂଚାୟତ ଏମ୍‌ବିକେ ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ମହାସଂଘ ସଭାନେତ୍ରୀ ମିନତୀ ନାଥ ସକ୍ରୀୟଭାବେ କାର୍ଯ୍ୟ କରିଥିବା ବେଳେ ସଂଜୁକ୍ତା,ଅନୁ,ଲଳିତ ଓ ଲକ୍ଷ୍ମୀଧର ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ମହାନ୍ କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ମହାସଂଘକୁ ପ୍ରଶଂସା କରାଯାଇଛି ।

ମିସ୍‌ଡ କଲ ଜରିଆରେ ଭାରତ ଗ୍ୟାସ ବୁକିଙ୍ଗ ବ୍ୟବସ୍ଥା ଶୁଭାରମ୍ଭ

ଭୁବନ,୦୭।୮ (ନି.ପ୍ର): ଭୁବନରେ ଭାରତଗ୍ୟାସର ଅଧିକୃତ ବିକ୍ରେତା ମହାବୀର ଗ୍ୟାସ ସର୍ଭିସ ତରଫରୁ କୋଭିଡ-୧୯ ମହାମାରୀକୁ ଦୃଷ୍ଟିରେ ରଖି ଉପଭୋକ୍ତା ମାନଙ୍କ ପାଇଁ ହ୍ୱାଟସଆପ/ମିସଡକଲ ରେ ଗ୍ୟାସ ବୁକିଙ୍ଗ ବ୍ୟବସ୍ଥା ଶୁଭାରମ୍ଭ କରିଛି । ଗ୍ରାହକ ମାନେ ଘରେ ରହି ଗୁଗୁଲ ପେ, ଆମାଜନ, ପେ-ଟିଏମ, ଇତ୍ୟାଦି ୟୁପିଆଇ ଜରିଆରେ ଆବଶ୍ୟକ ମୁତାବକ ନିଜର ପଂଜିକୃତ ମୋବାଇଲ ରୁ ଦେୟ ପ୍ରଦାନ କରି ସମସ୍ତ ସୁବିଧା ପାଇପାରିବେ । ଏହାଛଡା ଗ୍ରାହକ ମାନେ ସେମାନଙ୍କ ପଂଜିକୃତ ମୋବାଇଲ ଫୋନ ରୁ ୭୭୧୫୦-୧୨୩୪୫ ନମ୍ବରକୁ ମିସଡକଲ କରିଆରେ ଗ୍ୟାସ ବୁକିଙ୍ଗ କରିପାରିବେ ବୋଲି ମହାବୀର ଗ୍ୟାସ ସର୍ଭିସ ର ପ୍ରୋପାଇଟର ସାଗରିକା ମିଶ୍ର, ଭାରତଗ୍ୟାସର ଟେରିଟୋରି ମ୍ୟାନେଜର ମନୋଜ କୁମାର, ଆସିଷ୍ଟାଂଟ ମ୍ୟାନେଜର (ବାଣିଜ୍ୟ) ମହମ୍ମଦ ଅବୁ ଅକବର ମଲିକ ଜଣାଇଛନ୍ତି ।

ଜାଗ୍ରତ କନ୍ଧମାଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ କଲେଜ ଖୋଲିବା ନମନ୍ତେ ଦାବି ପତ୍ର

କନ୍ଧମାଳ,୦୭।୮ (ନି.ପ୍ର): କନ୍ଧମାଳ ଜିଲ୍ଲାର ଆଦିବାସୀ ଦଳିତ ବର୍ଗର ଛାତ୍ରଛାତ୍ରୀଙ୍କ ଉଚ୍ଚ ଶିକ୍ଷା ପାଇଁ ସରକାର ସବୁବେଳେ ପ୍ରାଧାନ୍ୟ ଦେଇ ଆସୁଛି । କନ୍ଧମାଳ ଜିଲ୍ଲାରେ ଦାରଙ୍ଗବାଡି ବ୍ଲକରେ ଥିବା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ,କୋଟଗଡ଼ ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ଫୁଲବାଣୀ ବ୍ଲକର ଦିନାର ସିଂ ମେମୋରିଆଲ ଉଚ୍ଚ ବିଦ୍ୟାଳୟ ବଇଡ଼ା, ଖଜୁରୀପଡ଼ା ବ୍ଲକର ରଣାପାଟୁଳି ବାଳିକା ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ କଲେଜ ଖୋଲିବା ପାଇଁ କୋଠା ନିର୍ମାଣ କାମ ଶେଷ ହୋଇଯାଇଛି ହେଲେ ଆଜି ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ଯୁକ୍ତ ୨ କଲେଜ ନିମନ୍ତେ କୌଣସି ପଦକ୍ଷେପ ନେଉ ନାହାନ୍ତି ଏବଂ ଆହୁରି ଏକ ପରିତାପର ବିଷୟ ଆଜି ପର୍ଯ୍ୟନ୍ତ ତୁମୁଡିବନ୍ଧ ବ୍ଲକର ଗୁମ୍ମା ଉଚ୍ଚ ବିଦ୍ୟାଳୟ ଏବଂ ବାଲିଗୁଡା ବ୍ଲକର ବଡ ଗାଁ ବାଳିକା ଉଚ୍ଚ ବିଦ୍ୟାଳୟ ମଧ୍ୟରେ କଲେଜ ନିମନ୍ତେ କୋଠା ନିର୍ମାଣ ଆରମ୍ଭ କରାଯାଇ ନାହିଁ ।ଯଥା ଶିଘ୍ର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଉକ୍ତ ପତ୍ରରେ ଲିଖିତ ଆକାରରେ ଅନୁରୋଧ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି ବୋଲି ଜାଗ୍ରତ କନ୍ଧମାଳର ସଙ୍ଗଠନ ସାଧାରଣ ସମ୍ପାଦକ ବରିଷ୍ଠ ଆଇନଜିବୀ ଶ୍ରୀ ସତ୍ୟ ନାରାୟଣ ବେହେରା କହିଛନ୍ତି । ଉକ୍ତ ପତ୍ରରେ ସାଧାରଣ ସମ୍ପାଦକ ବିଚିତ୍ର ବିର୍ଜ ପ୍ରଧାନ, ସଭାପତି ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଦସ୍ତଖତ କରି ସମର୍ଥନ ଜଣାଇଛନ୍ତି ।

କନ୍ଧମାଳରେ କୋଭିଡ ଯୋଦ୍ଧାଙ୍କ ସଂକ୍ରମିତ ସଂଖ୍ୟା ବଢୁଛି : ବଢୁଛି କରୋନା ଯୋଦ୍ଧାଙ୍କ ସଂକ୍ରମଣ ସଂଖ୍ୟା :କାର୍ଯ୍ୟରେ ସୃଷ୍ଟି ହେଉଛି ବାଧା

କନ୍ଧମାଳ,୦୭।୮ (ନି.ପ୍ର): କନ୍ଧମାଳ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢିଚାଲିଛି। ତା'ସାଙ୍ଗକୁ ଜିଲ୍ଲାର ବିଭିନ୍ନ ଅଂଚଳରେ କାମ କରୁଥିବା କୋଭିଡ ଯୋଦ୍ଧା ମାନଙ୍କ ସଂକ୍ରମିତ ସଂଖ୍ୟା ମଧ ବଢିବାରେ ଲାଗିଛି। ଜିଲ୍ଲାରେ ବ୍ୟାଙ୍କ ଅଫିସରଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ, ଆମ୍ବୁଲାନ୍ସ କର୍ମଚାରୀ, ଫାର୍ମାସିଷ୍ଟ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ମଧ କରୋନାରେ ସଂକ୍ରମିତ ହୋଇଛନ୍ତି। ଏହାଫଳରେ ପ୍ରଶାସନ ମଧ୍ୟ ଚିନ୍ତାରେ ଗତକାଲି ଜିଲାର ଦାରିଙ୍ଗବାଡି ବ୍ଲକ ବିଡିଓଙ୍କ ସମେତ ଅନ୍ୟ କର୍ମଚାରୀ ମଧ କରୋନାରେ ସଂକ୍ରମିତ ହୋଇଛନ୍ତି। ତୁମୁଡିବନ୍ଧ ବ୍ଲକର ୩ ଆମ୍ବୁଲାନ୍ସର କର୍ମଚାରୀ ଓ ଡ୍ରାଇଭର, ଜେଲ କର୍ମଚାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ସଂକ୍ରମିତ ହୋଇ ଚିକିତ୍ସିତ ହେଉଛନ୍ତି। କିଛି ଯନ୍ତ୍ରୀ ମଧ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଯାହାଦ୍ୱାରା ପ୍ରଶାସନ ପାଇଁ ଏହା ଏକ ଚିନ୍ତାର ବିଷୟ ପାଲଟିଛି । କାରଣ କର୍ମଚାରୀ ଏବଂ ଅନ୍ୟାନ୍ୟ କରୋନା ଯୋଦ୍ଧାଙ୍କୁ ନେଇ ପ୍ରଶାସନ କରୋନା ସଂକ୍ରମଣ ରୋକିବାରେ ସକ୍ଷମ ହେଉଥିବାବେଳେ ସେମାନେ ନିଜେ ସଂକ୍ରମିତ ହୋଇପଡିବା ଫଳରେ କାର୍ଯ୍ୟରେ ବାଧା ଉପୁଜୁଛି । ସରକାରୀ କାର୍ଯ୍ୟାଳୟକୁ ଲୋକଙ୍କୁ ଯିବାକୁ ବାରଣ କରାଯାଇଥିଲେ ମଧ ଏହି କୋଭିଡ ଯୋଦ୍ଧାମାନେ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିବା ଯୋଗୁଁ ସରକାରୀ କର୍ମଚାରୀ ମାନେ ଆକ୍ରାନ୍ତ ହେଉଛନ୍ତି। କର୍ମଚାରୀ ମାନେ ସତର୍କତା ଅବଲମ୍ବନ କରିବା ସତ୍ତ୍ୱେ ମଧ କିଛି ପଜିଟିଭ ରୋଗୀ ବାହାରେ ବୁଲାବୁଲି କରିବା ଫଳରେ କରୋନା ବ୍ୟାପୁଛି ଜିଲ୍ଲାରେ। କୋଭିଡ ନିୟମ ମାନି ଘରେ ରହିବା, ଆବଶ୍ୟକ ସ୍ଥଳେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା କରିବା ଲାଗି ବାରମ୍ବାର କୁହାଯାଉଥିଲେ ମଧ ଶୁଣୁନଥିବା ଦେଖାଯାଉଛି । ପ୍ରଶାସନ ପକ୍ଷରୁ ଅମାନିଆଙ୍କ ପ୍ରତି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହେଉଛି।

ଶ୍ରୀମନ୍ଦିରରେ ଭକ୍ତଙ୍କ ଅନ୍ ଲାଇନ୍ ଦର୍ଶନ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ - ନୀତି ପ୍ରଶାସକ

ପୁରୀ,୦୭।୮ (ନି.ପ୍ର): ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସଦସ୍ୟ ସୂଚନା ଦେଇଥିଲେ ଯେ, ଭକ୍ତ ମାନେ କରୋନା କଟକଣା ମାନି ଅନ୍ ଲାଇନ୍ ରେ ଦର୍ଶନ ପାଇଁ ଆବେଦନ କରିପାରିବେ । ପ୍ରତିଦିନ ନିର୍ଦ୍ଦିଷ୍ଟ ସଂଖ୍ୟକ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ସୁବିଧା ମିଳିବ । ଏହି ସୁବିଧା ପ୍ରଥମେ ପୁରୀ ବାସିନ୍ଦାଙ୍କୁ ଏବଂ ପରେ ଅନ୍ୟ ଶ୍ରଦ୍ଧାଳୁ ମାନଙ୍କୁ ମିଳିପାରିବ । ତେବେ ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଅଜୟ କୁମାର ଜେନା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ନିଷ୍ପତି ହୋଇନାହିଁ । ଯିଏ ସୂଚନା ଦେଇଛନ୍ତି ଏହା ତାଙ୍କର ବ୍ୟକ୍ତିଗତ ମତ ହୋଇଥାଇପାରେ ।

ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ଦରମା ପ୍ରଦାନରେ ଘୋଟାଲା : କମିଟି ପକ୍ଷରୁ ତଦନ୍ତ ଆରମ୍ଭ

ବାରିପଦା,୦୭।୮ (ନି.ପ୍ର): ବାରିପଦା ନେସ୍କୋ ଅଧିକ୍ଷଣ ଯନ୍ତ୍ରୀଙ୍କ ଅଧୀନ ଆଦ୍ୟା ଉର୍ଜା ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ଼ ଏଜେନ୍ସୀ ପକ୍ଷରୁ ନିଯୁକ୍ତି ପାଇଥିବା ପ୍ରାୟ ୨୬୩ରୁ ଅଧିକ ଠିକା କର୍ମଚାରୀମାନଙ୍କୁ ଦରମା ପ୍ରଦାନରେ ମହାଘୋଟାଲା ହୋଇଥିବାର ଅଭିଯୋଗ ହୋଇଛି । ଟିକା ନେଇଥିବା ଏଜେନ୍ସୀ ପକ୍ଷରୁ ୩୩/ ୧୧ କେଭି ସବଷ୍ଟେସନଗୁଡ଼ିକରେ କାର୍ଯ୍ୟରତ ଠିକା ବିଦ୍ୟୁତ୍ କର୍ମଚାରୀମାନଙ୍କୁ ଆର୍ଥିକ, ମାନସିକ ଯନ୍ତ୍ରଣା ଦେବା ସାଙ୍ଗକୁ ସେମାନଙ୍କର ନ୍ୟାର୍ଯ୍ୟ ବକେୟା ଦରମା, ଇପିଏଫ, ଇଏସଆଇ, ପ୍ରଦାନରେ ଅନିୟମିତତା ସାଙ୍ଗକୁ କାର୍ଯ୍ୟକରିବା ନିମନ୍ତେ ଆବଶ୍ୟକୀୟ କିଟ ଯୋଗାଇ ନ ଦେବା, ବିଭାଗୀୟ ଅଧିକାରୀମାନଙ୍କ କଥା ନ ଶୁଣିବା ନିମନ୍ତେ ପ୍ରବର୍ତ୍ତାଇବା ଓ କାର୍ଯ୍ୟରୁ ଛଟେଇ କରି ନୂଆ ନିଯୁକ୍ତି ଦେବାର ଧମକ ଦେବା ଆଦି ବିଭିନ୍ନ ପ୍ରକାରର ବିଷୟକୁ ନେଇ ଠିକା କର୍ମଚାରୀମାନେ ଅଧିକ୍ଷଣ ଯନ୍ତ୍ରୀ ଏବଂ ବିଭାଗୀୟ ପଦାଧିକାରୀ ଓ ଅଧିକାରୀମାନଙ୍କର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଇ ଆସୁଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ଠିକା କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବାକୁ ବାଧ ହୋଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ପକ୍ଷରୁ ଅଭିଯୋଗ ଉପରେ ତଦନ୍ତ କରାଯାଇ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ମିଳିବା ପରେ ବିଭାଗୀୟ ପଦାଧିକାରୀମାନଙ୍କର ଚେତାପଶିଲା । ଫଳରେ ବିଭାଗର ମୁଖ୍ୟ ଦପ୍ତର ପକ୍ଷରୁ ଏକ ତଦନ୍ତ କମିଟି ଗଠନ କରାଯାଇ ତାଙ୍କ ଉପରେ ତଦନ୍ତ ଭାର ନ୍ୟସ୍ତ କରାଗଲା । ଆଜି ଏହି ତଦନ୍ତ କମିଟି ବାରିପଦା ବାଘଡ଼ାରୋଡ଼ସ୍ଥିତ ନେସ୍କୋ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି ଏବଂ ଠିକା କର୍ମଚାରୀମାନଙ୍କ ନିକଟରୁ ସେମାନଙ୍କ ଆପତି ଅଭିଯୋଗକୁ ଗ୍ରହଣ କରି ତା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ ଆରମ୍ଭ କରିଥିବାର ଠିକା କର୍ମଚାରୀ ମନୋଜ କୁମାର ମହାନ୍ତ, ଶିବ ଶଙ୍କର ନାୟକ, ହରିହର ମଣ୍ଡଳ, ସୁଧୀର କୁମାର ପାଣି, ହରପ୍ରକାଶ ପାତ୍ର, ଦିପକ କୁମାର ଭୂୟାଁ, ସୁରଜିତ କୁମାର ପଲେଇ ପ୍ରମୁଖ ପ୍ରକାଶ କରିଛନ୍ତି । ତେବେ ଘଟଣା ଉପରେ ଅଧିକ୍ଷଣ ଯନ୍ତ୍ରୀ କ୍ଷୀରୋଦ ବେହେରା ସବୁ କିଛି ଠିକ୍‌ଠାକ୍ ରହିଛି । ଆଦ୍ୟା ଉର୍ଜା ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ଼ ଏଜେନ୍ସୀ ପ୍ରାୟ ୯ ମାସ ପୂର୍ବେ ନୂଆ ଭାବେ ଦାୟିତ୍ୱ ନେଇଛି । ତେଣୁ ଇପିଏଫ, ଇଏସଆଇ ଆଦିକୁ ରେଗୁଲାରାଜ କରାଇବାରେ ବିଳମ୍ବ ହେଉଛି । ତଦନ୍ତ କମିଟି ଆସି ତଦନ୍ତ ଚଳାଇଛନ୍ତି । ଏଜେନ୍ସୀକୁ ଆମେ ଚୁକ୍ତି ଅନୁସାରେ ଯଥା ସମୟରେ ଅର୍ଥ ଦେଇଯାଉ । ଯଦି କିଛି ଇରିଗୁଲାରଟି ସମନାକୁ ଆସେ ତେବେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

ଗାଁ ସାରା ପଚପଚ, ଯାତାୟତରେ ବାଧାପ୍ରାପ୍ତ

ନୂଆପଡା,୦୭।୮ (ନି.ପ୍ର): ନୂଆପଡା ଜିଲ୍ଲା ବୋଡେନ ବ୍ଲକ ଫରସରା ପ ।ୟତର ସର୍ଗିଗୁଡା ଗ୍ରାମର ମଧୁପୁରପଡାର ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଥିବା ବେଳେ କାଦୁଅ ପଚପଚ ହୋଇଥିବାରୁ ଯାତାୟତରେ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି । ସାମାନ୍ୟ ବର୍ଷା ହେଲେ ଗ୍ରାମର ରାସ୍ତା କାଦୁଅରେ ପୂର୍ଣ୍ଣ ହୋଇ ପଚ ପଚ ହେଉଥିବା ବେଳେ ଗ୍ରାମବାସୀ ଏହି ରାସ୍ତାରେ ଯାତାୟତ କରିପାରୁନାହାନ୍ତି । ଫଳରେ ଏହି ରାସ୍ତାକୁ ଅତିଶିଘ୍ର କଂକ୍ରୀଟ ରାସ୍ତାରେ ତିଆରି କରିବାକୁ ପଡାବାସୀ ଦାବୀ କରିଛନ୍ତି । ୫୩୦ ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏହିପଡାରେ ହାରାହାରୀ ୨ ଶହ ମିଟର ରାସ୍ତା ଏପରି ବିପର୍ଯ୍ୟସ୍ତ ହୋଇପଡିଛି । ଦୀର୍ଘ ଦିନରୁ କଂକ୍ରୀଟ ରାସ୍ତା ନିର୍ମାଣ ନେଇ ଦାବୀ ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ କଂକ୍ରୀଟ ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବୀ ହେଉଛି ।

ସିନାପାଲିରେ ରକ୍ତଦାତା ୱେବ୍‌ସାଇଟ୍ ଉନ୍ମୋଚିତ

ନୂଆପଡା,୦୭।୮ (ନି.ପ୍ର): ନୂଆପଡା ଜିଲ୍ଲା ଡୋନେଟ୍ ବ୍ଲଡ୍ ଓ ସେଭ୍ ଲାଇଫ୍ ସ୍ୱେଚ୍ଛାସେବୀ ଗୃପର ସାମାଜିକ ୱେବ୍ ସାଇଟ୍ ସିନାପାଲି ଠାରେ ଉନ୍ମୋଚିତ ହୋଇଛି । ସିନାପାଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମଣି ମେହେର, ବରିଷ୍ଠ ଆଇନଜୀବୀ ବୈଷମ୍ପାୟନ ମେହେର, ନାଗରିକ କମିଟି ସଭାପତି ଡମ୍ବରୁଧର ମେହେର, ବିଜେପି ଜିଲା ସଭାପତି ସୁବ୍ରତ କୁମାର ଠାକୁର, ଶିକ୍ଷାବିତ ସତ୍ୟବାନ ମେହେର, ରବିନ୍ଦ୍ରନାଥ ଯୋଶୀ, ଯୁବ ସାହିତ୍ୟିକ ବୈଷ୍ଣବ ମେହେର, ଯୁବ କବି ଲଳିତ କୁମାର ସୁନାରୀ, ଗୃପ ପରିଚାଳକ ଅରୁଣ ମେହେର ପ୍ରମୁଖ ଉପସ୍ଥିତ ରହି ୱେବ୍ ସାଇଟ୍ ଉନ୍ମୋଚନ କରିଥିଲେ । ଏହି ଅବସରରେ ରକ୍ତଦାତା ଗୃପର ଲିଙ୍ଗରାଜ ମେହେର ୱେବ୍‌ସାଇଟ୍ ଦ୍ୱାରା ହେବାକୁ ଥିବା ସୁବିଧା ବିଷୟରେ ଅବଗତ କରାଇଥିଲେ । ୱେବ୍‌ସାଇଟ୍‌ରେ ଅନେକ ଲୋକ ଯୋଡି ହେବା ଦ୍ୱାରା ଜରୁରୀ ଆବଶ୍ୟକ କରୁଥିବା ଲୋକଙ୍କୁ ସହଜରେ ରକ୍ତ ମିଳିପାରିବ ଏବଂ ଯେଉଁ ରକ୍ତ ଦାନ କରିବାକୁ ଚାହୁଥିବା ରକ୍ତଦାତାକୁ ମଧ୍ୟ ଭଲ ସୁଯୋଗ ମିଳିପାରିବ ବୋଲି ଜଣାପଡିଛି । ଏହି ଅବସରରେ ଗୃପର ସଦସ୍ୟ ସୁରଜ ମେହେର ଓ ସାନୁର୍ଯ୍ୟ ମେହେରଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଏହି ଗୃପ ତରଫରୁ ଗତ ତିନି ବର୍ଷ ହେଲା ବିଭିନ୍ନ ଡାକ୍ତରଖାନା ଯାଇ ଜିଲାର ବିଭିନ୍ନ ଅଂଚଳର ରୋଗୀଙ୍କୁ ରକ୍ତଦାନ କରାଯାଇ ଆସୁଅଛି ।

ଆଦାନୀ ଗ୍ୟାସ୍‌ର ପ୍ରଥମ ତ୍ରୈମାସିକରେ ୫୩ ପ୍ରତିଶତ ହ୍ରାସ

ଭଦ୍ରକ, ୭/୮(ହି.ସ.) - କରୋନା ମହାମାରୀ ଯୋଗୁ ୬୯ ଦିନର ତାଲାବନ୍ଦ କାରଣରୁ ଆଦାନୀ ଗ୍ୟାସ ଲିମିଟେଡ୍‌ର ପ୍ରଥମ ତ୍ରୈମାସିକ ଫଳାଫଳରେ ପ୍ରଭାବିତ ହୋଇଛି । ଗତ ୨୦୨୦ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ବ୍ୟବସାୟ ତୁଳନାରେ ୨୦୨୧ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ବ୍ୟବସାୟ ୫୩ ପ୍ରତିଶତ କମିଛି । ପ୍ରଥମ ତ୍ରୈମାସିକରେ କମ୍ପାନୀର ସେଲ୍ସ ଭଲ୍ୟୁମ୍ ୬୪ଏମ୍‌ଏମ୍‌ଏସ୍‌ସିଏମ୍ ଥିବା ବେଳେ ଗତ ୨୦୨୦ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୧୩୭ ଥିଲା । ସୁଧ, ଟିକସ, ଅବନତି ଓ ଋଣମୁକ୍ତି ପୂର୍ବରୁ କମ୍ପାନୀର ଆୟ ୮୬ କୋଟି ରହିଛି । ସଂଚାଳନରୁ ୨୦୭ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି । କମ୍ପାନୀର ତ୍ରୈମାସିକ ଫଳାଫଳ ପ୍ରକାଶ ଉପରେ ମନ୍ତବ୍ୟ ଦେଇ ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ କହିଛନ୍ତି, "ବିଶ୍ୱ ମହାମାରୀ ମଧ୍ୟରେ ଆଦାନୀ ଗ୍ୟାସ୍ ଲିମିଟେଡ୍ ଭଲ ପ୍ରଦର୍ଶନ କରିଛି ଓ ସ୍ଥିରତା ପାଇଁ ପ୍ରତିବଦ୍ଧତା ଜରୁରୀ । ସରକାରଙ୍କ ନୀତି ଅନୁଯାୟୀ ଆମେ ଏକ ନିରାପଦ, ସ୍ୱଚ୍ଛ ଏବଂ ସବୁଜ ଶକ୍ତି ଯୋଗାଇବା ପାଇଁ ଦେଶର ଦୃଷ୍ଟିକୋଣରେ ସହଯୋଗ କରିବାକୁ ପ୍ରତିବଦ୍ଧ । ଯେହେତୁ ଭାରତର ଅର୍ଥନୀତି ଧିରେ ଧିରେ ପୁନର୍ଜୀବିତ ହେଉଛି, ବିଶ୍ୱ ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ଆହ୍ୱାନକୁ ଦୂର କରିବା ପାଇଁ ଆଦାନୀ ଗ୍ୟାସ୍ ଯଥାସମ୍ଭବ ପ୍ରଚେଷ୍ଟାରତ ।" ଆଦାନୀ ଗ୍ୟାସ୍‌ର ସିଇଓ ସୁରେଶ ମଙ୍ଗଲାନି କହିଛନ୍ତି, ଏକ ଦାୟିତ୍ୱବାନ ପ୍ରାକୃତିକ ଗ୍ୟାସ୍ ସେବା ପ୍ରଦାନକାରୀ ଭାବରେ ଆଦାନୀ ଗ୍ୟାସ୍ ଏଭଳି କଠିନ ସମୟରେ ସିଏନ୍‌ଜି ଓ ପିଏନ୍‌ଜିର ନିରନ୍ତର ଯୋଗାଣ ଏବଂ ଗ୍ରାହକଙ୍କୁ ନିରବଚ୍ଛିନ୍ନ ସେବା ପ୍ରଦାନ ଜାରି ରଖିଛି । କମ୍ପାନୀ କ୍ରମାଗତ ଭାବେ ବିକାଶ ଉପରେ ନଜର ରଖିଛି ଏବଂ ଏହି ଅଦୃଶ୍ୟ ପରିସ୍ଥିତିର ପ୍ରଭାବକୁ କମାଇବାକୁ ସକ୍ରିୟ ଭାବେ କାର୍ଯ୍ୟ କରୁଛି ବୋଲି ମତପ୍ରକାଶ କରିଛନ୍ତି ।

୧୦ ଦଫା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେପିର ସାଂସଦ ଓ ବିଧାୟକ ସହ କାର୍ଯ୍ୟକର୍ତ୍ତାମାନଙ୍କର ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଗଣଧାରଣା

ବାରିପଦା,୦୭।୮ (ନି.ପ୍ର): ଆଜି ପୂର୍ବାହ୍ନ ସାଢ଼େ ୧୧ରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୦ ଦଫା ଦାବି ନେଇ ବିଜେପିର ସାଂସଦ ଓ ବିଧାୟକ ସହ କାର୍ଯ୍ୟକର୍ତ୍ତାମାନଙ୍କର ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଗଣଧାରଣାରେ ବସିଛନ୍ତି । ଦୁର୍ନୀତି ଗ୍ରସ୍ତ ତଥା ନିଲମ୍ବିତ ପୂର୍ବତନ ବେତନଟୀ ତହସିଲଦାର ଅନିଷା ଦାସଙ୍କୁ ଗିରଫ ଓ କାର୍ଯ୍ୟରୁ ବରଖାସ୍ତ କରାଯିବା, ଅଭିଯୁକ୍ତ ପ୍ରିୟବ୍ରତ ପଟ୍ଟନାୟକ ଓ ନକଲି ଉପଜିଲ୍ଲାପାଳ ଅମ୍ରିତା ସୁମନ ମନ୍ତ୍ରୀ କିଏ, ରାତି ୩ଟା ସମୟରେ ପୂର୍ବତନ ତହସିଲଦାର ଅନିଷା ଦାସ ଓ ମାଫିଆମାନଙ୍କ ସହିତ କରୁଥିଲେ କଣ ତାହାକୁ ତଦନ୍ତ ପରିସରଭୁକ୍ତ କରାଯିବା, ଶାସକ ଦଳର ମୋରଡ଼ା ବିଧାୟକ ରାଜକିଶୋର ଦାସଙ୍କ ଭଣଜା ବୋହୂ ଅମ୍ରିତା ସୁମନ ମନ୍ତ୍ରୀଙ୍କୁ ଗିରଫ କରାଯିବା, ଜିଲ୍ଲାରେ ସମସ୍ତ ଚୋରା ଖଣି, ଖାଦାନରୁ ଖଣିଜ ସମ୍ପଦର ଚୋରାଚାଲାଣକୁ କ୍ରାଇବ୍ରାଂଚ ଦ୍ୱାରା ତଦନ୍ତ କରାଯିବା ସହ ଏଥିରେ ସମ୍ପୃକ୍ତ ସରକାରୀ ଅଫିସର ଓ ମାଫିଆମାନଙ୍କୁ ଗିରଫ କରାଯିବା, ଜିଲ୍ଲା ଓ ରାଜ୍ୟ ବାହାରକୁ ବେଧଡ଼କ ଭାବେ ଚାଲିଥିବା ଲଘୁ ଖଣିଜ ସମ୍ପଦର ଚୋରା ଚାଲାଣ ଓ ଲୁଟକୁ ଅବିଳମ୍ବେ ବନ୍ଦ କରାଯିବା ସହ ସେଗୁଡ଼ିକୁ ଜିଲ୍ଲାର ଉନ୍ନୟନମୂଳକ କାର୍ଯ୍ୟରେ ସତବିନିଯୋଗ କରାଯିବା, ତହସିଲଦାର-ଖଣି ମାଫିଆ ଓ ତହସିଲଦାର-ଜିଲ୍ଲାପାଳଙ୍କ ମଧ୍ୟରେ ଗଢ଼ି ଉଠିଥିବା ମଧୁଚନ୍ଦ୍ରିକାକୁ ବନ୍ଦ କରାଯିବା, ଜିଲ୍ଲାପାଳଙ୍କ ଟାସ୍କଫୋର୍ସ କମିଟି ଦ୍ୱାରା ଜବତ କରାଯାଇଥିବା ରାସଗୋବିନ୍ଦପୁର, ମୋରଡ଼ା ଓ ବେତନଟୀ ତହସିଲ ଅଧୀନରେ ଗଚ୍ଛିତ ବାଲି ଓ ମୋରମ କୁଆଡ଼େ ଗଲା ଏବଂ ଏ ବାବଦରେ କେତେ ଟଙ୍କା ରାଜସ୍ୱ ଆଦାୟ ହୋଇଛି ତାହା ଭିଜିଲାନ୍ସ ତଦନ୍ତ କରାଯିବା ସହ ସମ୍ପୃକ୍ତ ସରକାରୀ ଅଫିସର ଓ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀମାନଙ୍କୁ ବିନା ରୟାଲିଟିରେ ବାଲି ଯୋଗାଇଦେବା ସହ ପ୍ରତ୍ୟେକ ବାଲି ସୌରାତଗୁଡ଼ିକରେ ପ୍ରତ୍ୟେକ ସିଏମ୍ ବାଲି ଉପରେ ମୂଲ୍ୟ ଧାର୍ଯ୍ୟ କରାଯାଇ ସେ ସମ୍ପର୍କରେ ସୌରାତରେ ସୂଚନା ଫଳକ ଲଗାଯିବା, ମନ୍ତ୍ରୀ ପ୍ରତାପ ଜେନାଙ୍କ ମୟୂରଭଞ୍ଜ ଗସ୍ତ ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିବା ବେଳେ ଏଥିରେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ମନ୍ତ୍ରୀଙ୍କ ସମୀକ୍ଷା ବୈଠକକୁ ବିଜେପିର ୬ ବିଧାୟକ ଓ ଲୋକସଭା ସାଂସଦଙ୍କୁ ନ ଡ଼ାକିବାକୁ ଘଟଣାକୁ ବିଜେପି ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ଜିଲ୍ଲାପାଳ ବିଜେଡ଼ିର ଜିଲ୍ଲା ସଭାପତି ଭାବେ କାର୍ଯ୍ୟକରୁଛନ୍ତି କି ବୋଲି ପ୍ରଶ୍ନ ଉଠାଇଛନ୍ତି । ଜିଲ୍ଲା ଖଣି ମାଫିଆ ଓ ଶାସକ ଦଳର ନେତା , ମନ୍ତ୍ରୀ ପ୍ରଶାସନିକ ଅଧିକାରୀଙ୍କ ସହାୟତାରେ ଜିଲ୍ଲାରୁ କୋଟି କୋଟି ଟଙ୍କାର ଖଣିଜ ସମ୍ପଦକୁ ଲୁଣ୍ଠନ କରୁଥିବାର ବିଜେପି ପକ୍ଷରୁ ଅଭିଯୋଗ କରାଯାଇ ଏହି ସମସ୍ତ ମହାଦୁର୍ନୀତିର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜିଠାରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି । ମୟୂରଭଞ୍ଜ ଜିଲ୍ଲା ପୂର୍ବ ସଙ୍ଗଠନର ସଭାପତି ତଥା ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ମୟୂରଭଞ୍ଜ ଲୋକସଭା ସାଂସଦ ଇଂ ବିଶ୍ୱେଶର ଟୁଡୁ, ସାରସକଣା ବିଧାୟକ ବୁଢ଼ାନ ମୁର୍ମୁ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ ଉପସଭାପତି ତଥା ଉଦଳା ବିଧାୟକ ଭାସ୍କର ମଢ଼େଇ, ଜିଲ୍ଲାପରିଷଦ ସଭାପତି ସୁଜାତା ମୁର୍ମୁ, ରାଜ୍ୟ କାର୍ଯ୍ୟକାରିଣୀ ସଞ୍ଜିବ ମହାନ୍ତି, ପ୍ରଦୀପ ମହାନ୍ତି, ନିହାର ମୋଦୀ ପ୍ରମୁଖ ବିଜେପି ଦଳର ବିଧାୟକ, କାର୍ଯ୍ୟକର୍ତ୍ତା ଓ ସଦସ୍ୟ ପ୍ରମୁଖ ଉକ୍ତ ଗଣଧାରଣାରେ ଯୋଗ ଦେଇଥିଲେ ।

ସିନାପାଲିରେ କର ସେବକଙ୍କୁ ସମ୍ବର୍ଦ୍ଧନା

ନୂଆପଡା,୦୭।୮ (ନି.ପ୍ର): ଅଯୋଧ୍ୟା ଠାରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ବୁଧବାର ଭୂମିପୂଜନ ଚାଲିଥିବା ବେଳେ ସାରା ଦେଶରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି । ଏ ଅବସରରେ ୧୯୬୨ ମସିହାରେ ଅଯୋଧ୍ୟା ଯାଇ କର ସେବକ ଭାବରେ ଶ୍ରୀରାମଙ୍କ ସେବାରେ ଯୋଗଦାନ ଦେଇଥିବା ସିନାପାଲି ଅ ଳର ପ୍ରମୋଦ ଯୋଶୀଙ୍କୁ ବିଶ୍ୱହିନ୍ଦୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏକଲବ୍ୟ ବିଦ୍ୟାଳୟର ସିନାପାଲି ସଙ୍କୁଳ ସଂରକ୍ଷକ ତୁଳସୀରାମ ମେହେର, ସିନାପାଲି ବିଶ୍ୱହିନ୍ଦୁ ପରିଷଦର ପ୍ରଖଣ୍ଡ ସମ୍ପାଦକ ସତ୍ୟବ୍ରତ ଗହିର, ପରିଷଦର କଳାହାଣ୍ଡି ବିଭାଗ ସମ୍ପାଦକ ମୋହନ ଚରଣ ଦାସ, ସିନାପାଲି ବିଦ୍ୟାମନ୍ଦିର ସମ୍ପାଦକ ନନ୍ଦକୁମାର ପାତ୍ର, କୋଷାଧ୍ୟକ୍ଷ ବୈଷ୍ଣବ ମେହେର, ବଜରଙ୍ଗଦଳ ନୂଆପଡା ଜିଲା ସହ ସଂଯୋଜକ ରଞ୍ଜନ ସା, ସିନାପାଲି ପ୍ରଖଣ୍ଡ ସଂଯୋଜକ ବିହାରୀଲାଲ ମଶ୍ରା ପ୍ରମୁଖ କର୍ମକର୍ତ୍ତା ଶ୍ରୀଯୋଶୀଙ୍କ ଗୋଡାଲ ବାସଭବନକୁ ଯାଇ ଉପଢୌକନ, ଶ୍ରୀଫଳ ଆଦି ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏ ଅବସରରେ ଶ୍ରୀଯୋଶୀ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ, ସେହି ସମୟରେ ସିନାପାଲି ଅ ଳରୁ ଏକ ମାତ୍ର ଶ୍ରୀ ଯୋଶୀ ଅଯୋଧ୍ୟା ଯାଇ ସେଠାରେ ପ୍ରଭୂ ଶ୍ରୀରାମଙ୍କ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିଥିଲେ ।

ଆରଓବି ପକ୍ଷରୁ 'ଜାତୀୟ ଶିକ୍ଷା ନୀତି-୨୦୨୦' ଶୀର୍ଷକ ୱେବିନାର

- ◆ନୂତନ ଶିକ୍ଷା ନୀତିରେ ପ୍ରତ୍ୟେକ ବର୍ଗର ଛାତ୍ରଛାତ୍ରୀଙ୍କ ପ୍ରତି ଧ୍ୟାନ ଦିଆଯାଇଛି
- ◆ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇବ
- ◆ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତାକୁ ଦେଖି ପ୍ରସ୍ତୁତ ହୋଇଛି ନୂଆ ଶିକ୍ଷାନୀତି
- ◆ଶିକ୍ଷା ସହିତ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଛି
- ◆ଛାତ୍ରଛାତ୍ରୀଙ୍କ ପାଇଁ ରହିବ ପାଠପଢ଼ିବାର ଅଧିକ ବିକଳ୍ପ ଓ ନମନୀୟତା

Soumya Ranjan Patnaik
Priyabrata Priyo
Ramesh Chandra lima
Netaji Abhinandan
Bhubaneswar Views
Ramesh Chandra Panda
PIB PATNA
acharya Biswa
Kulamanisahoo Sahoo

ଭୁବନେଶ୍ୱର,୭।୮ (ନି.ପ୍ର): ଆଜି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭୁବନେଶ୍ୱରସ୍ଥିତ ଆଂଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ (ଆରଓବି) ପକ୍ଷରୁ ଜାତୀୟ ଶିକ୍ଷା ନୀତି ୨୦୨୦ ସମ୍ପର୍କିତ ଏକ ୱେବିନାର ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ଅତିଥି ବକ୍ତାମାନଙ୍କ ମଧ୍ୟରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଖଣ୍ଡପଡାର ବିଧାୟକ ତଥା ଦୈନିକ ସମ୍ବାଦର ସମ୍ପାଦକ ସୌମ୍ୟ ରଂଜନ ପଟ୍ଟନାୟକ, ରେଭେନ୍ସା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ଶ୍ରୀ ନେତାଜୀ ଅଭିନନ୍ଦନ, ନୂଆଦିଲ୍ଲୀସ୍ଥିତ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ମୁଖ୍ୟ ଡଃ ଅଜିତାଭ ସିଂ, ଅଷ୍ଟ୍ରେଲିଆର ସିଡନିଠାରେ କାର୍ଯ୍ୟରତ ଶିକ୍ଷା ଗବେଷକ ଓ ସୁଚିନ୍ତକ ଡଃ ପ୍ରିୟବ୍ରତଙ୍କ ସମେତ ଆରଓବି ଓ ପିଆଇବି, ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଶୈଳେଶ କୁମାର ମାଲବ୍ୟ ଏବଂ ଆରଓବି ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦ର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ବକ୍ତାଭାବେ ଯୋଗଦେଇ ମାନ୍ୟବର ବିଧାୟକ ଶ୍ରୀ ସୌମ୍ୟ ରଂଜନ ପଟ୍ଟନାୟକ ଆଂଚଳିକ ଭାଷାରେ ଶିକ୍ଷା, ମାତୃଭାଷାର ଉନ୍ନତି, ରୋଜଗାର ଭିତିକ ଶିକ୍ଷା ପ୍ରଦାନ ଇତ୍ୟାଦି ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଆହୁରି କହିଥିଲେ ଯେ, ସମାଜର ସବୁ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାର ସମାନ ସୁଯୋଗ ରହିବା ଦରକାର ଯାହାଫଳରେ କି ଶିକ୍ଷାର ବାସ୍ତବିକ ସ୍ୱରୂପକୁ ସମସ୍ତେ ବୁଝିପାରିବେ । ଏହି ୱେବିନାରରେ ଅଂଶଗ୍ରହଣ କରି ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ କହିଲେ ଯେ, ଏହି ନୂତନ ଜାତୀୟ ଶିକ୍ଷା ନୀତି ପ୍ରସ୍ତୁତ ଏବଂ ଉପସ୍ଥାପନ ହେବା ପୂର୍ବରୁ ସମାଜର ସମସ୍ତ ବର୍ଗର ନେତୃତ୍ୱମାନଙ୍କଠାରୁ ପରାମର୍ଶ ଗ୍ରହଣ କରାଯାଇଛି । ଏଥିରେ ଶିକ୍ଷା ଗ୍ରହଣ କରିବାର ନମନୀୟତା, ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ଉପରେ ଆଲୋକପାତ କରାଯାଇଛି । ଏଥିରେ ଘରୋଇ ଓ ସରକାରୀ ମିଳିତ ଉଦ୍ୟମ ଉପରେ ଜୋର ଦିଆଯାଇଛି । କେନ୍ଦ୍ର ସରକାର ନୂତନ ଶିକ୍ଷା ନୀତିରେ ଶିକ୍ଷାବ୍ୟବସ୍ଥା ପାଇଁ ମୋଟ ଘରୋଇ ଉତ୍ପାଦର ଶତକଡା ୬ ଭାଗ ଅର୍ଥ ଖର୍ଚ୍ଚ କରିବା ଲାଗି ପ୍ରତିଶ୍ରୁତି ଦେଇଥିବାରୁ ସେ କୃତଜ୍ଞତା ଜଣାଇଥିଲେ । ଏହାବ୍ୟତୀତ ପ୍ରାଥମିକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ସହିତ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିବାରୁ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ହ୍ରାସ ପାଇବ । କାର୍ଯ୍ୟକ୍ରମକୁ ସଂଚାଳନ କରି ସହକାରୀ ପ୍ରାଧ୍ୟାପକ ନେତାଜୀ ଅଭିନନ୍ଦନ ପ୍ରାରମ୍ଭରେ କହିଲେ ଯେ, ପ୍ରାୟ ୩୪ ବର୍ଷ ପରେ ଆମେ ଏକ ନୂତନ ଜାତୀୟ ଶିକ୍ଷା ନୀତିକୁ ଗ୍ରହଣ କରିବାକୁ ଯାଉଛୁ । ଏଥିରେ ଭାରତର ଆଂଚଳିକ, ସାଂସ୍କୃତିକ ମହତ୍ୱ, ମୂଲ୍ୟବୋଧ, ବିବିଧତା ଏବଂ ସାମଗ୍ରୀକ ଉଦ୍ୟମ ସମାହିତ ହୋଇ ରହିଛି ବୋଲି ସେ କହିଥିଲେ । ପରେ ନିଜ ଉପସ୍ଥାପନା ରଖି ନୂଆଦିଲ୍ଲୀସ୍ଥିତ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ମୁଖ୍ୟ ଡଃ ଅଜିତାଭ ସିଂହ କହିଥିଲେ ଯେ, ଏହି ନୂତନ ଶିକ୍ଷା ନୀତି ପୂର୍ବ ଅନୁଭୂତି, ବର୍ତ୍ତମାନର ଆହ୍ୱାନ ଏବଂ ଭବିଷ୍ୟତର କାର୍ଯ୍ୟପନ୍ଥାକୁ ନେଇ ପ୍ରସ୍ତୁତ କରାଯାଇଛି । ଏହି ଶିକ୍ଷା ନୀତି ଦ୍ୱାରା ଭାରତ ବିଶ୍ୱରେ ଏକ ଜ୍ଞାନଭିତିକ ସମାଜ ଭାବେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିବ । ସେ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତି ୨୦୨୦ ଅଧିକ ରୋଜଗାର ସୃଷ୍ଟି କରିପାରିବ । ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ବୃତିଗତ ଶିକ୍ଷା ପ୍ରଦାନ କରାଯିବ । ଫଳରେ ଏହା ଭବିଷ୍ୟତରେ ଛାତ୍ରଛାତ୍ରୀଙ୍କ ଚାକିରିଭିତିକ ଦକ୍ଷତା ବୃଦ୍ଧି କରିବ । ଶେଷରେ ଅଷ୍ଟ୍ରେଲିଆର ସିଡନିରେ ଅବସ୍ଥାପିତ ଓଡିଆ ଶିକ୍ଷା ଗବେଷକ ଓ ସୁଚିନ୍ତକ ଡଃ ପ୍ରିୟବ୍ରତ କହିଲେ ଯେ, ଏହି ନୂତନ ଶିକ୍ଷା ନୀତିରେ ବିଶ୍ୱର ବିଭିନ୍ନ ଦେଶର ଶିକ୍ଷା ବ୍ୟବସ୍ଥାର ଶ୍ରେଷ୍ଠ ବୈଶିଷ୍ଟ୍ୟଗୁଡିକୁ ସ୍ଥାନିତ କରାଯାଇଛି । ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଗବେଷଣାମୂଳକ, ଧନ୍ଦାମୂଳକ ଶିକ୍ଷା ପ୍ରଦାନ, ମୁକ୍ତ ବିଦ୍ୟାଳୟ, ଦକ୍ଷତା ଭିତିକ ଶିକ୍ଷା ବ୍ୟବସ୍ଥା ଏଥିରେ ସ୍ଥାନିତ କରାଯାଇଛି ବୋଲି ସେ କହିଥିଲେ । ଏହି ନୂତନ ଶିକ୍ଷା ନୀତିରେ କୌଣସି ବିଷୟଗତ କଟକଣା ନାହିଁ । ସ୍ନାତକ ସ୍ତରର କଳାଛାତ୍ରମାନେ ବିଜ୍ଞାନ ଓ ବାଣିଜ୍ୟ ବିଷୟ ମଧ୍ୟ ପଢ଼ିପାରିବେ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ମାଲବ୍ୟ ସମସ୍ତ ଅତିଥି, ବକ୍ତା ଏବଂ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ । ପରେ ନିର୍ଦ୍ଦେଶକ ଶ୍ରୀ ମିଶ୍ର କହିଥିଲେ ଯେ ନୂତନ ଶିକ୍ଷା ନୀତିରେ ଛାତ୍ରଛାତ୍ରୀଙ୍କ ସଶକ୍ତିକରଣ ଏବଂ ଦକ୍ଷତା ବିକାଶ ପରିସରକୁ ବୃଦ୍ଧି କରାଯାଇଛି । ସେହିପରି ରୁଚି ଅନୁଯାଇ ବିଷୟ ବାଛି ପାଠ ପଢ଼ିବାର ବିକଳ୍ପ ଏହି ନୂତନ ଶିକ୍ଷା ନୀତିରେ ଥିବା କଥା ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭାଗୀୟ ଅଧିକାରୀ, ଶିକ୍ଷାବିତ, ଗବେଷକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

ଅଣ ଅନୁଦାନ ପ୍ରାପ୍ତ ନିଖିଳ ଓଡ଼ିଶା ୧୭୭ ହାଇସ୍କୁଲ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ ଲକ୍ଷ ଟଙ୍କା ପ୍ରଦାନ



ଭୁବନେଶ୍ୱର, ୭/୮ (ନି.ପ୍ର): ରାଜ୍ୟରେ କୋଭିଡ୍-୧୯ ସ୍ଥିତିର ମୁକାବିଲା ପାଇଁ ଅଣ ଅନୁଦାନ ପ୍ରାପ୍ତ ନିଖିଳ ଓଡିଶା ୧୭୭ ହାଇସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଆଜି ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଆଜି ପୂର୍ବାହ୍ନରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶଙ୍କୁ ମା ଅମ୍ବିକା ଏସ୍.ସି.ଏସ୍.ଟି ଶିକ୍ଷା ସେବାଶ୍ରମ ଅନୁଷ୍ଠାନ, ଜଗତସିଂହପୁରର ସଂପାଦକ ଶ୍ରୀ ଜୀବନ ସାମନ୍ତରାୟ ଏହି ଅର୍ଥରାଶିକୁ ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ଏହି ଅବସରରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନ୍‌ଜୀବୀ ଶ୍ରୀ ନାଗାର୍ଜୁନ ସେଠୀ ଏବଂ ଆଇନ୍‌ଜୀବୀ ପିତାମ୍ବର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ରାଜସ୍ଥାନରେ କରୋନାରେ ବିଏସଏଫର ୬ ଯବାନ ସମେତ ୧୩ ଜିଲ୍ଲାରେ ୪୨୨ ନୂଆ ସଂକ୍ରମିତ : ୬ ଜଣଙ୍କ ମୃତ୍ୟୁ

ଜୟପୁର, ୦୭ ଅଗଷ୍ଟ (ହି.ସ.) – ରାଜସ୍ଥାନରେ କରୋନା ସଂକ୍ରମଣରେ ସାଧାରଣ ଜନତା ସହିତ ଏବେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ସୀମା ସୁରକ୍ଷା ବଳର ଯବାନ ଆକ୍ରାନ୍ତ ହୋଇଛନ୍ତି । ରାଜ୍ୟରେ ଶୁକ୍ରବାର ସକାଳ ସୁଦ୍ଧା ୧୩ ଜିଲ୍ଲାରେ ସୀମା ସୁରକ୍ଷା ବଳର ୬ ଯବାନ ସହିତ ୪୨୨ ନୂଆ ସଂକ୍ରମିତ ରୋଗୀଙ୍କୁ ଚିହ୍ନଟ କରାଯାଇଛି । ଏହାକୁ ମିଶାଇ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୯ ହଜାର ୪୧୮ ହୋଇଛି । ୭୬୩ ଜଣ ଏହି ସଂକ୍ରମଣରେ ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମଧ୍ୟରୁ ୬ ରୋଗୀଙ୍କ ମୃତ୍ୟୁ ଶୁକ୍ରବାର ସକାଳେ ଜଣାପଡ଼ିଥିଲା । ମୃତ୍ୟୁବରଣ କରିଥିବା ବ୍ୟକ୍ତି ମାନଙ୍କ ମଧ୍ୟରୁ ଭରତପୁର ଓ ନାଗୌରରେ ୨ ଜଣ ଲେଖାଏଁ, ଅଲବର ଓ ଧୋଲପୁରରେ ଜଣେ ଜଣେ ସାମିଲ ଅଛନ୍ତି । ପ୍ରଦେଶରେ ଶୁକ୍ରବାର ଦିନ ଅଲବର ଜିଲ୍ଲାରେ ସର୍ବାଧିକ ୧୬୪, ଜୟପୁରରେ ୪୯, ଅଜମେରରେ ୪୫, ସୀକରରେ ୪୪, ସିରୋହୀରେ ୨୩, ଟୋଂକରେ ୨୨, ନାଗୌରରେ ୨୧, ଝୁନଝୁନରେ ୧୬, ଚିତୌଡ଼ଗଡ଼ ଓ ଡୁଙ୍ଗରପୁରରେ ୧୧-୧୧, କୋଟାରେ ୬, ଝାଲାୱାଡ଼ାରେ ୪ ତଥା ସୀମା ସୁରକ୍ଷା ବଳର ୬ ଯବାନ ସଂକ୍ରମଣ ଚିହ୍ନଟ ହୋଇଛନ୍ତି । ଖୁସିର ଖବର କି ଏବେ ସୁଦ୍ଧା ୩୫ ହଜାର ୧୮୬ ଜଣ ସୁସ୍ଥ ହୋଇଛନ୍ତି । ଚିକିତ୍ସା ବିଭାଗଙ୍କ କହିବା ଅନୁସାରେ ଏବେ ସୁଦ୍ଧା ଯୋଧପୁରରେ ୭୬୨୩, ଜୟପୁରରେ ୬୧୯୫, ଅଲବରରେ ୫୦୦୭, ପାଲୀରେ ୨୮୯୧, ଭରତପୁରରେ ୨୭୯୮, କୋଟାରେ ୨୪୭୨, ବିକାନେରରେ ୨୩୫୧, ଅଜମେରରେ ୨୩୫୦ ଜଣ କରୋନା ସଂକ୍ରମଣ ହୋଇଛନ୍ତି । ବାଡ଼ମେରରେ ୧୬୧୮, ନାଗୌରରେ ୧୬୧୭, ଉଦୟପୁରରେ ୧୫୧୮, ଧୋଲପୁରରେ ୧୪୦୯, ସୀକରରେ ୧୨୬୭, ଜାଲୋରରେ ୧୨୨୮ ରୋଗୀ ଚିହ୍ନଟ ହୋଇଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ରାଜ୍ୟରେ ଆଉ ୧୨ ଜଣଙ୍କର...

କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ଭାବେ ଭଦ୍ରକ ଜିଲ୍ଲାର ଜଣେ ୫୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି ।ସେ ମଧୁମେହ ରୋଗରେ ପୀଡିତ ଥିଲେ । ଢେଙ୍କାନାଳ ଜିଲ୍ଲାର ଜଣେ ୬୧ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାର ଜଣେ ୭୭ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ହିଁ ଅନ୍ୟ ଜଣେ ୭୭ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ କ୍ରନିକ କିଡନି ରୋଗରେ ପୀଡିତ ଥିଲେ । ସୁନ୍ଦରଗଡ ଜିଲ୍ଲାର ଜଣେ ୬୬ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୫୩ ବର୍ଷ ବୟସ୍କ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ବରଣ କରିଛନ୍ତି । ଗଂଜାମ ଜିଲ୍ଲାର ହିଁ ଅନ୍ୟ ଜଣେ ୫୦ ବର୍ଷ ବୟସ୍କ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରେ ପୀଡିତ ଥିଲେ । ଗଜପତି ଜିଲ୍ଲାର ଜଣେ ୩୪ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ କ୍ରନିକ କିଡନି ରୋଗରେ ପୀଡିତ ଥିଲେ ।

ଟ୍ରକ ପଛକୁ ଧକ୍କା କାର...

ମୃତକମାନେ ହେଲେ କୋଲକାତା ରାଜ୍ୟର ପୂର୍ବନନ୍ଦପୁର ଜିଲା କଟାଇ ଥାନା ଅନ୍ତର୍ଗତ କୋଟାଇକେ କେଶପୁରା ଅଂଚଳର ବୋଲି ଜଣାପଡିଛି । ମୃତକମାନେ ହେଲେ ସୁଜିତ ଗିରି,ଅଜଗର ଅଲ୍ଲୀ ସାହା ଓ ଦୀପଙ୍କର ପଞ୍ଜା ବୋଲି ଜଣାପଡିଥିବା ବେଳେ ଆହତମାନେ ହେଲେ କାରର ଡ୍ରାଇଭର ଓ ମୃତ ସୁଜିତଙ୍କ ସମ୍ପର୍କୀୟ ସୁନିତା ଗିରି ବୋଲି ଜଣାପଡିଛି । ସମସ୍ତଙ୍କ ବୟସ ୪୦ରୁ ୪୫ ହେବ ବୋଲି ଜଣାପଡିଛି । ଏହି କାରଟି ୩ଦିନ ତଳେ ଭୁବନେଶ୍ୱର ଯାଇ ଆଜି ଭୋରୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ସୂଚନା ମୁତାବକ ଆଜି ସାଢେ ୪ଟା ସମୟରେ କୋଲକାତାର ରାଜ୍ୟର କୋଟାଇକେ ଅଂଚଳର ଲୋକେ ତିନି ଦିନ ତଳେ ମାରୁତି ସୁଇଫଟ ଡିଜେଆର କାର(ଡବ୍ଲୁ୩୨ଏଲ୦୭୫୨)ରେ ଡ୍ରାଇଭର ସମେତ ୫ଜଣ ଭୁବନେଶ୍ୱର ଯାଇଥିଲେ । ସେଠାରୁ କାମସାରି ଆଜି ଭୋରୁ ସେମାନେ ଏହି କାର ଯୋଗେ ଘରକୁ ଫେରୁଥିଲେ । ଯାଜପୁର ଜିଲା ୧୬ ନଂ ଜାତୀୟ ରାଜପଥ ଜାରକା ନିକଟସ୍ଥ ରଥିଆ ନିକଟରେ ଥିବା ଫଗୁ ଢାବା ନିକଟରେ ରାସ୍ତା କଡରେ ଏକ ୧୦ ଚକିଆ ଟ୍ରକ(ଡବ୍ଲୁ୨୩ବି୩୭୩୮)ଟି ଛିଡା ହୋଇଥିବା ବେଳେ କାରଟି ଦ୍ରୁତ ଗତିରେ ଆସି ଟ୍ରକ ପଛପଟେ ଧକ୍କା ଦେଇଥିଲା । ଦୁର୍ଘଟଣା ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ସଦଳବଳେ ଘଟଣାସ୍ଥଳରେ ପହଂଚି ଗ୍ୟାସ କଟର ସହାୟତାରେ ଆହତମାନଙ୍କୁ କାର ଭିତରୁ ବାହାର କରିଥିଲେ । ସେମାନଙ୍କ ମଧ୍ୟ ୩ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ୨ଜଣ ଗୁରୁତର ଆହତମାନଙ୍କୁ କଟକ ବଡ ମେଡିକାଲକୁ ପଠାଇ ଦେଇ ଘଟଣାର ତଦନ୍ତ ଚଳାଇଛି । ଏବଂ ୩ ମୃତ ଦେହକୁ ଜବତ କରି ଧର୍ମଶାଳା ଶବ ଗୃହକୁ ପଠାଇଦେଇ ଏକ ଅପମୃତ ମାମଲା ରୁଜୁ କରିଛି । ପରିବାର ଲୋକେ ପହଂଚିବା ପରେ ଶବ ହସ୍ତାନ୍ତରିତ କରାଯିବା ସହ ଶବ ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇ ଦିଆଯିବ ବୋଲି ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି ।

ସ୍କିମ ଶ୍ରମିକ...

ରୋକିବା ପାଇଁ ପାଖା ପାଖି ୬୦ ଲକ୍ଷ ମହିଳା ଶ୍ରମିକ କାର୍ଯ୍ୟରତ ରହିଛନ୍ତି । ସେମାନଙ୍କ ମଧ୍ୟରେ ୨୬ଲକ୍ଷ ଅଙ୍ଗନୱାଡି, ୧୦ଲକ୍ଷ ଆଶା, ୨୭ଲକ୍ଷ ଏମ୍.ଡି.ଏମ୍ ଶ୍ରମିକ, ୧୦୮ ଆମ୍ବୁଲାନ୍ସର ଶ୍ରମିକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଥିବା ଠିକା ଶ୍ରମିକ ମାନେ ଅନ୍ତର୍ଭୁକ୍ତ । ଏହା ଅତ୍ୟନ୍ତ ଦୁଃଖର ବିଷୟ ଯେ ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ମାକ୍ସ, ସାନିଟାଇଜର ସମେତ ଆବଶ୍ୟକୀୟ ନିରାପତା ପାଇଁ ଉଦ୍ଦିଷ୍ଟ ଦ୍ରବ୍ୟ ଗୁଡିକ ଯୋଗାଇ ଦିଆଯାଉ ନାହିଁ । ଏହାଫଳରେ ସେମାନେ ବହୁମାତ୍ରାରେ ଏହି ରୋଗର ଶୀକାର ହୋଇ ଅର୍ଥାଭାବରୁ ଠିକ୍ ଭାବେରେ ଚିକିତ୍ସିତ ହୋଇନପାରି ମୃତ୍ୟୁବରଣ କରୁଛନ୍ତି । ଏପରିକି ସେମାନଙ୍କ ପାଇଁ କୌଣସି ବୀମାର ବ୍ୟବସ୍ଥା କରାଯାଇନାହିଁ ବୋଲି କୁହା ଯାଇଛି । ସ୍କିମ୍ ଶ୍ରମିକ ମାନଙ୍କ ସହିତ ସିଆଇଟିୟୁର ପୁଷ୍ପା ଦାସ, ସୁରେଶ ଚନ୍ଦ୍ର ରାଉତରାୟ, ଆଶାକର୍ମୀ ନେତ୍ରୀ ନଳିନୀ ସାହୁ, ସବିତା ପ୍ରତାପ ସିଂହ, ମିନତୀ ହାତୀ, ପ୍ରଭାତ ପାଣିଗ୍ରାହୀ, ଏଆଇଟିୟୁସି ନେତା ବିଜୟ ଜେନା, ଏଆଇସିସିଟିୟୁ ନେତା ମହେନ୍ଦ୍ର ପରିଡା ଏଚ୍ଏମ୍ଏସ୍ ନେତା ବିପି ଦାସ ପ୍ରମୁଖ ଏହି ପ୍ରତିବାଦ ବିକ୍ଷୋଭରେ ସାମିଲ ହୋଇ କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମ ଆଇନ ଓ ଶ୍ରମିକ ମାରଣାନୀତି ବିରୋଧରେ ବକ୍ତବ୍ୟ ରଖିଥିଲେ ।

ଉଦ୍‌ଘାଟିତ ହେଲା...

ଯୋଗଦେଇଥିଲେ । ଭାଗବାନପୁର ଗ୍ରାମର ପ୍ରତିଷ୍ଠାତା ଭଗବାନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ନିରାଡ଼ମ୍ବରପୂର୍ଣ୍ଣ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଙ୍ଗୀତ ଶିକ୍ଷକ ରବୀନ୍ଦ୍ର ପଲେଇ ସଙ୍ଗୀତଗାନ କରିଥିଲେ । ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ । ଆମ୍ବଗଡ଼ିଆ ବିକାଶମଞ୍ଚର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର ଓ ଗଛମଣିଷ ରବୀନ୍ଦ୍ର ବେହେରା (ବାଇନ) ବୃକ୍ଷରୋପଣ କରିଥିବାବେଳେ ଜଗଦୀଶଚନ୍ଦ୍ର ପଟ୍ଟନାୟକ ବିବରଣୀ ପାଠ ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ...

ରହୁଥିବା ଗୃହ ଗୁଡିକ ବିଶୋଧନ କରାଯାଇଛି ।ତେବେ ନୀଳଗିରି ସହର ତଥା ଆଖପାଖ ଲୋକମାନଙ୍କୁ ଗୋଷ୍ଠୀ ସଂକ୍ରମଣକୁ ରୋକିବା ପାଇଁ ସ୍ଥାନୀୟ କୋଭିଡ ମାଜିଷ୍ଟ୍ରେଟ ଅଶେଷ ନାୟକ,ଏନଏସି ନିର୍ବାହି ଅଧିକାରୀ ରତନ ପଟ୍ଟନାୟକ,ଉପଜିଲ୍ଲାପାଳ ହରିଷଚନ୍ଦ୍ର ଜେନା ପୌରାଞ୍ଚଳକୁ ୧୦୧ଘଣ୍ଟା ପର୍ଯ୍ୟନ୍ତ ସଟ୍‌ଡାଉନ ଘୋଷଣା କରିଛନ୍ତି ।ଏହି ସଟ୍‌ଡାଉନ ବୁଧବାର ରାତି ୧୨ଟା ଠାରୁ ଲାଗୁ କରାଯାଇ ଆସନ୍ତା ମଙ୍ଗଳବାର ସକାଳ ୫ଘଟିକା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜଣାଯାଉଛି ।ପ୍ରଶାସନିକ ସଟ୍‌ଡାଉନକୁ ସ୍ଥାନୀୟ ଲୋକେ ମାନି ସକାଳେ ସହରରେ ଅତ୍ୟାବଶକିୟ ସାମଗ୍ରୀ ବ୍ୟତିତ ଅନ୍ୟ ସବୁ ଦୋକାନ ଗୁଡିକ ବନ୍ଦ ଥିବାର ଦେଖିବାକୁ ମିଳିଛି ।ପୋଲିସ ପ୍ରଶାସନ ତତ୍‌ପରତା ଦେଖାଇ ସହରର ବିଭିନ୍ନ ସ୍ଥାନରେ ପଇନ୍ତରା ମାରୁଥିବାର ଦେଖିବାକୁ ମିଳିଛି ।ଗୋଷ୍ଠୀ ସଂକ୍ରମଣକୁ ଆଖିଆଗରେ ରଖି ଏହି ସଟ୍‌ଡାଉନ କରାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତି ନେଇଥିବାର ଜଣାପଡିଛି ।

ଜିଲ୍ଲାସ୍ତରୀୟ ସ୍ୱାଧୀନତା...

ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯିବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ଅଗଷ୍ଟ ୧୨ ତାରିଖ ସକାଳ ୮ ଘଟିକା ସମୟରେ ଆରକ୍ଷୀ ବାହିନୀ ଦ୍ୱାରା ପ୍ୟାରେଡ୍‌ର ପୂର୍ବାଭ୍ୟାସ କରାଯିବ । ଉତ୍ସବ ପାଳନ ବେଳେ ସାମାଜିକ ଦୂରତା ଓ ମାସ୍କ ପରିଧାନ ନିୟମ ପାଳନକୁ ବାଧ୍ୟତା ମୂଳକ କରାଯାଇଛି । ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର କିମ୍ବା ଛାତ୍ରୀଙ୍କୁ ପଂଚଜନ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦ ପକ୍ଷରୁ ପୁରସ୍କୃତ କରାଯିବ । ସ୍ୱାଧୀନତା ଦିବସ ଦିନ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଆଲୋକ ସଜ୍ଜା କରାଯିବା ସହିତ ସହରର ବିଭିନ୍ନ ଯାଗାରେ ତୋରଣ ନିର୍ମାଣ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସଚିଦାନନ୍ଦ ସାହୁ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିଶ୍ୱନାଥ ମିଶ୍ର ,ଉପ-ଜିଲ୍ଲାପାଳ ଶ୍ରୀ ଧର୍ମେନ୍ଦ୍ର ମଲ୍ଲିକ,ମାନ୍ୟଗଣ୍ୟ ବ୍ୟକ୍ତି,ଆଇନଜୀବୀ ଓ ଗଣ ମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧକାରୀ ଶ୍ରୀ କାମିନୀ ରଂଜନ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଉଦ୍‌ଘାଟିତ ହେଲା...

ଅଧିକାରୀମାନେ ଉପସ୍ଥିତ ଥିଲେ । ପରେ ଶ୍ରୀଯୁକ୍ତ ପାଢୀ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦାସ, ଜିଲ୍ଲା ଅତିରିକ୍ତ ମୁଖ୍ୟଚିକିତ୍ସାଧିକାରୀ ଡାକ୍ତର ଏ.କେ. ମହାରଣା ଧାମନଗର ସ୍ଥିତ କୋବିଡ କେୟାର ସେଣ୍ଟର ପରିଦର୍ଶନରେ ଯାଇଥିଲେ । ସେଠାରେ ଉକ୍ତ କେନ୍ଦ୍ରର କୋବିଡ ପରିଚାଳନା ସମ୍ପର୍କରେ ଅନ୍ତେବାସୀଙ୍କୁ ପଚାରି ବୁଝିବା ସହିତ ଏହାର ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ ।

ଗଣେଶ ପୂଜା ଓ ମହରମ ପାଇଁ ସମନ୍ୱୟ କମିଟି ବୈଠକ

ଭଦ୍ରକ,୭।୮ (ନି.ପ୍ର): ଆଗାମୀ ଗଣେଶ ପୂଜା ଓ ମହରମ୍ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠତ ହୋଇଯାଇଛି । ଜିଲ୍ଲାପାଳ ଡ. ଜ୍ଞାନ ଦାସ ବୈଠକରେ ଅଧ୍ୟକ୍ଷତା କରି କୋବିଡ଼ କଟକଣା ଆସନ୍ତା ଅଗଷ୍ଟ ୩୧ ପର୍ଯ୍ୟନ୍ତ ବଳବତ୍ତର ରହିଥିବା ବେଳେ ଏହି ସମୟରେ ଦୁଇଟି ପିବତ୍ର ପର୍ବ ପଡୁଥିବାରୁ ଏହାକୁ କୋବିଡ ଆଇନାନୁଯାୟୀ ପାଳନ କରିବାକୁ ଅନୁରୋଧ କରିଥିଲେ । ବିଶେଷ କରି ଧର୍ମାନୁଷ୍ଠାନରେ କଟକଣା ଜାରି ରହିଛି । ଏଠାରେ ଭକ୍ତଙ୍କୁ ଏକତ୍ରିତ ହେବା ପାଇଁ ମନା କରାଯାଇଛି । ସେଥିଲାଗି ଆସନ୍ତା ଗଣେଶ ପୂଜା କେବଳ ସ୍ଥାୟୀ ମନ୍ଦିର ମାନଙ୍କର ଦୁଇଜଣ ପୁରୋହିତଙ୍କୁ ନେଇ ପୂଜା କରାଯିବ ଏବଂ କୌଣସି ଭକ୍ତ ଉପସ୍ଥିତ ରହିବେ ନାହିଁ ବୋଲି ଜିଲ୍ଲାପାଳ ଡ. ଦାସ ସୂଚନା ଦେଇଥିଲେ । ଏହା ବ୍ୟତୀତ ଅସ୍ଥାୟ ଭାବେ ଟେଣ୍ଟ କରି କୌଣସି ପୂଜା ହୋଇ ପାରିବ ନାହିଁ କି କୌଣସି ସ୍ଥାୟୀ ମନ୍ଦିର ନିକଟରେ ଭିଡ କରାଯାଇ ପାରିବ ନାହିଁ । ମନ୍ଦିର ନିକଟରେ ବ୍ୟାରିକେଟ କରିବାକୁ ନିର୍ଦ୍ଦେଶ ଦିଆ ଯାଇଛି । ସେହିଭଳି ମହରମ ପର୍ବ କେବଳ ୫ଜଣଙ୍କୁ ନେଇ ନମାଜ ପାଠ କରିବାକୁ କୁହାଯାଇଛି । ଏହା ବ୍ୟତୀତ ସମସ୍ତ ମୁସଲମାନ ସେମାନଙ୍କ ଘରେ ନମାଜ ପାଠ କରିବେ । କୌଣସି ଶୋଭାଯାତ୍ରା ହୋଇ ପାରିବ ନାହିଁ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମସ୍ତ ପର୍ବ ପାଳନ ସମୟରେ ସାମାଜିକ ଦୂରତ୍ୱ ରକ୍ଷା କରିବା ଏବଂ ସମସ୍ତେ ବାଧ୍ୟତାମୂଳକ ଭାବେ ମାସ୍କ ପିନ୍ଧିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ । ଏହି ବୈଠକରେ ଏସ୍‌ପି ରାଜେଶ ପଣ୍ଡିତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ଏସ୍‌ପି କୈଳାସ ପରିଡା, ଚଉଦମହଲା ମୁସ୍‌ଲିମ୍ ଜମାତର ସଭାପତି ହାଜି ମହମ୍ମଦ ଅବଦୁଲ ବାରୀ, ହିନ୍ଦୁ ସୁରକ୍ଷା ସମିତିର ବିଦ୍ୟାଧର ସାହୁଙ୍କ ସମେତ ସମସ୍ତ ଗଣେଶ ପୂଜା କମିଟିର ସଭାପତି, ସମ୍ପାଦକମାନେ ଉପସ୍ଥିତ ଥିଲେ ।

୧୭ ଦଫା ଦାବିରେ ସ୍କିମ୍ ୱାର୍କରଙ୍କ କେନ୍ଦ୍ର ଶ୍ରମ ସଚିବଙ୍କୁ ସ୍ମାରକ ପତ୍ର

ଜଳେଶ୍ୱର,୭।୮ (ନି.ପ୍ର): କେନ୍ଦ୍ର ସରକାରଙ୍କ ସ୍କିମ୍ ୱାର୍କର ବିରୋଧି କେନ୍ଦ୍ରୀୟ ନୀତି ବିରୋଧରେ କେତେକ ଟ୍ରେଡ ୟୁନିୟନ ଅଗଷ୍ଟ ୭ ଓ ୮ ତାରିଖରେ ଧର୍ମଘଟ କରିଥିବାର ଘୋଷଣା ହୋଇଥିବାରୁ ଆଜି ଜଳେଶ୍ୱର ବ୍ଲକ ସମ୍ମୁଖରେ ଅଂଗନୱାଡି କର୍ମୀ, ମଧ୍ୟାହ୍ନ ଭୋଜନ କର୍ମଚାରୀ ଓ ଆଶା ମାନଙ୍କୁ ସଂଗଠିତ କରି କେନ୍ଦ୍ର ଶ୍ରମ ସଚିବଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜାତୀୟ ଶ୍ରମ ସମ୍ମିଳନୀର ନିଷ୍ପତ୍ତି ଅନୁଯାୟୀ ଅଙ୍ଗନୱାଡି, ଆଶା ଓ ମଧ୍ୟାହ୍ନ ଭୋଜନ ପାଚିକା ମାନଙ୍କୁ କର୍ମଚାରୀର ମାନ୍ୟତା, ସର୍ବନିମ୍ନ ପ୍ରତ୍ୟେକଙ୍କୁ ୨୧ହଜାର ଟଙ୍କା ମାସିକ ଦରମା, ୧୦ହଜାର ଟଙ୍କାର ପେନ୍‌ସନ, କେନ୍ଦ୍ରୀୟ ସ୍କିମ ଗୁଡିକୁ ସ୍ଥାନୀୟ ଓ ସାର୍ବଜନୀନ କରିବା, କୋଭିଦ୍ ସମୟରେ ପାଚିକାଙ୍କୁ ଭତ୍ତା ପ୍ରଦାନ ଓ ଶିକ୍ଷା ତଥା ସ୍ୱାସ୍ଥ୍ୟ ବିଭାଗ କ୍ଷେତ୍ରରେ ଘରୋଇକରଣ ରଦ୍ଦ କରି ରାଷ୍ଟ୍ରାୟତ କରିବା ଇତ୍ୟାଦି ୧୭ଦଫା ଦାବିର ସ୍ମାରକପତ୍ର ଆନ୍ଦୋଳନକାରୀମାନେ ଜଳେଶ୍ୱର ବିଡିଓଙ୍କୁ ପ୍ରଦାନ କରିଥିଲେ । ଏଥିରେ ଓଡିଶା ଅଂଗନୱାଡି ସଂଘ ବାଲେଶ୍ୱର ଜିଲା ସଂପାଦିକା ଲକ୍ଷ୍ମୀପ୍ରିୟା ଦାସ, କଳ୍ପନା ଦେ, ମମତା ଦାସ, ତୃପ୍ତିରାଣୀ ମହାନ୍ତି, ଫୁଲ ସରେନ୍, କମଳ ଚକ୍ରବର୍ତ୍ତୀ, ମନୋରଂଜନ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ । ଆସନ୍ତା ୯ ତାରିଖ କ୍ରାନ୍ତି ଦିବସରେ ଏହି ଟ୍ରେଡ୍‌ୟୁନିୟନ ପକ୍ଷରୁ ଭାରତ ବଂଚାୟ ଦିବସ ପାଳନ କରିବେ ବୋଲି ସୂଚନା ଦେଇଛନ୍ତି ।

ଶକ୍ତିମନ୍ତ୍ରୀଙ୍କ ଦ୍ୱାରା ଟାଟା ପାୱାର କଲ୍-ସେଂଟର ଉଦ୍‌ଘାଟିତ

ଭୁବନେଶ୍ୱର,୭।୮ (ନି.ପ୍ର): ଆଜି ଶକ୍ତି, ଶିଳ୍ପ, ଏମଏସଏମଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଦ୍ୱାରା ଟାଟା ପାୱାର କଲ୍‌ସେଂଟର ସ୍ଥାନୀୟ କଲ୍ୟାଣୀ କମ୍ପ୍ଲେକ୍ସଠାରେ ଉଦ୍‌ଘାଟିତ ହୋଇଯାଇଛି । ଏହା ୨୪/୭ ଘଂଟା ଅବିରତ ଭାବେ କାର୍ଯ୍ୟ କରିବ । ଏହି କଲ୍ ସେଂଟରକୁ କଲ୍ କରି ବିଦ୍ୟୁତ ଉପଭୋକ୍ତା ବିଦ୍ୟୁତ ସରବରାହ, ବିଲ୍ ପୈଠ, ନୂଆ ଲାଇନ୍ ସଂଯୋଗ, ଠିକଣା/ନାମ ପରିବର୍ତ୍ତନ ଆଦି ସହ ବିଭିନ୍ନ ତଥ୍ୟ ପାଇପାରିବେ । ଏହାଛଡା ଗ୍ରାହକମାନେ ସେମାନଙ୍କ ସନ୍ଦେହ ନେଇ ବିଭିନ୍ନ ପ୍ରଶ୍ନ ପଚାରିବା ଓ ଅଭିଯୋଗ ଦାଖଲ ସମ୍ପର୍କିତ କାର୍ଯ୍ୟ ଏହି କଲ୍‌ସେଂଟର ଦ୍ୱାରା ସଂପାଦିତ ହେବ ।

ଶନିବାର,୦୮ ଅଗଷ୍ଟ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଜଗତସିଂହପୁର,୭।୮ (ନି.ପ୍ର): ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର କହିଲେ ଚଳିତ ବର୍ଷ କରୋନା ମହାମାରୀର ଦୃତ ସଂକ୍ରମଣ ହେତୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାର୍ଗ ଦର୍ଶିକା ଅନୁଯାୟୀ ପାଳନ କରାଯିବ । ଏ ବର୍ଷ ସମ୍ମିଳିତ ପ୍ୟାରେଡ୍‌ରେ କଲେଜ ଓ ସ୍କୁଲ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିବେ ନାହିଁ ।ପ୍ୟାରେଡ୍‌ରେ କେବଳ ପୋଲିସ ଓ ଗୃହରକ୍ଷୀ ବାହିନୀ ଅଂଶ ଗ୍ରହଣ କରିବେ । ଶିକ୍ଷାନୁଷ୍ଠାନ ଗୁଡିକ କରୋନା କଟକଣା ଯୋଗୁଁ ବନ୍ଦ ଥିବାରୁ କୌଣସି ପ୍ରକାର ପ୍ରତିଯୋଗିତା ହେବ ନାହିଁ । ସ୍ୱଳ୍ପ ଲୋକଙ୍କ ଉପସ୍ଥିତିରେ ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ କରାଯିବାକୁ ବୈଠକରେ ନିଷ୍ପତି ହୋଇଥିଲା । ଏହା ବ୍ୟତୀତ ସାଧାରଣ ଦର୍ଶକ ମାନଙ୍କୁ ମଧ୍ୟ ପ୍ୟାରେଡ୍ ପଡିଆରେ ଏକାଠି ହେବାକୁ ବାରଣ କରାଯାଇଛି । ପଡିଆ ମଧ୍ୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଂଧ୍ୟାରେ ସଂସ୍କୃତିଭବନ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣକୁ ମଧ୍ୟ ବାତିଲ କରାଯାଇଛି । ସକାଳୁ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଉଥିବା ପ୍ରଭାତଫେରୀ ବନ୍ଦ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଜେଲର ଅନ୍ତେବାସୀମାନଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ କରାଯିବ ନାହିଁ । ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ରାମଧୂନ ରେକର୍ଡ ଯୋଗେ ସହରରେ ପରିବେଷଣ କରାଯିବ । ମୁଖ୍ୟ ଅତିଥି ସହର ମଧ୍ୟରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ । ବିଭିନ୍ନ ଅନୁଷ୍ଠାନମାନେ ସକାଳ ୭ ଘଟିକା ୩୦ ମିନିଟ୍ ସମୟରେ ନିଜ ଅନୁଷ୍ଠାନରେ କୋଭିଡ୍-୧୯ ମାର୍ଗଦର୍ଶିକା ଅନୁଯାୟୀ ଜାତୀୟ ପତାକା ଉତୋଳନ କରିବେ । ମୁଖ୍ୟ ଅତିଥି ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ସକାଳ ୯ଘ.୧୫ ମିନିଟ୍‌ରେ ଜାତୀୟ ପତାକା ଉତୋଳନ କରିବା ସହିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ । ଚଳିତ ବର୍ଷ କୋଭିଡ୍ ଯୋଦ୍ଧା ମାନଙ୍କୁ ନିମନ୍ତ୍ରଣ କରାଯିବା ସହିତ

▶▶ପୃଷ୍ଠା ୭

ଦିନକରେ ୬୯ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ

♦୧୨୪୫ରେ ପହଞ୍ଚିଲା ବାଲେଶ୍ୱର ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା

♦ମାଣିଖମ୍ବରେ ୭ ଦିନ ପାଇଁ ଜାରି କଣ୍ଟେନମେଣ୍ଟ କଟକଣା

ବାଲେଶ୍ୱର,୭।୮ (ନି.ପ୍ର): ବାଲେଶ୍ୱରରେ ଗତ କିଛିଦିନ ଧରି କ୍ରମାଗତ ଭାବେ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଯାଇଛି । ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି । ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେବାକୁ ଯାଉଛି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୪୫ରେ ପହଞ୍ଚିଛି । ଅଦ୍ୟାବଧି ୮୮୧ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୩୫୮ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି । ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଚିହ୍ନଟ ହୋଇଥିବା ପିଜିଟିଭ୍‌ଙ୍କ ମଧ୍ୟରୁ ୩୦ଟି କ୍ୱାରେଣ୍ଟାଇନ୍ କେସ୍ ଥିବା ବେଳେ ଅନ୍ୟ ୩୯ଟି ସ୍ଥାନୀୟ ସଂକ୍ରମଣ ବୋଲି ସରକାରୀ ସୂତ୍ରରୁ ଜଣାଯାଇଛି । କ୍ୱାରେଣ୍ଟାଇନ୍ କେସ୍ ମଧ୍ୟରୁ ବାଲେଶ୍ୱର ପୌରାଞ୍ଚଳରେ ୧୩ ଜଣ ଥିବା ବେଳେ ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳରୁ ୧୭ ଜଣ ଅଛନ୍ତି । ସେହିପରି ସ୍ଥାନୀୟ ସଂକ୍ରମଣ କ୍ଷେତ୍ରରେ ବି ବାଲେଶ୍ୱର ପୌରାଞ୍ଚଳ ଆଗରେ ଥିବା ରିପୋର୍ଟରୁ ଜଣାଯାଇଛି । ୩୯ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରୁ ୧୮ ଜଣ ବାଲେଶ୍ୱର ପୌରାଞ୍ଚଳରୁ ବୋଲି କୁହାଯାଉଛି । ତେବେ ସହରର ମାଣିଖମ୍ବରୁ ଏକକାଳୀନ ୧୦ ଜଣ ଚିହ୍ନଟ ହେବାପରେ ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି । ୬ ତାରିଖ ମଧ୍ୟରାତ୍ରିରୁ ୧୩ ତାରିଖ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ଏହି ଅଞ୍ଚଳରେ କଣ୍ଟେନମେଣ୍ଟ କଟକଣା ବଳବତ୍ତର ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହି ଅଞ୍ଚଳର ଦୁର୍ଗାପ୍ରସାଦଙ୍କ ଘର ଛକ, ସବିର ଖାନ୍‌ଙ୍କ ଘର ଛକ, ଗୋଲାମ ଶୋଭନ ଖାଁଙ୍କ ଘର ଛକ, ଗଣେଶ ହାଲଦାର ଘର ଛକ, କମଳ ହାଲଦାର ଘର ଛକ, କାସିଦାନ ବିବି ଦୋକାନ ଛକ, ଆଶିଷ ରଂଜନ ଦାସ ଘରଛକକୁ ନେଇ କଣ୍ଟେନମେଣ୍ଟ ଜୋନର ସୀମା ନିର୍ଦ୍ଧାରଣ କରାଯାଇଛି । କଟକଣା ଅବଧି ମଧ୍ୟରେ ଏହି ଅଞ୍ଚଳରୁ କେହି ବାହାରି ପାରିବେନି ଓ ଏହି ଅଞ୍ଚଳକୁ କେହି ପ୍ରବେଶ କରିପାରିବେ ନାହିଁ । କଣ୍ଟେନମେଣ୍ଟ ଜୋନରେ ଆଇନଶୃଙ୍ଖଳା ରକ୍ଷା ପାଇଁ ସଦର ତହସିଲଦାର ଓ ଟାଉନଥାନା ଅଧିକାରୀ, ଐହି ଅଞ୍ଚଳରେ ବସବାସ କରୁଥିବା ପରିବାରଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବା ପାଇଁ ବାଲେଶ୍ୱର ମ୍ୟୁନିସପାଲଟିର କର୍ମଚାରୀ, ସ୍ୱାସ୍ଥ୍ୟସେବା ପାଇଁ ସୁନହଟ ହସପିଟାଲର ମେଡିକାଲ ଅଫିସର, ସ୍ୱଚ୍ଛତା ଓ ବିଶୋଧନ ପାଇଁ ଅଗ୍ନିଶମ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ସମସ୍ତ ବିଭାଗର ତଦାରଖ ପାଇଁ ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ବାଲେଶ୍ୱର ସହରରେ ଦିନକୁ ଦିନ ବଢ଼ି ଚାଲିଥିବା ସଂକ୍ରମିତଙ୍କ ସଂଖ୍ୟାକୁ ନେଇ ସହରବାସୀ ଆତଙ୍କିତ ହୋଇପଡ଼ିଥିବା ବେଳେ ପ୍ରଶାସନର ଚିନ୍ତା ମଧ୍ୟ ବଢ଼ିଛି । ଗତ ୨୪ ଘଣ୍ଟା ମଧ୍ୟରେ କ୍ୱାରେଣ୍ଟାଇନ୍ ସେଣ୍ଟରରୁ ସହରର ୧୩ ଜଣ ଓ ସ୍ଥାନୀୟ ସଂକ୍ରମଣ ଭାବେ ୧୮ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଆଗାମୀ ଦିନରେ ସ୍ଥିତି କ'ଣ ରହିବ ତାହାକୁ ନେଇ ସବୁ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ନୀଳଗିରି ସଟ୍‌ଡାଉନ: ଆତଙ୍କ ସୃଷ୍ଟି କରିଛି କରୋନା

ନୀଳଗିରି,୭।୮ (ନି.ପ୍ର): ସମଗ୍ର ବିଶ୍ୱରରେ କରୋନା ମହାମାରୀ ତାର କାୟା ବିସ୍ତାର କରି ଚାଲିଥିବା ବେଳେ ଆମ ଦେଶ ତଥା ରାଜ୍ୟ ଏଥିରୁ ବାଦ ପଡିନାହିଁ ।ପ୍ରତି ଘରେ କରୋନା ମହାମାରୀ କବାଟ ଠକ୍‌ଠକ୍ କରିଛୁ ।କେବଳ ସାମାଜିକ ଦୂରତା ତାର ଏକ ମାତ୍ର ପନ୍ଥା ।ଗୋଟିଏ ପଟେ ସାମାଜିକ ଦୂରତା ସାଙ୍ଗକୁ ଘରେ ରହି ସୁସ୍ଥ ରହିବା ଲାଗି ସରକାର ନିର୍ଦ୍ଦେଶ ଦେଉଥିବା ବେଳେ ଧିରେ ଧିରେ ଲୋକଙ୍କର ଆର୍ଥିକ ମାନଦଣ୍ଡ ଭୁଷୁଡି ପଡିବାକୁ ବସିଲାଣି ।ବାହାରେ କରୋନା ଘରେ ପରିବାର ଚଳାଇବାର ଚିନ୍ତା ଏବେ ମୁଖ୍ୟ ସମସ୍ୟା ହୋଇ ଛିଡା ହୋଉଛି ।ଦୀର୍ଘ ୫ମାସ ଧରି ଘରେ ରହି ଅର୍ଜିତ ଧନ ବସି ଖାଇ ସାରିଥିବା ବେଳେ କେମିତି ଚଳାଇବାକୁ ପଡିବ ପରିବାର ଏବେ ସବୁରି ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଛି ।ଏହି କରୋନା ମହାମାରୀ ନୀଳଗିରିକୁ କବଳିତ କରିବାକୁ ବସିଲାଣି ।କ୍ରମାଗତ ଭାବେ ନୀଳଗିରି ଉପଖଣ୍ଡରେ ୬୧ଜଣ କରୋନା ଚିହ୍ନଟ ପରେ ପ୍ରଶାସନ ଠାରୁ ଆରମ୍ଭ କରି ଲୋକମାନଙ୍କ ଭିତରେ ଆତଙ୍କ ଖେଳି ଯାଇଛି ।ଗୋଟିଏ ଦିନରେ ଘାଟଘରସାହି ଅଞ୍ଚଳରେ ଗୋଟିଏ ପରିବାରର ୫ଜଣ ସଦସ୍ୟ କରୋନା ଚିହ୍ନଟ ହେବା,ସନ୍ତରାଗଡିଆ ଅଞ୍ଚଳର ଜଣେ ସମ୍ବାଦିକ ଆକ୍ରାନ୍ତ ହୋଇ କୋଭିଡ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି ।ସେହିପରି ସାମ୍ବାଦିକଙ୍କ ସଂସ୍ପର୍ଶରେ ଆସିଥିବା ଔପଦା ବ୍ଲକର ଯୁବ ବିଜେଡି ନେତା ସଂକ୍ରମଣ ହୋଇଥିବାର ଜଣାଯାଇଛି ।ସେଥିପାଇଁ ଶ୍ୟାମସୁନ୍ଦରପୁର ପଞ୍ଚାୟତର ସରପଞ୍ଚ ଉଷାରାଣୀ ରାଉଳ ପଞ୍ଚାୟତକୁ ସଟ୍‌ଡାଉନ ଘୋଷଣା କରିଛନ୍ତି ।ନୀଳଗିରି ବ୍ଲକରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କ ସ୍ୱାବ ରିପୋର୍ଟ ପଜିଟିଭ ଆସିବା ପରେ ସଂପୂର୍ଣ୍ଣ ବ୍ଲକ କାର୍ଯ୍ୟାଳୟର କର୍ମଚାରୀଙ୍କ ମୁହରେ କୋକୁଆ ଭୟ ସୃଷ୍ଟି ହୋଇଛି ।ଉକ୍ତ କାର୍ଯ୍ୟାଳୟରେ କର୍ମଚାରୀ ମାନେ ତାଙ୍କ ସଂସ୍ପର୍ଶରେ ଆସିଥିବାରୁ ନିଜକୁ ନିଜେ ଘରେ ରହିଥିବାର ଜଣାଯାଇଛି ।ପ୍ରଶାସନ ପକ୍ଷରୁ ବ୍ଲକ ଅଫିସ ଏବଂ ଆକ୍ରାନ୍ତ

▶▶ପୃଷ୍ଠା ୭

ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର, ୦୭ ଅଗଷ୍ଟ - ଆଜି ଗଂଜାମ ଜିଲ୍ଲାରେ ୨୬୮ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୨୩୫୯ ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୪୧୧, ବାଲେଶ୍ୱର ଜିଲ୍ଲାରେ ୧୨୪୫, ବରଗଡ ଜିଲ୍ଲାରେ ୫୭୬, ଭଦ୍ରକ ଜିଲ୍ଲାରେ ୮୫୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ୫୮୮ . ବୌଦ୍ଧ ଜିଲ୍ଲାରେ ୧୯୬, କଟକ ଜିଲ୍ଲାରେ ୨୮୫୫, ଦେବଗଡ ଜିଲ୍ଲାରେ ୯୬, ଢେଙ୍କାନାଳ ଜିଲ୍ଲାରେ ୪୯୫. ଗଜପତି ଜିଲ୍ଲାରେ ୧୮୬୯, ଜଗତସିଂହପୁର ଜିଲ୍ଲାରେ ୮୩୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୧୫୨୭, ଝାରସୁଗୁଡା ଜିଲ୍ଲାରେ ୩୮୩, କଳାହାଣ୍ଡି ଜିଲ୍ଲାରେ ୪୩୩, କନ୍ଧମାଳ ୭୮୮, କେନ୍ଦ୍ରାପଡା ଜିଲ୍ଲାରେ ୬୩୫, କେନ୍ଦୁଝର ଜିଲ୍ଲାରେ ୧୦୦୮, ଖୋର୍ଦ୍ଧା ଜିଲ୍ଲାରେ ୫୮୨୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୧୦୯୪ , ମାଲକାନଗିରି ଜିଲ୍ଲାରେ ୮୦୯, ମୟୁରଭଂଜ ଜିଲ୍ଲାରେ ୮୨୨. ନବରଙ୍ଗପୁର ଜିଲ୍ଲାରେ ୩୪୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୮୬୩, ନୂଆପଡା ଜିଲ୍ଲାରେ ୧୬୨ , ପୁରୀ ଜିଲ୍ଲାରେ ୧୧୨୬, ରାୟଗଡା ଜିଲ୍ଲାରେ ୧୩୨୫. ସମ୍ବଲପୁର ଜିଲ୍ଲାରେ ୮୭୫. ସୁବର୍ଣ୍ଣପୁର ଜିଲ୍ଲାରେ ୧୫୬ ଓ ସୁନ୍ଦରଗଡ ଜିଲ୍ଲାରେ ୧୯୯୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ

ଜିଲ୍ଲାପାଳଙ୍କଠାରେ ସାରଗାଁ ପଞ୍ଚାୟତବାସୀଙ୍କ ଫେରାଦ

ବାଲେଶ୍ୱର,୭।୮ (ନି.ପ୍ର): ସାରଗାଁ ଗ୍ରାମ ପଞ୍ଚାୟତରେ ସରପଞ୍ଚଙ୍କ ଦ୍ୱାରା ବେଆଇନ୍ ଭାବେ ବିଭିନ୍ନ ପ୍ରକଳ୍ପ ନାମରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଗ୍ରାମବାସୀମାନେ ଆଜି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସାରଗାଁ ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟରେ ହୋଇଥିବା ଅନିୟମିତତା ଓ ଅର୍ଥ ଆତ୍ମସାତ୍ ସମ୍ପର୍କରେ ଅବଗତ କରିଛନ୍ତି । ବିଶେଷ କରି ବାର୍ଷିକ ପ୍ରକଳ୍ପ ତାଲିକାରେ ସ୍ଥାନୀତ ନ କରି କିମ୍ବା ପଲ୍ଲୀ ସଭା ତଥା ଗ୍ରାମସଭାରେ ଅନୁମୋଦିତ ନ କରି ସରପଞ୍ଚ ରବୀନ୍ଦ୍ର ନାୟକ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ନାମରେ ୬ ଲକ୍ଷ ୩୧ ହଜାର ୨୦୦ ଟଙ୍କାର ବିଲ୍ ଅର୍ଥ ଉଠାଇଥିବା ଗ୍ରାମବାସୀମାନେ କହିଛନ୍ତି । ସେହିଭଳି ସିଏଫସି ଯୋଜନାରେ ଯ୍ୟୁବଜ୍ୟୋତି କମ୍ୟୁନିଟି ସେଣ୍ଟର ମରାମତି ବାବଦରେ ଦେଢ଼ଲକ୍ଷ, ସରସ୍ୱତୀ କମ୍ୟୁନିଟି ସେଣ୍ଟର ମରାମତି ନାମରେ ୧ ଲକ୍ଷ, ହରିସଭା କମ୍ୟୁନିଟି ସେଣ୍ଟର ମରାମତି ନାମରେ ୨ ଲକ୍ଷ, ଦଳସୁଆ ରାସ୍ତା ନବୀକରଣ ନାମରେ ଦେଢ଼ଲକ୍ଷ, କଂକ୍ରିଟ୍ ରୋଡ଼ ନିର୍ମାଣ ବବଦରେ ୧ଲକ୍ଷ ୪୦ ହଜାର, ପୂର୍ବରୁ ନରେଗା ଯୋଜନାରେ ହାଇଥିବା କାର୍ଯ୍ୟକୁ ପୁଣି ଥରେ ମରାମତି ନାମରେ ଦେଢ଼ଲକ୍ଷ ଏମିତି ଆହୁରି ବହୁ ମିଥ୍ୟା ପ୍ରକଳ୍ପ ନାମରେ ଜାଲ ବିଲ୍ ସହାୟତାରେ ସରପଞ୍ଚ ଶ୍ରୀ ନାୟ ୩୦ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ୍ କରିଥିବା ଗ୍ରାମବାସୀମାନେ କହିଛନ୍ତି । ଏଥି ସହିତ ପଞ୍ଚାୟତର ବିଭିନ୍ନ ପୋଖରୀ ଲିଜ୍ ଅର୍ଥ, ମାର୍କେଟ କମ୍ପ୍ଲେକ୍ସର ଭଡ଼ା ଅର୍ଥ ମଧ୍ୟ ବିନା ଅନୁମୋଦନରେ ଖର୍ଚ୍ଚ କରିଥିବା ସେମାନେ କହିଛନ୍ତି । ୨୦୧୭-୧୮ ମସିହାରୁ ପଞ୍ଚାୟତର କେସବୁକ୍ କିମ୍ବା ଅନ୍ୟାନ୍ୟ ରେକର୍ଡ଼ ଅଡିଟ୍ ହୋଇନଥିବା ବେଳେ ତୁରନ୍ତ ଅଡିଟ୍ ସହ ଏହି ଘୋଟାଲାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମ ଦାବି କରିଛନ୍ତି । ନତୁବା ଆଗାମୀ ଦିନରେ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସେମାନେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କୁପ୍ରଦାନ କରିଥିଲେ । ସ୍ମାରକପତ୍ର ପ୍ରଦାନ ବେଳେ ବିଜେପି ନେତା ପର୍ଶୁରାମ ପରିଡ଼ା, ଜିତେନ୍ଦ୍ର ସିଂ, ରଣଜିତ୍ କୁମାର ଦାଶ, ଜୀବନ ନାୟକ, ଆଦିତ୍ୟ ରଥ, ପୀତବାସ ଦାସ, ଅନନ୍ତ ଦାସ, ଆନନ୍ଦ ପାଢ଼ୀ, ସୁରେଶ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ ।

ନୂତନ ଶିକ୍ଷାନୀତିକୁ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ସ୍ୱାଗତ

କଟକ,୭।୮ (ନି.ପ୍ର): ଚଉତିରିଶ ବର୍ଷର ବ୍ୟବଧାନ ପରେ କେନ୍ଦ୍ର ସରକାର ପ୍ରଣୟନ କରିଥିବା ନୂତନ ଶିକ୍ଷାନୀତି ୨୦୨୦କୁ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ସ୍ୱାଗତ କରାଯାଇଛି । ମହାସଂଘର ଜାତୀୟ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ନାରାୟଣ ମହାନ୍ତି ଏଠାରେ ଏକ ବିବୃତିରେ କହିଛନ୍ତି ଯେ, ଶିକ୍ଷାକ୍ଷେତ୍ରରେ ବ୍ୟୟବରାଦ ଜିଡିପିର ଶତକଡ଼ା ୪.୩ରୁ ଶତକଡ଼ା ୬କୁ ବୃଦ୍ଧି କରିବା ଉପରେ ନୂତନ ଶିକ୍ଷାନୀତିରେ ଆଲୋକପାତ କରାଯାଇଛି । ତା' ଛଡ଼ା ଗରିବ ପିଲାଙ୍କୁ ବେସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନରେ ବିନା ମୂଲ୍ୟରେ ବା ବୃତ୍ତି ଦେଇ ପଢ଼ାଇବାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଦୂରଦର୍ଶୀ ତଥା ନମନୀୟ ନୂତନ ଶିକ୍ଷାନୀତିରେ ଏହିପରି ବହୁବିଧ ସ୍ୱାଗତଯୋଗ୍ୟ ସଂସ୍କାର ସ୍ଥାନ ପାଇଛି ।

କାର୍ଯ୍ୟାଳୟରେ ତାଲା : ନାହିଁ ନାହିଁରେ ଚାଲିଛି ଉଦ୍ୟାନ ବିଭାଗ

ଉଦ୍ୟାନ ଭବନ
ଜଳେଶ୍ୱର

ଜଳେଶ୍ୱର, ୭/୮ (ନି.ପ୍ର) : ଉଦ୍ୟାନ ବିଭାଗ ଦ୍ୱାରା ଚାଷୀଙ୍କୁ ଅର୍ଥକାରୀ ଫସଲ ଚାଷ କରିବାପାଇଁ ସରକାର କେତେକ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ଜଳେଶ୍ୱର ବ୍ଲକରେ ତାର ସଫଳ ରୂପାୟନ ହୋଇ ପାରୁନାହିଁ । ଫଳରେ ଏହି ବିଭାଗ ଏବେ ସ୍ଥାଣୁ ପାଲଟିଛି । ଜଳେଶ୍ୱରରେ ଭୂମୀ ରୂପ କେଉଁଠି ଉଚ୍ଚ ତ ହେଉଁଠି ତଳିଆ ଅଟେ । ଏଠାରେ ୪୭୪ ହେକ୍ଟର ଉଚ୍ଚ ଜମି, ୮୦୧୭ ହେକ୍ଟର ସମତଳ ଓ ୧୧୭୦୯ ହେକ୍ଟର ତଳିଆ ଅଂଚଳ ରହିଛି । ଉଚ୍ଚ ଓ ସମତଳ ଅଂଚଳରେ ଉଦ୍ୟାନ ବିଭାଗ ପକ୍ଷରୁ ଫଳଚାଷ ନେଇ କେତେକ ଅନୀୟମିତତା ହେଉଥିବା ଅଭିଯୋଗ ହେଉଛି । ଚଳିତବର୍ଷ ୧୦୦ ହେକ୍ଟର ଜମିରେ କାଜୁ, ୧୦ ହେକ୍ଟର ଜମିରେ ଆମ୍ବ ଓ ଅନ୍ୟ ୧୦ ହେକ୍ଟର ଜମିରେ ନଡିଆଚାଷ ହେଉଥିବା ସୂଚନା ମିଳିଛି । ଏହି ସବୁ ଚାଷ ରାଇବଣିଆ ଅଂଚଳର ଖୁଆଡ, ଶ୍ୟାମନଗର, ପୁରୁଣାପାଣି, ବରଡିହା, କଳମା ଇତ୍ୟାଦି ପଂଚାୟତରେ ହେଉଥିବାର କହୁଯାଇଥିବା ବେଳେ ଏନ୍‌ଆର୍‌ଇଜିଏସ୍ କାର୍ଯ୍ୟନେଇ ଅସନ୍ତୋଷ ବଢିବାରେ ଲାଗିଛି । ଏ ସଂପର୍କରେ ଆଜି କେତେକ ଗଣମାଧ୍ୟମ ପ୍ରତିନିଧି ଉଦ୍ୟାନ ବିଭାଗର କାର୍ଯ୍ୟାଳୟକୁ ଯାଇଥିବା ବେଳେ ଦିନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ତାଲା ପଡିଥିବାର ଦେଖିବାକୁ ମିଳିଛି । ଏ ସଂପର୍କରେ ସହକାରୀ ଉଦ୍ୟାନବିତ୍ ଓ ବିଭାଗୀୟ ଡେପୁଟି ଡାଇରେକ୍ଟରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା । କାର୍ଯ୍ୟଳେୟରେ ତାଲା ପଡିବା ଏବଂ ଏଠାରେ ଉପ ଉଦ୍ୟାନବିତ୍ ,୨ଜଣ ସମ୍ପ୍ରସାରଣ ଅଧିକାରୀ ଓ ୩ଜଣ ଉଦ୍ୟାନସାଥି ନିଯୁକ୍ତି ପାଇଥିଲେ ମଧ୍ୟ ଜଣେହେଲେ କେହି ରହୁନଥିବାରୁ ଚାଷୀମାନେ ବାରମ୍ବାର ଆସି ଫେରୁଥିବା ଅଭିଯୋଗ ହୋଇଛି । କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

ଉଦ୍‌ଘାଟିତ ହେଲା 'ବୈଠକ ବଙ୍ଗଳା' ଓ ଭଗବାନ ମହାପାତ୍ରଙ୍କ ଜୀବନୀପୁସ୍ତକ

'ଦୃଢ଼ ଇଚ୍ଛାଶକ୍ତି ସଫଳତାର ଚାବିକାଠି'

ଭଗବାନପୁର ପାର୍ଥସାରଥି ସଂସ୍ଥା

ବାଲେଶ୍ୱର,୭।୮ (ନି.ପ୍ର): ଜଣେ ବ୍ୟକ୍ତିର ଏକନିଷ୍ଠ ସାଧନା ଓ ନିରନ୍ତର ପ୍ରୟାସ ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇ ଥାଏ । ଯାହାର ଜ୍ୱଳନ୍ତ ଉଦାହରଣ ରୂପ୍‌ସା ଅଞ୍ଚଳର ବରିଷ୍ଠ ନାଗରିକ ଭଗବାନ ମହାପାତ୍ର ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଛନ୍ତି । ସେ ଛାତ୍ରଜୀବନରୁ ବହୁ ଦୁଃଖ ଓ ଦାରିଦ୍ର୍ୟକୁ ସମ୍ମୁଖୀନ ହୋଇବି ଦୃଢ଼ ଇଚ୍ଛାଶକ୍ତି ବଳରେ ରୂପ୍‌ସା ଅଞ୍ଚଳରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନଗଢ଼ି ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛନ୍ତି । ପରିଣତ ବୟସରେ ନିଜେ ଭଗବାନପୁର ନାମକ ଏକ ଗ୍ରାମ ବସାଇ ସେହିଗ୍ରାମରେ ଏକ 'ବୈଠକବଙ୍ଗଳା' ବା ସଭାଗୃହକୁ ତିନିଲକ୍ଷଟଙ୍କା ବ୍ୟୟରେ ନିର୍ମାଣକରି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି । ଗତ ପାଞ୍ଚତାରିଖ ପୂର୍ବାହ୍ନରେ ଏହି ବଙ୍ଗଳାକୁ ନବନିଯୁକ୍ତ ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟ ସଦସ୍ୟ କାଳୀପଦ ପଣ୍ଡା ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାସହ ଶ୍ରୀ ମହାପାତ୍ରଙ୍କ ଲିଖିତ ଆତ୍ମଜୀବନୀ 'ଦୃଢ଼ଇଚ୍ଛାଶକ୍ତି ସଫଳତାର ଚାବିକାଠି'କୁ ଏବଂ ଶ୍ରୀ ମହାପାତ୍ରଙ୍କ ପ୍ରତିଷ୍ଠିତ 'ଆମ ପରିବାର ଆମ ପଞ୍ଚାୟତ' ପତ୍ରିକାର ବ୍ୟାସଦେବଜୟନ୍ତୀ ସଂଖ୍ୟାକୁ ଉନ୍ମୋଚନ କରିଥିଲେ । କୋଭିଡ ନିୟମମାନି, ସାମାଜିକ ଦୂରତା ରକ୍ଷାକରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥିଭାବେ ଗାଳ୍ପିକ ସାନ୍ତନୁ ପଟ୍ଟନାୟକ, ବେତନଟୀ ସି. ଆରସି. ତଥା ପ୍ରବଚକ ବିରଞ୍ଚି ଦାସ, ଗାୟକ ଜୟନ୍ତ ପାଣିଗ୍ରାହୀ, ମୁଦ୍ରକ କିଶୋର ଚନ୍ଦ୍ର ମହାପାତ୍ର, ଲେଖକ ଗୌରହରୀ ପ୍ରହରାଜ, ଗୋବିନ୍ଦ ଶତପଥୀ, ଶ୍ରୀକାନ୍ତ କର ପ୍ରମୁଖ

▶▶ପୃଷ୍ଠା ୭

କୋଭିଡ ପରିଚାଳନାର ସମୀକ୍ଷା କଲେ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ

ଭଦ୍ରକ,୭।୮ (ନି.ପ୍ର): ଭଦ୍ରକ ଜିଲ୍ଲାର କୋବିଡ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢୀ ଜିଲ୍ଲାର କୋବିଡ ପରିଚାଳନା ନେଇ ସମୀକ୍ଷା କରିଛନ୍ତି । ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀଯୁକ୍ତ ପାଢୀ ଜିଲ୍ଲାରେ କ୍ୱାରେଣ୍ଟାଇନ କେନ୍ଦ୍ରରେ ରହୁଥିବା ଅନ୍ତେବାସୀଙ୍କ ସମସ୍ୟା, କୋବିଡ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ଆକ୍ରାନ୍ତଙ୍କ ଚିକିତ୍ସା, ଖାଇବା ପିଇବା, ଜିଲ୍ଲାରେ ହେଉଥିବା ସାମ୍ପୁଲ ସଂଗ୍ରହ ସମ୍ପର୍କରେ ପଚାରି ବୁଝିଥିଲେ । ଯେଉଁ ଆକ୍ରାନ୍ତମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ସେମାନଙ୍କୁ ପ୍ଲାଜମା ଦାନ ପାଇଁ ପ୍ରବର୍ତ୍ତାଇବା ଓ ସଚେତନ କରିବା ନେଇ ଗୁରୁତ୍ୱାରୋପ କରିଥିଲେ । ଲୋକମାନେ କରୋନା ଆକ୍ରାନ୍ତଙ୍କ ପ୍ରତି ସତର୍କ ରହନ୍ତୁ, ମାତ୍ର ସେମାନଙ୍କୁ ଶତୃତା ଯେପରି ନକରନ୍ତି ସେ ଦିଗରେ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ । ଜିଲ୍ଲାରେ ଦୃତ କରୋନା ସଂକ୍ରମଣକୁ ଆଖି ଆଗରେ ରଖି ସମଗ୍ର ଜିଲ୍ଲାରେ ବହୁ ସଂଖ୍ୟାରେ କ୍ୟାମ୍ପ ମାଧମରେ ଅଧିକ ଲୋକଙ୍କ ସ୍ୱାବ ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଏସ୍‌ପି ରାଜେଶ ପଣ୍ଡିତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ ପାତ୍ରଙ୍କ ସମତେ ଜିଲ୍ଲାସ୍ତରୀୟ

▶▶ପୃଷ୍ଠା ୭

ମାସ୍କ ଦିବସରୁ ସାମାଜିକ କାର୍ଯ୍ୟ ଆରମ୍ଭ କଲେ ମେ ଆଇ ହେଲ୍ପ ୟୁ

ଜଳେଶ୍ୱର, ୭/୮ (ନି.ପ୍ର) : ଜଳେଶ୍ୱର ବ୍ଲକର କତିପୟ ଯୁବକ ମିଳିତ ହୋଇ ମାସ୍କ ଦିବସ ପାଳନ ଅବସରରେ ମେ ଆଇ ହେଲ୍ପ ୟୁ ଓ ମୋ ପରିବାର ନାମକ ଏକ ସଂସ୍ଥା ଗଠନ କରିଛନ୍ତି । ସଂଗଠନର ଆବାହକ ଜଗନ୍ନାଥ ପରିଡା ଏଥିନେଇ ମାସ୍କର ଆବଶ୍ୟକତା, ବିଶ୍ୱର ବିଭିନ୍ନ ଦେଶରେ ମାସ୍କର ବ୍ୟବହାର, ଏପରିକି ମହାମାରୀ କରୋନା ସମୟରେ ସମଗ୍ର ବିଶ୍ୱରେ ମାସ୍କ ରକ୍ଷା କବଚ ପାଲଟିଥିବା ସଂପର୍କରେ ସୂଚନା ଦେଇଥିଲେ । ସଂଗଠନର ଅନ୍ୟତମ ସଦସ୍ୟ ସତ୍ୟବ୍ରତ ପ୍ରମାଣିକ ଆଜି ଦିନର ପବିତ୍ରତା ସଂପର୍କରେ ବର୍ଣ୍ଣନା କରିବା ସହିତ ଶାନ୍ତିଆ ଗାଁରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ବିଭିନ୍ନ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରିବା, ଜଳେଶ୍ୱରର ଗାନ୍ଧି ସେବାଶ୍ରମରେ ଶୃଙ୍ଖଳା ଖାଦ୍ୟ ବଣ୍ଟନ କରିବା ସହ ଆଗାମୀ ଦିନରେ ଏହି ସଂଗଠନ ସାମାଜିକ କାର୍ଯ୍ୟରେ ବ୍ରତୀ ରହିବେ ବୋଲି ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅଶୁତୋଷ ଜେନା, ଚନ୍ଦନ ପାତ୍ର, ଅଜିତ୍ ଜେନା, ତୋପାନ ଆଚାର୍ଯ୍ୟ, ଇପ୍‌ସିତା ପ୍ରଧାନ ଓ କାଳିଚରଣ ରାଜ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମରେ ଆଜି ଭାଗ ନେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at
Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo